

‘ଦ ରାଜା ସାବ୍’ର ଗୀତ ରିଲିଜ୍

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-149 ♦TUESDAY ♦25 NOVEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୪୯ ♦ମଙ୍ଗଳବାର ♦୨୫ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




# ବଲିଉଡ୍‌ର 'ହି-ମ୍ୟାନ୍' ଧର୍ମେନ୍ଦ୍ରଙ୍କ ପରଲୋକ

■ ମୁମ୍ବଇ, ୨୪।୧୧ (ଏଜେନ୍ସି): ଆଉ ଜଣେ କିମ୍ବଦନ୍ତୀ ଅଭିନେତାଙ୍କୁ ହରାଇଛି ବଲିଉଡ୍। ହିନ୍ଦୀ ଚଳଚ୍ଚିତ୍ର ଜଗତର ହି-ମ୍ୟାନ ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ରଙ୍କ ପରଲୋକ ହୋଇଛି। ସୋମବାର ଅପରାହ୍ଣ ୧.୧୦ରେ ୮୯ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘ ୬ ଦଶନ୍ଧି ଧରି ସେ ପ୍ରଶଂସକଙ୍କ ହୃଦୟରେ ରାଜ୍ କରୁଥିବା ଧର୍ମେନ୍ଦ୍ର ପ୍ରାୟ ୩୦୦ ସିନେମାରେ ଅଭିନୟ କରିଥିଲେ। ତାଙ୍କ ସହ ବଲିଉଡ୍‌ରେ ଗୋଟିଏ ଯୁଗର ଅବସାନ ହୋଇଛି। ସେ ଆଗାମୀ ପିଢ଼ି ପାଇଁ ଏକ ବଳିଷ୍ଠ ପରମ୍ପରା ଛାଡି ଯାଇଛନ୍ତି। ମୁମ୍ବଇର ଭିଲେ ପାର୍ଲେ ଶ୍ମଶାନରେ ନିରାଡ଼ମ୍ବରରେ ଅପରାହ୍ଣ ୩ଟାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଧର୍ମେନ୍ଦ୍ରଙ୍କ ଦେହାନ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ପ୍ରମୁଖ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ

**ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି**

**ଶୋକ ପ୍ରକାଶ କଲେ ମୋହନ, ନବୀନ**

**ମହାନାୟକଙ୍କୁ ଅନ୍ତିମ ବିଦାୟ ଦେଲେ ସିନେ ତାରକା**

ଚରଣ ମାଝୀ ଓ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧର୍ମେନ୍ଦ୍ରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଧର୍ମେନ୍ଦ୍ରଙ୍କ ବିୟୋଗରେ ଭାରତୀୟ ସିନେମାରେ ଏକ ଯୁଗର ଅନ୍ତ ହେଲା ବୋଲି କହିଛନ୍ତି। ଅଭିନେତା ଅମିତାଭ ବଚ୍ଚନ, ଶାହରୁଖ ଖାନ୍, ସଞ୍ଜୟ ଦତ୍ତ, ସଲମାନ ଖାନ୍, ଅମୀର ଖାନ, ରଣବୀର ସିଂ, ଦୀପିକା ପାଦୁକୋନଙ୍କ ସମେତ ବହୁ ବଲିଉଡ୍ ତାରକା ଶ୍ମଶାନରେ ଉପସ୍ଥିତ ରହି ଏହି ମହାନାୟକଙ୍କ ଅନ୍ତିମ ବିଦାୟ ଦେଇଛନ୍ତି।

ଗତ କିଛିଦିନ ହେବ ଧର୍ମେନ୍ଦ ଅସୁସ୍ଥ ଥିଲେ। ସେ ବୟାସାଧିକ ଜନିତ ରୋଗରେ ପୀଡ଼ିତ ଥିଲେ। ଗତ ୧୦ ତାରିଖରେ ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ହେବାରୁ ତାଙ୍କୁ ମୁମ୍ବଇର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ସମୟରେ ଗଣମାଧ୍ୟମରେ ତାଙ୍କର ମୃତ୍ୟୁ ଖବର ପ୍ରସାର ହୋଇଥିଲା। କିନ୍ତୁ ପରିବାର ଲୋକେ ଖବରକୁ ଖଣ୍ଡନ କରି ଦେଇଥିଲେ। ଏହାର ଦୁଇ ଦିନ ପରେ ଗତ ୧୨ ତାରିଖରେ ଧର୍ମେନ୍ଦ୍ରଙ୍କୁ ହସ୍ପିଟାଲରୁ ଆଣି ଘରେ ଚିକିତ୍ସା କରାଯାଉଥିଲା। ▶ପୃଷ୍ଠା-୭




▶ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି: ପୃଷ୍ଠା-୨

# ମିଲ୍ ଖୁନ୍ଦାଖୁନ୍ଦି: ଧାନ କିଣିବାକୁ ଅମଙ୍ଗ ମିଲର୍

■ ଭୁବନେଶ୍ୱର, ୨୪।୧୧(ସମିସ): ମିଲ୍‌ରେ ମହଜୁଦ ରହିଛି ପର୍ଯ୍ୟାପ୍ତ ପରିମାଣରେ ଧାନ। ଗତ ଖରିଫ୍ ଋତୁର ଧାନ ମିଲିଂ ସରିନାହିଁ, ରବି ଋତୁ ଧାନ ଆସି ଗଦା ହୋଇଛି। ଏପରି ଅବସ୍ଥାରେ ଚଳିତ ଖରିଫ ଧାନ କିଣିବାକୁ ମିଲର ନାରାଜ। ମିଲ୍‌ରେ ଫାଙ୍କା ସ୍ଥାନ ନ ଥିବାରୁ ଧାନ କିଣିଲେ କେଉଁଠାରେ ରଖିବୁ ବୋଲି ସରକାରଙ୍କୁ ପାଲଟା ପ୍ରଶ୍ନ କରୁଛନ୍ତି। ଏହାକୁ ନେଇ ସରକାର-ମିଲରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଛକାପଞ୍ଝା ଚଳିତ ବର୍ଷ ଧାନ କିଣାରେ ଅହେତୁକ ବିଳମ୍ବ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଚାଷୀ ନେତାମାନେ ମିଲର-ସରକାରଙ୍କ ଏହି ବିବାଦକୁ କେବଳ ଚାଷୀଙ୍କୁ ଭୂଆଁ ବୁଲାଇବାକୁ ଉଦ୍ଦିଷ୍ଟ ବୋଲି ଅଭିଯୋଗ କରିଛନ୍ତି।

**ପ୍ରତିଶ୍ରୁତି ସତ୍ତ୍ୱେ କଷ୍ଟମ୍ ମିଲିଂ ଦର ବଢ଼ାଇଲେନି ସରକାର**

**ରକ୍ଷଣାବେକ୍ଷଣ ଖର୍ଚ୍ଚ ଦେଉ ନ ଥିବାରୁ ଅସନ୍ତୋଷ**

ମିଲରମାନଙ୍କ ଅଭିଯୋଗ ଅନୁଯାୟୀ ସରକାର ଧାର୍ଯ୍ୟ ସମୟରେ ଉତ୍ପାଦିତ ସମସ୍ତ ଚାଉଳ ଉଠାଉ ନ ଥିବାରୁ ବହୁ ପରିମାଣରେ ଚାଉଳ ଗଚ୍ଛିତ ରହିଛି। ଧାନକୁ ଚାଉଳ କରି ରଖିଲେ ନଷ୍ଟ ହେବାର ଆଶଙ୍କା ଥିବାରୁ ମିଲିଂ ହୋଇପାରୁନାହିଁ। ସରକାରଙ୍କ ପାଖରେ ଧାନ ଓ ଚାଉଳ ଗଚ୍ଛିତ ରଖିବା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ନ ଥିବାରୁ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ସେହିପରି ମିଲ୍‌ରେ ଧାନ ଗଚ୍ଛିତ ରଖିଲେ ତାହାର ରକ୍ଷଣାବେକ୍ଷଣ ପାଇଁ ସରକାର କ୍ୱିଣ୍ଟାଲ ପିଛା ୭.୨୦ ଟଙ୍କା ଦେବାର ପ୍ରାବଧାନ ରହିଛି। ମାତ୍ର ଗତ ଦୁଇ ଆର୍ଥିକ ବର୍ଷରେ ଏଥିପାଇଁ ମିଲରମାନଙ୍କୁ ଚାଉଳ ଗଚ୍ଛିତ ରଖିବା ବାବଦ ଅର୍ଥରାଶି ▶ପୃଷ୍ଠା-୭

## ଚାଷୀ-ମିଲର୍ସ ସଲାସୁତୁରାରେ କଟ୍‌ନୀଛଟ୍‌ନୀ: ମନ୍ତ୍ରୀ

■ ଭୁବନେଶ୍ୱର, ୨୪।୧୧(ସମିସ): ଧାନ କିଣା ସମୟରେ ଚାଷୀ ଓ ମିଲର୍ସ ପରସ୍ପର ମଧ୍ୟରେ ସଲାସୁତୁରା ହୋଇ କଟନୀଛଟନୀ କରୁଛନ୍ତି। ଏଥିରେ ସରକାର କଣ କରିପାରିବେ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଟିପ୍ପଣୀକୁ ନେଇ ଆରମ୍ଭ ହୋଇଛି ବିବାଦ। ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ କଟନୀଛଟନୀ ନେଇ ମନ୍ତ୍ରୀଙ୍କ ମନ୍ତବ୍ୟ ଚାଷୀଙ୍କ ପ୍ରତି ଘୋର ଅପମାନ। ନିଜେ ନିଜର କ୍ଷତି କରିବାକୁ ଚାଷୀ କେମିତି ଚିନ୍ତା କରିବ ବୋଲି ସେ ପ୍ରଶ୍ନ କରିବା ସହ ମନ୍ତ୍ରୀ ତୃଣମୂଳସ୍ତରର ସ୍ଥିତି ଜାଣୁ ନ ଥିବା କଟାକ୍ଷ କରିଛନ୍ତି।

**ମନ୍ତ୍ରୀଙ୍କ ବେପରୁଆ ମନ୍ତବ୍ୟ ଚାଷୀଙ୍କ ପ୍ରତି ଘୋର ଅପମାନ: ବିଜେଡି**

**ପ୍ରତିଶ୍ରୁତି ଭୁଲିଛନ୍ତି ସରକାର, ସବୁଠାରେ କଟନୀଛଟନୀ: କଂଗ୍ରେସ**

ଗତବର୍ଷ ଚାଷୀଙ୍କ ଠାରୁ କୁଇଣ୍ଟାଲ ପିଛା ୧୦ରୁ ୧୨ କିଲୋ ଲେଖାଏଁ କଟନୀଛଟନୀ କରାଯାଇଛି। ବିନା କଟନୀଛଟନୀରେ ଧାନ କିଣା ନେଇ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଚାଷୀର ସ୍ୱାର୍ଥ ରକ୍ଷା କରିବା ଓ କଟନୀଛଟନୀ ରୋକିବା ପାଇଁ ସରକାରଙ୍କ ଆନ୍ତରିକତା ନାହିଁ। ଅପରପକ୍ଷରେ ଚଳିତବର୍ଷ କେନ୍ଦ୍ର ସରକାର ଧାନ କୁଇଣ୍ଟାଲ ପ୍ରତି ୬୦ ଟଙ୍କା ବଢ଼ାଇଥିବାବେଳେ ତାହାକୁ ରାଜ୍ୟ ସରକାର ଓଡ଼ିଶାର ଚାଷୀଙ୍କୁ ପ୍ରଦାନ ନ କରିବା ପାଇଁ ଯୋଜନା କରିଥିବା ସେ ଅଭିଯୋଗ କରିଛନ୍ତି। ସରକାର ଦେଉଥିବା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡିରୁ ଏହି ଟଙ୍କା କାଟିଦେବେ। ଫଳରେ ଚାଷୀ ଆର୍ଥିକ କ୍ଷତିରେ ପଡ଼ିବେ। ଏନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଅନୁରୂପ ଭାବରେ କଂଗ୍ରେସ ବିଧାୟକ ଦଳ ▶ପୃଷ୍ଠା-୭

# ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଶପଥ



■ ନୂଆଦିଲ୍ଲୀ, ୨୪।୧୧ (ଏଜେନ୍ସି): ଜଷ୍ଟିସ ସୂର୍ଯ୍ୟକାନ୍ତ ଭାରତର ୫୩ ତମ ପ୍ରଧାନ ବିଚାରପତି (ସିଜେଆଇ) ହୋଇଛନ୍ତି। ରାଷ୍ଟ୍ରପତି ଭବନରେ ସୋମବାର ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ହିନ୍ଦୀରେ ଶପଥ ନେଇ ସାରିବେ ପରେ ସିଜେଆଇ କାର୍ଯ୍ୟକ୍ରମରେ ଉପସ୍ଥିତ ନିଜ ଭଉଣୀ ଏବଂ ବଡ଼ ଭାଇଙ୍କୁ ପାଦ ଛୁଇଁ ପ୍ରଣାମ କରିଥିଲେ। ଏହି ଅବସରରେ ତାଙ୍କ ପରିବାରର ଅନ୍ୟ ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ଏହା ପରେ ସେ ଉପ-ରାଷ୍ଟ୍ରପତି ସିପି

**ନୂଆ ଉଦାହରଣ ସୃଷ୍ଟିକଲେ ବିଦାୟୀ ସିଜେଆଇ ଗଭାଇ**

**ଉତ୍ତରାଧିକାରୀଙ୍କ ପାଇଁ ଛାଡ଼ିଗଲେ ସରକାରୀ ଗାଡ଼ି**

ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଥିଲେ। ପୂର୍ବତନ ପ୍ରଧାନ ବିଚାରପତି ବିଆର ଗଭାଇ ନିଜ ଉତ୍ତରାଧିକାରୀଙ୍କୁ କୁଣ୍ଢାଇ ପକାଇ ଥିଲେ। ପ୍ରଥମ ଥର ପାଇଁ ଏହି ସମାରୋହରେ ବ୍ରାଜିଲ, ଭୁଟାନ, କେନିଆ, ମାଲେସିଆ, ▶ପୃଷ୍ଠା-୭

**ବାହାରେ କମ୍ ଦରମାରେ ଚାକିରି ରୁଚୁନି**

# ୪ ବର୍ଷ ହେଲା ପିଏମ୍‌କେଭିୱାଇ ବନ୍ଦ

■ ବାଲେଶ୍ୱର, ୨୪।୧୧ (ସମିସ): କିଏ ପ୍ରାଇଭେଟ୍ ଚାକିରି ପାଇଁ ଆଗ୍ରହୀ ହେଉନାହାନ୍ତି ତ କାହା ପାଇଁ ଭାଷା ବାଧକ ସାଜୁଛି। ପୁଣି କାହାକୁ ବାହାର ଖାଦ୍ୟ ରୁଚୁନି। ଏସବୁ ପ୍ରତି ଆଖି ବୁଜିଦେଲେ ବି ସବୁଠାରୁ ବଡ଼ ସମସ୍ୟା ହେଉଛି ଦରମା। ଯେତିକି ଦରମା ମିଳୁଛି, ଆଜିକା ମହଙ୍ଗା ଯୁଗରେ ସେଥିରେ ପରିବାରର ଗୁଜୁରାଣ୍ଟ ମେଣ୍ଟାଇବା ଏକପ୍ରକାର ଅସମ୍ଭବ। ତେଣୁ, ଘରେ ଖାଇ ଘୋଡ଼ା ଆଗେ ଡେଇଁବାଠାରୁ ଘରେ ବସିବା ଶ୍ରେୟସ୍କର ଭାବି ଅନେକ ଯାଉନାହାନ୍ତି। ଯେଉଁମାନେ ବି ଯାଉଛନ୍ତି, ସେମାନେ ମାସେ ଦୁଇମାସ କାମ କରିବା ପରେ ପେଡ଼ିପୁଟୁଳା ଧରି ଘରକୁ ଫେରିଆସୁଛନ୍ତି। ଏହିସବୁ କାରଣରୁ କେନ୍ଦ୍ର ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ବାଲେଶ୍ୱର ଜିଲ୍ଲାରେ ବାଟବଣା ହୋଇଯାଇଛି। ଅବସ୍ଥା ଏମିତି ଯେ ଗଲା ୪ବର୍ଷ ହେବ ଜିଲ୍ଲାରେ ଏହି ଯୋଜନା ବନ୍ଦ ରହିଥିବା ନେଇ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟରୁ ସୂଚନା ମିଳିଛି।

ଯୁବବର୍ଗଙ୍କୁ କୁଶଳୀ କରିବା ତଥା ଜାତୀୟ/ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ ସୁଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଆରମ୍ଭ କରାଯାଇଥିଲା। ଗୋଟିଏ ଯୋଜନାରେ ଗୋଟିଏ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ପ୍ରାୟ ୫ରୁ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏହି ଯୋଜନାରେ ବାଲେଶ୍ୱର ଜିଲ୍ଲାରୁ ଦୁଇ ବର୍ଷରେ ୭୪୦ଜଣ ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏମାନଙ୍କ ମଧ୍ୟରୁ ମାତ୍ର ୧୦୨ଜଣ ପ୍ରାଇଭେଟ୍ ସେକ୍ଟରରେ ନିଯୁକ୍ତି ପାଇଛନ୍ତି। ଅନେକ ପିଲା ନିଯୁକ୍ତି ପାଇବା ପରେ ମଧ୍ୟ ଚାକିରିରେ ଯୋଗଦେବାକୁ ଯାଉନାହାନ୍ତି। ସମସ୍ତଙ୍କୁ ଚାକିରି ପାଇଁ ମାଡ୍ରାସ, ପୁଣେ, ବେଙ୍ଗାଲୁରୁ ଆଦି ସହରକୁ ପଠାଯାଉଛି। କମ୍ ଦରମାରେ ଏସବୁ ସହରରେ ଚଳିବା କଷ୍ଟସାଧ ହୋଇଥିବାରୁ ସେମାନେ ଯିବାକୁ ମଙ୍ଗୁନାହାନ୍ତି। ସେହିପରି, ଜଣେ ନିଯୁକ୍ତି ପାଇବାର ଦୁଇ ମାସ ପର୍ଯ୍ୟନ୍ତ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଦୁଇ ମାସ ଟ୍ରାକିଂ କରାଯାଏ। ଏହାପରେ ପିଲା କଥା କେହି ବୁଝନ୍ତିନି।


PMKVY
PRADHAN MANTRI KAUSHAL VIKAS YOJANA

ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁଯାୟୀ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (ପିଏମକେଭିୱାଇ ୨.୦) ରେ ୨୦୧୯-୨୦ ମସିହାରେ ଏଚ୍‌ଏଲ୍‌ଏଫ୍ ପିଟିଟି ପକ୍ଷରୁ ସହରର ଶୋଭାରାମପୁରରେ ରିଟେଲ୍ ସେଲସ୍, ଏକ୍ସପୋର୍ଟ ଆସିଷ୍ଟାଣ୍ଟ, ଡ୍ରାଫ୍ଟସମ୍ୟାନ୍ ମେକାନିକାଲ ପଦ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା। ରିଟେଲ ସେଲସ୍ ରେ ୧୨୦ଜଣ ପ୍ରଶିକ୍ଷିତ ପ୍ରାର୍ଥୀରୁ ୪୫ଜଣ, ଡ୍ରାଫ୍ଟସମ୍ୟାନ୍ ମେକାନିକାଲରେ ୨୪୦ଜଣ ପ୍ରଶିକ୍ଷିତ ପ୍ରାର୍ଥୀରୁ ୩୩ଜଣ ନିଯୁକ୍ତି ପାଇଥିଲେ। ଏକ୍ସପୋର୍ଟ ଆସିଷ୍ଟାଣ୍ଟରେ ୯୦ଜଣ ପ୍ରଶିକ୍ଷଣ ନେଇଥିଲେ ହେଁ କେହି ନିଯୁକ୍ତି ହୋଇ ନଥିଲେ।

ସେହିପରି, ୨୦୨୦-୨୧ ମସିହାରେ କୌଣସି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇନାହିଁ। ୨୦୨୧-୨୨ ମସିହାରେ ପିଏମକେଭିୱାଇ ୩.୦ରେ ▶ପୃଷ୍ଠା-୭

**ଅଢ଼େଇ ମାସ ହେଲା ନିଖୋଜ ଥିଲେ**

# ପୋଖରୀରୁ ମିଳିଲା ଓକିଲଙ୍କ କଙ୍କାଳ, କାର୍




■ ବାରିପଦା / ସାରସକଣା, ୨୪।୧୧ (ସମିସ): ଅଢ଼େଇ ମାସ ଧରି ନିଖୋଜ ଥିବା ଜଣେ ଆଇନଜୀବୀଙ୍କ କଙ୍କାଳ ଆଜି ଏକ ପୋଖରୀରୁ ଉଦ୍ଧାର ହୋଇଛି। ମୃତ ଆଇନଜୀବୀଜଣଙ୍କ ହେଲେ, ବିଶୋଇ ଥାନା ଅଧୀନ ଟୁରକଚୁଟାଣୀ ଗ୍ରାମର ଗୁଲେଶ ଚନ୍ଦ୍ର ଗୋଚ୍ଛାୟତ (୪୨)। ପୋଖରୀରୁ ତାଙ୍କ କାର୍ ମଧ୍ୟ ଉଦ୍ଧାର ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଗୁଲେଶଙ୍କୁ ହତ୍ୟା କରିବା ପରେ ଏହାକୁ ଦୁର୍ଘଟଣାର ରୂପ ଦେବା ପାଇଁ ଅପଚେଷ୍ଟା କରାଯାଇଥିବା ତାଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ଗତ ସେପ୍ଟେମ୍ବର ୧୧ତାରିଖରୁ ଗୁଲେଶ ନିଖୋଜ ଥିଲେ। ତାଙ୍କ କାର୍‌ର ମଧ୍ୟ ପତ୍ତା ମିଳୁନଥିଲା। ଏ ସଂପର୍କରେ ପରିବାର ପକ୍ଷରୁ ▶ପୃଷ୍ଠା-୭

**ସମୁଦ୍ର ମଧ୍ୟରେ ଏକାଧିକ ଘୂର୍ଣ୍ଣିବଳୟ**

# ଆଗକୁ ବଢ଼ିପାରୁନି ଲଘୁଚାପ

■ ଭୁବନେଶ୍ୱର, ୨୪।୧୧ (ସମିସ): ବର୍ତ୍ତମାନ ପ୍ରଶାନ୍ତ ମହାସାଗରରେ ଗୋଟିଏ ବାତ୍ୟା ସକ୍ରିୟ ରହିଛି। ଏହାସହ ମଲାକ୍କା ସମୁଦ୍ର ଏବଂ ଦକ୍ଷିଣ-ଆଣ୍ଡାମାନ ସାଗର ଉପରେ ଏକ ସଦୃଶ ଲଘୁଚାପ ରହିଛି। ଏହା ବ୍ୟତୀତ କୋମ୍‌ରିନ୍ ପାର୍ଶ୍ୱବର୍ତ୍ତୀ ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ଏବଂ ଶ୍ରୀଲଙ୍କା ଉପରେ ଗୋଟିଏ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବା ବେଳେ ଆରବ ସାଗର ଉପରେ ଆଉ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ସମୁଦ୍ର ମଧ୍ୟରେ ଗୋଟିଏ ସମୟରେ ଏତେଗୁଡ଼ିଏ ଲଘୁଚାପ ଓ ଘୂର୍ଣ୍ଣିବଳୟ ଘେରି ରହିଥିବାରୁ ଉଭୟେ ଉଭୟଙ୍କୁ ପ୍ରଭାବିତ କରୁଛନ୍ତି। ଏହାର ପରିଣାମ ସ୍ୱରୂପ ଦୀର୍ଘ ୬ ଦିନ ପରେ ମଧ୍ୟ ମଲ୍ଲାକା ସମୁଦ୍ର ନିକଟରେ ଥିବା ସଦୃଶ ଲଘୁଚାପ ବଙ୍ଗୋପସାଗରରେ ପହଞ୍ଚିପାରି ନାହିଁ। ଏହି ଲଘୁଚାପ ବାତ୍ୟାରେ ପରିଣତ ହେବ ବୋଲି ଆଇଏମ୍‌ଡି ପୂର୍ବରୁ ଆକଳନ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହା ଆଗକୁ ବଢ଼ୁ ନ ଥିବାରୁ ବାତ୍ୟା ସୃଷ୍ଟି ହେବା ଓ ଏହା ଆନ୍ଧ୍ର-ଓଡ଼ିଶା ଉପକୂଳ ମୁହାଁ ହେବା ଉପରେ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପଟେ ଶ୍ରୀଲଙ୍କା ଉପରେ ରହିଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଲଘୁଚାପ ସୃଷ୍ଟି ହେବା ସହ ଏହା ବାତ୍ୟାରେ ▶ପୃଷ୍ଠା-୭



**ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ଆଶଙ୍କା କ୍ଷୀଣ**

# ମୟୂରଭଞ୍ଜରେ ‘ସ୍ୱଚ୍ଛ ଭାରତ’ର ବିକଳ ଚିତ୍ର

## ଏବେ ବି ବାହାରେ ମଳତ୍ୟାଗ କରୁଛନ୍ତି ୩୨ ହଜାର ପରିବାର

■ ବାରିପଦା, ୨୪।୧୧ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ସ୍ୱଚ୍ଛ ଭାରତର ବିକଳ ଚିତ୍ର ଦେଖିବା ମିଳୁଛି। ଏବେ ବି ୩୨ ହଜାର ପରିବାର ଖୋଲାଆକାଶ ତଳେ ମଳତ୍ୟାଗ କରୁଛନ୍ତି। ଜିଲ୍ଲାର ୨୬ଟି ବ୍ଲକରୁ ୧୯ଟିରେ ୬୦ ପ୍ରତିଶତ ତଳେ ପାଇଖାନା ନିର୍ମାଣ ସରିଛି। ଫଳରେ ବାହ୍ୟ ମଳମୁକ୍ତ ଗ୍ରାମ ଜିଲ୍ଲାରେ ଦିଗହରା ସାଜିଛି। ଗତ ୨୦୧୪ରୁ ଯେଉଁ ପାଇଖାନା ନର୍ମାଣ ହୋଇଥିଲା ତାହା ନଷ୍ଟ ହେବା ଓ ବ୍ୟବହାରଯୋଗ୍ୟ ନ ହେବା ପରେ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଧୀନରେ ବ୍ୟକ୍ତିଗତ ଘରୋଇ ପାଇଖାନା (ଆଇଏଚଏଚଏଲ) ନିର୍ମାଣ ହୋଇପାରୁନି। ଆଉ ଯେଉଁ ପାଇଖାନା ନିର୍ମାଣ ହେଉଛି ସେଠାରେ ସେପ୍ଟିକ୍ ଟାଙ୍କିର ପାଣିକୁ ନାଳରେ ଛଡାଯିବା ସ୍ୱଚ୍ଛତାକୁ ପଦାରେ ପକାଇଛି। ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଆଇଏଚଏଚଏଲରେ ସରକାରଙ୍କ ପକ୍ଷରୁ ୧୫ ହଜାର ଟଙ୍କା ପ୍ରଦାନ କରୁଛନ୍ତି; କିନ୍ତୁ ଯେଉଁ ଲକ୍ଷ୍ୟ ନେଇ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ରହିଥିଲା ତାହା ସାଧାନ ହେବ କ'ଣ



ବାଟବଣା ହୋଇଛି। ମୟୂରଭଞ୍ଜ ଜିଲ୍ଲାରେ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଧୀନରେ ବ୍ୟକ୍ତିଗତ ଘରୋଇ ଶୌଚାଳୟ ନିର୍ମାଣରେ ଓ ଜିଓ-ଟ୍ୟାଗିଂରେ ଭୟଙ୍କର ଧୀର ଗତି ଜାରି ରହିଛି। ସରକାର କହୁଛନ୍ତି ଓଡିଏଫ୍

**ବାହ୍ୟ ମଳମୁକ୍ତ ଗ୍ରାମ ଦିଗହରା**

ମୁକ୍ତ; କିନ୍ତୁ ଗାଁରେ ଶୌଚାଳୟ ନାହିଁ। ନଭେମ୍ବର ୨୦୨୫ ସୁଦ୍ଧା ଜିଲ୍ଲାର ମୋଟ ଲକ୍ଷ୍ୟ ୭୭,୯୧୫ ଥିବା ବେଳେ ୭୭,୧୮୭ (୯୯.୦୬%) ସମନ୍ୱିତ ପରିଚାଳନା ସୂଚନା ସିଷ୍ଟମ୍ (ଆଇଏମଆଇଏସ)ରେ ଏଣ୍ଟ୍ରି ହୋଇଛି। କିନ୍ତୁ ୪୫,୬୪୦ (୫୮.୫୮%) ଶୌଚାଳୟ ଜିଓ-ଟ୍ୟାଗ୍ ହୋଇଛି। ଅର୍ଥାତ୍ ୩୨,୨୭୫ ପରିବାର ଏବେ ବି ଖୋଲା ମଳତ୍ୟାଗ କରୁଛନ୍ତି। ଜିଲ୍ଲାରେ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ୨୬ଟି ବ୍ଲକର ଆଇଏଚଏଚଏଲ ଜିଓ-ଟ୍ୟାଗିଂ ସ୍ଥିତି ଦିନକୁ ଦିନ ଅତି ସଙ୍ଗୀନ ହେବାରେ ଲାଗିଛି। ମିଳିଥିବା ସୂଚନା ମୁତାବକ, ଗୋପବନ୍ଧୁନଗର ବ୍ଲକ ୯୫୯ଟି ପାଇଖାନା ନିର୍ମାଣ ଲକ୍ଷ୍ୟ ମଧ୍ୟରୁ ୭୨୪ଟି ଜିଓ-ଟ୍ୟାଗ୍ କରି ୭୫.୫% ସହ ପ୍ରଥମ ସ୍ଥାନରେ ରହିଛି। ଶୁଳିଆପଦା ୪୮୦୬ରୁ ୩୪୯୪ (୭୨.୭%), ଉଦଳା ୨୩୪୦ରୁ ୧୬୨୯ (୬୯.୬%), ଖୁଣ୍ଟା ୧୦୮୨ରୁ ୭୪୯ (୬୯.୨%), କପ୍ତିପଦା ୬୮୦୨ରୁ ୪୫୭୫ (୬୭.୩%), କୁଳିଆଣା ୫୩୨୯ରୁ ୩୫୫୦ (୬୬.୬%), ମୋରଡ଼ାରେ ୩୧୦୦ରୁ ୨୦୬୨ (୬୬.୫%), ସାରସକଣା ୨୯୭୨ରୁ ▶ପୃଷ୍ଠା-୭

# ଅଲ୍‌ବିଦା ହି-ମ୍ୟାନ୍

## କୃଷ୍ଣ ଦେଓ୍ୱଲରୁ ଧର୍ମେନ୍ଦ୍ର

ଧର୍ମେନ୍ଦ୍ରଙ୍କ ପ୍ରକୃତ ନାଁ କୃଷ୍ଣ ଦେଓ୍ୱଲ। ତେବେ ସେ ଫିଲ୍ମକୁ ଆସିବା ପରେ ଧର୍ମେନ୍ଦ୍ର ନାଁରେ ଲୋକପ୍ରିୟ ହେଲେ। ସେ ୧୯୩୫ ମସିହା ଡିସେମ୍ବର ୮ ତାରିଖରେ ଲୁଧିଆନାର ସାହନେବାଲ ଗାଁରେ ଜନ୍ମଗ୍ରହଣ କରିଥିଲେ। ସେ ଦ୍ୱାଦଶ ଶ୍ରେଣୀ ଯାଏଁ ପାଠ ପଢ଼ିଛନ୍ତି। ଆଗକୁ ପଢ଼ିବାକୁ ଚାହୁଁଥିଲେ, ହେଲେ ଅଭିନୟ ନିଶା ତାଙ୍କର ଏତେ ବେଶି ହେଲା ଯେ ସେ ଆଉ ପାଠ ପଢ଼ିଲେ ନାହିଁ।





ଆଉ ନାହାଁନ୍ତି ବଲିଉଡ୍‌ର **ହି-ମ୍ୟାନ୍** ଧର୍ମେନ୍ଦ୍ର। ଅସଂଖ୍ୟ ପ୍ରଶଂସକଙ୍କୁ ଶୋକ ସାଗରରେ ଭସାଇ ୮୯ ବର୍ଷ ବୟସରେ ସୋମବାର ପରଲୋକ ଗମନ କରିଛନ୍ତି 'ଡ୍ରିମ୍‌ଗର୍ଲ'ଙ୍କ ଡ୍ରିମ୍ ପୁରୁଷ ବୀରୁ। ରୋମାଣ୍ଟିକ୍ ହେଉ କି ଆକ୍ସନ୍ ଅଥବା କମେଡ଼ି ପ୍ରତ୍ୟେକ ଚରିତ୍ରକୁ ପରଦାରେ ଜୀବନ୍ତ କରିପାରୁଥିଲେ ସେ। ସାତ ଦଶନ୍ଧିର କ୍ୟାରିୟରରେ ୩୦୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ହିନ୍ଦୀ ସିନେମା ଇଣ୍ଡଷ୍ଟ୍ରୀରେ ସବୁଠୁ ଅଧିକ ହିଟ୍ ଫିଲ୍ମ ଦେବାର ଶ୍ରେୟ ଧର୍ମେନ୍ଦ୍ରଙ୍କୁ ଯାଏ। 'ଦିଲ୍ ଭି ତେରା ହମ୍ ଭି ତେରେ' ଫିଲ୍ମରୁ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। 'ଫୁଲ୍ ଔର୍ ପଥର' ଫିଲ୍ମ ଦେଇଥିଲା ତାଙ୍କୁ 'ହି-ମ୍ୟାନ୍'ର ପରିଚୟ। ଏହି ଫିଲ୍ମରେ ସେ ସାର୍ଟ ଖୋଲି ଦର୍ଶକଙ୍କ ପ୍ରିୟ 'ହି-ମ୍ୟାନ୍' ପାଲଟି ଯାଇଥିଲେ। ସେ ହିନ୍ଦୀ ସିନେମାର ପ୍ରଥମ ଆକ୍ସନ୍ ଷ୍ଟାର୍ ଥିଲେ। ଷ୍ଟଣ୍ଟ ମ୍ୟାନ୍ ବିନା ନିଜେ ଷ୍ଟଣ୍ଟ ସିନ୍ କରୁଥିଲେ। 'ଶୋଲେ', 'ଚୁପ୍‌କେ ଚୁପ୍‌କେ', 'ସତ୍ୟକାମ', 'ଅନୁପମା', 'ଧରମ୍‌ବୀର' ଆଦି ଫିଲ୍ମରେ ସେ ନିଖୁଣ ଅଭିନୟ ଦ୍ୱାରା ଦର୍ଶକଙ୍କ ହୃଦୟରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଥିଲେ। ବୟସାଧିକ ସତ୍ତ୍ୱେ ବି ଧର୍ମେନ୍ଦ୍ର ଅଭିନୟ ଛାଡ଼ି ନ ଥିଲେ। ତାଙ୍କୁ ଶେଷଥର ପାଇଁ 'ତେରି ବାତୋଁ ମେଁ ଐସା ଉଲ୍‌ଝା ଜିୟା'ରେ ଦେଖିବାକୁ ମିଳିଥିଲା। ସେ 'ଇକ୍କିସ୍' ଫିଲ୍ମରେ ମଧ୍ୟ ଅଭିନୟ କରିଥିଲେ। ଏହି ଫିଲ୍ମଟି ଡିସେମ୍ବର ୨୫ରେ ରିଲିଜ ହେବ। ହେଲେ ତାଙ୍କ ଫିଲ୍ମ ରିଲିଜ୍ ହେବା ପୂର୍ବରୁ ସେ ଏ ଦୁନିଆରୁ ବିଦାୟ ନେଇଛନ୍ତି। ଜୀବନ ଯୁଦ୍ଧରେ ହାରିଯାଇଥିଲେ ସୁଦ୍ଧା ଧର୍ମେନ୍ଦ୍ର ତାଙ୍କର ସ୍ମିତହାସ୍ୟ, ଗମ୍ଭୀର ସଂଳାପ, ବଳିଷ୍ଠ ଅଭିନୟ ମାଧ୍ୟମରେ ସବୁବେଳେ ଦର୍ଶକଙ୍କ ହୃଦୟରେ ରହିବେ।

## ଅମର କରିଛି 'ବୀରୁ'

ସେ ତାଙ୍କ ସିନେମା କ୍ୟାରିୟରରେ ୩୦୦ ସିନେମା କରିଛନ୍ତି। ହେଲେ ତାଙ୍କ ଜୀବନର ସବୁଠୁ ସ୍ମରଣୀୟ ସିନେମା ହେଉଛି 'ଶୋଲେ।' ଏହି ସିନେମାରେ ବୀରୁ ଚରିତ୍ର ତାଙ୍କୁ ଅମର କରାଇଛି। ଧର୍ମେନ୍ଦ୍ରଙ୍କ ନାଁ ନେବା ମାତ୍ରେ ହିଁ ଏହି ଚରିତ୍ରଟି ଆପେ ସମସ୍ତଙ୍କ ମନକୁ ଆସିଯାଏ। ସିନେମାଟି ଏବେ ଏବେ ଗୋଲଡେନ ଜୁବଲି ମଧ୍ୟ ପୂରା କରିଛି।

## ଦୁଇ ଥର ବିବାହ

ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ର ଦୁଇ ଥର ବିବାହ କରିଥିଲେ। ୧୯୫୪ ମସିହାରେ ପ୍ରଥମେ ସେ ପ୍ରକାଶ କୌରଙ୍କୁ ବିବାହ କରିଥିଲେ। ସେତେବେଳେ ସେ ଦୁଇଟି ପୁତ୍ର ସନ୍ତାନ ଓ ଦୁଇଟି କନ୍ୟା ସନ୍ତାନର ପିତା ହୋଇଥିଲେ। ସେମାନେ ହେଲେ ସନି ଦେଓ୍ୱଲ, ବବି ଦେଓ୍ୱଲ, ବିଜେତା ଦେଓ୍ୱଲ ଏବଂ ଅଜିତା ଦେଓ୍ୱଲ। ସେହିପରି ୧୯୮୦ ମସିହାରେ ତାଙ୍କଠାରୁ ୧୩ ବର୍ଷ ସାନ ଡ୍ରିମ୍‌ଗର୍ଲ ହେମାମାଳିନୀଙ୍କ ସହିତ ତାଙ୍କର ଦ୍ୱିତୀୟ ବିବାହ ହେଲା। ପରବର୍ତ୍ତୀ ସମୟରେ ହେମାମାଳିନୀ ଓ ଧର୍ମେନ୍ଦ୍ରଙ୍କର ଈଶା ଓ ଅହାନା ହେଲେ ଦୁଇ ସନ୍ତାନ। 'ତୁମ୍ ହସିନ୍ ମେଁ ଜବାନ୍' ସେଟ୍‌ରେ ହେମାମାଳିନୀଙ୍କ ସହ ଧର୍ମେନ୍ଦ୍ରଙ୍କ ପ୍ରଥମ ସାକ୍ଷାତ ହୋଇଥିଲା। ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଗଲା। ଦୁହେଁ ପରସ୍ପରକୁ ଭଲ ପାଇ ବସିଲେ। ଧର୍ମେନ୍ଦ୍ର ବିବାହିତ ଜାଣି ବି ଡ୍ରିମ୍‌ଗର୍ଲ ତାଙ୍କ ସହିତ ବିବାହ କରିବାକୁ ରାଜି ହୋଇଥିଲେ। ଅନ୍ୟପଟେ ଧର୍ମେନ୍ଦ୍ର ପ୍ରଥମ ପତ୍ନୀଙ୍କୁ ଛାଡ଼ପତ୍ର ଦେବାକୁ ଚାହୁଁ ନ ଥିଲେ। ତେଣୁ ହେମାମାଳିନୀଙ୍କୁ ସେ ୨୧ ଅଗଷ୍ଟ ୧୯୭୯ ମସିହାରେ ଇସ୍‌ଲାମ୍ ରୀତିନୀତିରେ ବିବାହ କଲେ। ପରେ ଏହି ଦମ୍ପତି ୨ ମଇ, ୧୯୮୦ ମସିହାରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ।



## ପ୍ରଥମ ରୋଜଗାର ୫୧ ଟଙ୍କା

୧୯୬୦ ମସିହାରେ ଧର୍ମେନ୍ଦ୍ର ତାଙ୍କର ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଅର୍ଜୁନ ହିଙ୍ଗୋରାନୀଙ୍କ ପ୍ରଥମ ଫିଲ୍ମ 'ଦିଲ୍ ଭି ତେରା, ହମ୍ ଭି ତେରେ'ରେ ତାଙ୍କ ଅଭିନୟ ଦେଖିବାକୁ ମିଳିଥିଲା। ଏଥିରେ ତାଙ୍କୁ ପାରିଶ୍ରମିକ ୫୧ ଟଙ୍କା ମିଳିଥିଲା। ତେବେ ସେ ତାଙ୍କ କ୍ୟାରିୟରର ଆରମ୍ଭ ରୋମାଣ୍ଟିକ୍ ହିରୋ ଭାବେ କରିଥିଲେ। ଅବଶ୍ୟ ଖୁବ୍‌ଶୀଘ୍ର ସେ ଆକ୍ସନ ଷ୍ଟାର୍ ଭାବେ ଲୋକପ୍ରିୟ ହୋଇଥିଲେ। କେବଳ ସେତିକି ନୁହେଁ; ୧୯୬୦-୭୦ରେ ସବୁଠୁ ଅଧିକ ଫିଲ୍ମ ସାଇନ୍ କରିଥିବା ଅଭିନେତା ପାଲଟିଲେ। ଏହି ସମୟରେ ସେ 'ହି ମ୍ୟାନ୍' ଭାବେ ଲୋକପ୍ରିୟ ହେଲେ।



## ବିବାହ ପରେ ଅଭିନୟ

ଧର୍ମେନ୍ଦ୍ରଙ୍କ ପ୍ରଥମ ବିବାହ ପରେ ଫିଲ୍ମ କ୍ୟାରିୟର କରିବା ପାଇଁ ମୁମ୍ବାଇ ଆସିଲେ। ସେ ଫିଲ୍ମଫେୟାର୍ ମାଗାଜିନ୍‌ର 'ନ୍ୟୁ ଟ୍ୟାଲେଣ୍ଟ ଆୱାର୍ଡ' ଜିତି ମୁମ୍ବାଇ ଆସିଥିଲେ। ୧୯୬୦ ମସିହାରେ ସେ 'ଦିଲ୍ ଭି ତେରା ହମ୍ ଭି ତେରେ' ସିନେମାରୁ ଅଭିନୟ ଯାତ୍ରା ଆରମ୍ଭ କରିଥିଲେ। ଏହି ସିନେମା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ତାଙ୍କ ପ୍ରଥମ ସିନେମା ଫ୍ଲପ୍ ହୋଇଥିଲା; ହେଲେ ତାଙ୍କ କ୍ୟାରିୟରର ରାସ୍ତା ଖୋଲି ଯାଇଥିଲା। ଏହାପରେ ସେ ୧୯୬୧ ମସିହାରେ ଲଗାତାର ଅନେକ ହିଟ୍ ସିନେମା ଭେଟି ଦେଲେ। 'ସୋଲା ଔର୍ ଶବ୍‌ନମ୍', 'ଅନ୍‌ପଢ଼', 'ବନ୍ଦିନୀ', 'ଶୋଲେ', 'ସୀତା ଔର୍ ଗୀତା', 'ଧରମ୍ ବୀର୍', 'ୟାଦୋଁ କି ବାରାତ୍', 'ଚରସ୍', 'ଚୁପ୍‌କେ ଚୁପ୍‌କେ' ଭଳି ସିନେମାରେ ଦର୍ଶକଙ୍କ ମନ ଜିଣିଛନ୍ତି। ସେ କେବଳ ଅଭିନେତା ଭାବେ ନୁହେଁ; ପ୍ରଯୋଜକ ଭାବେ ବି କାମ କରି ସଫଳତା ଅର୍ଜନ କରିଛନ୍ତି।









## ଶେଷ ଇନ୍‌ଷ୍ଟା ପୋଷ୍ଟ

ଅକ୍ଟୋବର ୨ ତାରିଖରେ ଧର୍ମେନ୍ଦ୍ର ଇନଷ୍ଟାଗ୍ରାମ୍‌ରେ ଶେଷ ପୋଷ୍ଟ କରିଥିଲେ। ସେ ତାଙ୍କ ଆକାଉଣ୍ଟ @ଆପ୍‌କା ଧରମ୍‌ରେ ଏକ ଭିଡିଓ ବାର୍ତ୍ତା ସେୟାର୍ କରିଥିଲେ। ସେ ଏକ କାର୍ ଉପରେ ବସି ହାତରେ ଗାଡ଼ିର ଷ୍ଟିୟରିଂ ଧରିଥିବା ଏହି ଭିଡିଓରେ ଦେଖିବାକୁ ମିଳିଥିଲା। ନିଜ ଷ୍ଟାଇଲ୍ ଓ ଅନ୍ଦାଜ୍‌ରେ ସେ ନିଜ ପ୍ରଶଂସକଙ୍କୁ ପବିତ୍ର ଦଶହରାର ଶୁଭେଚ୍ଛା ଜଣାଇଥିଲେ।

## ଅଭୁଲା ସଂଳାପ

'ବସନ୍ତୀ ଇନ୍ କୁତୋ କେ ସାମ୍ନେ ମତ୍ ନାଚ୍' (ଶୋଲେ)

'ଉମା ଜି! ସାୟଦ୍ ଆପ୍ କଭି ଖୁଦ୍ କୋ ହସ୍‌ତେ ହୁଏ ନହିଁ ଦେଖା, କଭି ଚୁପ୍‌କେ ସେ ଆଇନେ କେ ସାମ୍‌ନେ ଜା କର୍ ଦେଖିଏ, ଔର୍ ଦେଖିଏ, ୟେ ହସି କିତ୍‌ନେ ଖୁବ୍ ସୁରତ୍ ହୈ।' (ଅନୁପମା)

'କୁତେ କମିନୋ, ମେଁ ତେରା ଖୁନ୍ ପି ଯାଉଁଙ୍ଗା' (ୟାଦୋଁ କେ ବାରାତ୍)

ହ୍ୱେନ୍ ଆଇ ଡେଡ୍, ପୁଲିସ୍ କମିଂ...ପୁଲିସ୍ କମିଂ, ବୁଢ଼ିଆ ଗୋଇଙ୍ଗ ଜେଲ୍...ଇନ୍ ଜେଲ୍ ବୁଢ଼ିଆ ଚକି ପିସିଂ ଆଣ୍ଡ ପିସିଂ, ଆଣ୍ଡ ପିସିଂ, ଆଣ୍ଡ ପିସିଂ।' (ଶୋଲେ)

'ମର୍ଦ୍ଦ କା ଖୁନ୍ ଔର୍ ଔରତ୍ କା ଆଁସୁ ଜବ୍ ତକ୍ ନ ବହେ... ଉନ୍ କି କିମତ୍ ନହିଁ ଲଗାୟୀ ଜା ସକ୍‌ତି।' (ଧରମ୍ ବୀର୍)

'କିସି ଭି ଭାଷା କା ମଜାକ୍ ଉଡ଼ାନା ଘଟିୟାପନ୍ ହୈ, ଔର୍ ମେଁ ୱହି କର୍ ରହା ହୁଁ।' (ଚୁପ୍‌କେ ଚୁପ୍‌କେ)

## ଶ୍ରେଷ୍ଠ ସିନେମା

- ବନ୍ଦିନୀ (୧୯୬୩)
- ହକିକତ୍(୧୯୬୪)
- ଅନୁପମା (୧୯୬୬)
- ଫୁଲ୍ ଔର୍ ପଥର୍ (୧୯୬୬)
- ଆଙ୍ଖେଁ (୧୯୬୮)
- ସତ୍ୟକାମ୍ (୧୯୬୯)
- ଜୀବନ୍ ମୃତ୍ୟୁ (୧୯୭୦)
- ମେରା ଗାଓଁ ମେରା ଦେଶ୍(୧୯୭୧)
- ଗୁଡ଼ି (୧୯୭୧)
- ଶୋଲେ (୧୯୭୫)
- ଚୁପ୍‌କେ ଚୁପ୍‌କେ (୧୯୭୫)
- ଡ୍ରିମ୍‌ଗର୍ଲ (୧୯୭୭)
- ଧରମ୍ ବୀର୍ (୧୯୭୭)
- ୟମ୍‌ଲା, ପଗ୍‌ଲା, ଦିୱାନା (୨୦୧୧)

## +୨ ପରୀକ୍ଷା ଦେବେ ୪ ଲକ୍ଷ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୪।୧୧(ସମିସ): ଫେବୃଆରୀ ତୃତୀୟ ସପ୍ତାହଠାରୁ ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ପ୍ରାୟ ୪ ଲକ୍ଷ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି। କଳା ବର୍ଗରେ ସର୍ବାଧିକ ୨ଲକ୍ଷ ୫୪ହଜାର ୩୨୬ଜଣ ଫର୍ମ ପୂରଣ କରିଥିବା ବେଳେ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର, ବାଣିଜ୍ୟରେ ୨୪ ହଜାର ୩୬୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୮୮୭ଜଣ ପିଲା ରହିଛନ୍ତି। ତନ୍ମଧ୍ୟରେ ୩ ଲକ୍ଷ ୭୩ ହଜାର ୯୧୦ ରେଗୁଲାର୍ ଏବଂ ୨୪ ହଜାର ୬୭୨ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀ ରହିଛନ୍ତି।

ପରୀକ୍ଷା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ପ୍ରସ୍ତୁତି ପ୍ରାୟ ଚୂଡ଼ାନ୍ତ ପ୍ରକ୍ରିୟାରେ ପହଞ୍ଚିଛି। ଫର୍ମ ପୂରଣ ପ୍ରକ୍ରିୟା ସରିଥିବା ବେଳେ ଡିସେମ୍ବର ୨୨ତାରିଖରୁ ଇଣ୍ଟରନାଲ୍ ପରୀକ୍ଷା ଆରମ୍ଭ ହେବ। ବାର୍ଷିକ ପରୀକ୍ଷା ପାଇଁ ଫେବୃଆରୀ ୧୪ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ୧୫ରୁ ୨୫ତାରିଖ ମଧ୍ୟରେ ପରୀକ୍ଷା ଆରମ୍ଭ ହେବ। ଏହା ପୂର୍ବରୁ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ସିଏଚ୍ଏସ୍ଇ ବ୍ୟାପକ ପ୍ରସ୍ତୁତି ଜାରି ରଖିଛି। ପରୀକ୍ଷାରେ ସ୍ୱଚ୍ଛତା ପାଇଁ ଷ୍ଟ୍ରଙ୍ଗରୁମ୍ ସମେତ ପରୀକ୍ଷା ହଲ୍, ଲାବରୋଟାରୀ ଓ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଇବାକୁ ସିଏଚ୍ଏସ୍ଇ ଗୁରୁତ୍ୱ ଦେଇଛି। ବିଶେଷକରି ପ୍ରଥମଥର ପାଇଁ ସେଣ୍ଟର୍ ହେଉଥିବା ଶିକ୍ଷାନୁଷ୍ଠାନରେ ସିସିଟିଭି ସୁନିଶ୍ଚିତ କରିବାକୁ କୁହାଯାଇଛି। ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାକୁ ଯାଞ୍ଚ କରି ତାରିଖ ଓ ସମୟ ଠିକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଗୁଡ଼ିକର ଆଇଡି ଓ ପାସ୍ୱାର୍ଡ ମଧ୍ୟ ଆସନ୍ତା ୨୯ ତାରିଖ ସୁଦ୍ଧା ସିଏଚ୍ଏସ୍ଇକୁ ପ୍ରଦାନ କରିବେ। ଫଳରେ କୃତ୍ରିମ ବୁଦ୍ଧିମତା (ଏଆଇ) ଉପଯୋଗ କରି ପରୀକ୍ଷା ସମୟର ସିଧା ପ୍ରସାରଣ ଦେଖିବା ସହ ସିଏଚ୍ଏସ୍ଇ କାର୍ଯ୍ୟାଳୟରୁ ନିୟନ୍ତ୍ରଣ କରାଯାଇ ପାରିବ। କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ, ସିଧାସଳଖ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ।

## ଛାତରୁ ଖସି ଦୁଇ ଓଡ଼ିଆ ଦାଦନଙ୍କ ମୃତ୍ୟୁ

ସୋର, ୨୪।୧୧ (ସମିସ): ପୁଣି ଦାଦନ ଦୁଃଖ। ଚେନ୍ନାଇରେ ଦାଦନ ଖଟୁଥିବା ବାଲେଶ୍ୱର ଜିଲ୍ଲା ସୋର ଥାନା ଦାଣ୍ଡହରିପୁର ଗ୍ରାମର ଦୁଇ ଶ୍ରମିକ ଛାତରୁ ପଡ଼ି ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଦାଣ୍ଡହରିପୁର ଗ୍ରାମର ଶଶିକାନ୍ତ ମଳିକ (୪୫), ବୀରେନ୍ଦ୍ର ମଳିକ (୩୫)। ଏହି ଦୁର୍ଘଟଣାରୁ ସେମାନଙ୍କ ସାଥୀ ଅରୁଣ ମଳିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ଶଶିକାନ୍ତ, ବୀରେନ୍ଦ୍ର ଓ ଅରୁଣ ଚେନ୍ନାଇର ଏକ ସ୍କ୍ରାପ୍ କମ୍ପାନୀରେ କାମ କରନ୍ତି। ଗତ ଶନିବାର ୩ଜଣ ଯାକ ଏକ ବିଲଡିଂ ଉପରେ ଚଢ଼ି କାନ୍ଥ ଭାଙ୍ଗୁଥିବା ବେଳେ ଶଶିକାନ୍ତ ଏବଂ ବୀରେନ୍ଦ୍ର ଅସାବଧାନତା ବଶତଃ ତିନି ମହଲାରୁ ତଳକୁ ଖସି ପଡ଼ିଥିଲେ। ତେବେ ସୌଭାଗ୍ୟବଶତଃ ଅରୁଣ ଏକ ରଡ୍‌କୁ ଧରି ଝୁଲି ରହି ନିଜ ଜୀବନ ବଞ୍ଚାଇଥିଲେ। ସାଥୀ ଶ୍ରମିକମାନେ ଦୁହିଁଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏହି ଖବର ମିଳିବା ପରେ ଦୁହିଁଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଥିଲା। ଖବର ପାଇ ଉଭୟଙ୍କ ପରିବାରଲୋକେ ଚେନ୍ନାଇରେ ପହଞ୍ଚିଥିଲେ। ବ୍ୟବଚ୍ଛେଦ ପରେ ଦୁହିଁଙ୍କ ଶବକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୋମବାର ଅପରାହ୍ଣରେ ଉଭୟଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ଉଭୟଙ୍କ ମରଶରୀରକୁ ଦୁଇଟି ସ୍ୱର୍ଗରଥରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ସମୟରେ ସରପଞ୍ଚ ମୋନିକା ପରିଡ଼ା, ସମିତି ସଭ୍ୟା ସାଇସ୍ମିତା ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ପରିକ୍ରମା କରିବା ପରେ ଉଭୟଙ୍କ ଶବକୁ ଅନ୍ତିମ ସଂସ୍କାର କରାଯାଇଛି।

## ଆଜିଠୁ ବାଦାମପାହାଡ଼-ଟାଟାନଗର ମେମୁ ୩ ଦିନ ପାଇଁ ବାତିଲ୍

ରାଇରଙ୍ଗପୁର,୨୪।୧୧(ସମିସ): ମରାମତି ନିମନ୍ତେ ବାଦାମପାହାଡ଼-ଟାଟା ନଗର ମେମୁ ଟ୍ରେନ ୩ଦିନ ପାଇଁ ସାମୂହିକ ବନ୍ଦ ରହିବ। ଏନେଇ ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ବିଜ୍ଞପ୍ତି ଯୋଗେ ସୂଚନା ଦିଆଯାଇଛି। ଟାଟା ରେଳବାଇ ରୁଟ୍‌ରେ ଅପରେସନ୍ କାର୍ଯ୍ୟ ନିମନ୍ତେ ବିଭିନ୍ନ ଟ୍ରେନ୍ ବାତିଲ କରାଯାଇଛି। ବାଦାମପାହାଡ଼-ଟାଟାନଗର ମେମୁ ଟ୍ରେନ ମଙ୍ଗଳବାର, ବୁଧବାର ଓ ଗୁରୁବାର ୩ଦିନ ପାଇଁ ବାତିଲ ହୋଇଥିବା ବେଳେ ସାମୂହିକ ବନ୍ଦ ରହିବ। ମରାମତି କାର୍ଯ୍ୟ ଶେଷ ହେବା ପରେ ପୂର୍ବପରି ରୁଟ୍‌ରେ ଟ୍ରେନ୍ ଚଳାଚଳ କରିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।


ସୋମବାର ସକାଳେ କୁହୁଡ଼ି ଚାଦରରେ ଆଚ୍ଛାଦିତ ଶ୍ରୀମନ୍ଦିର (ଫଟୋ-ଅନିଲ)

## ରକ୍ତ ଛିଟାରେ ରାଜ୍ୟ ରକ୍ତରଞ୍ଜିତ



- ବଢୁଛି ହତ୍ୟା, ଗଡ଼ୁଛି ମୁଣ୍ଡ
- ଭୟ ବଢ଼ାଉଛି ଗୁଳିମାଡ଼, ଆକ୍ରମଣ

ଭୁବନେଶ୍ୱର,୨୪।୧୧(ସମିସ): ରକ୍ତ ରଞ୍ଜିତ ହେଉଛି ରାଜ୍ୟ। ହତ୍ୟା, ଲୁଟ୍, ଆକ୍ରମଣ, ଗଣବଳାତ୍କାର, ଗୁଳିକାଣ୍ଡରେ ଲୋକେ ଥରହର ହେଉଛନ୍ତି। ରାଜ୍ୟରେ ଅପରାଧ ଉପରମୁହାଁ, ଅପରାଧୀ ସମ୍ପୂର୍ଣ୍ଣ ଭାବେ ଅଣଆୟତ୍ତ। ପୁଲିସର ସୁରକ୍ଷା ବ୍ୟବସ୍ଥାକୁ ଅପରାଧୀ ଖୋଲାଖୋଲି ଭାବେ ଚ୍ୟାଲେଞ୍ଜ ଦେଉଛନ୍ତି। ଏଭଳି ପରିସ୍ଥିତିରେ ରାଜ୍ୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରବିବାର ରାଜ୍ୟରେ ୪ଟି ହତ୍ୟାକାଣ୍ଡ ହୋଇଥିଲା ବେଳେ ସୋମବାର ରାଜଧାନୀର ରାସ୍ତାକଡ଼ରୁ ଏକ ଖଣ୍ଡବିଖଣ୍ଡିତ ମୃତଦେହ ମିଳିଛି। ରାଜ୍ୟର ପ୍ରତ୍ୟେକ କୋଣଅନୁକୋଣରୁ ଏକାଧିକ ହତ୍ୟା ଘଟଣା ଲୋକଲୋଚନକୁ ଆସିବା ବିଗତ କିଛିଦିନ ହେବ ଦେହସୁଆ ହୋଇଗଲାଣି।

ରାଜଧାନୀରେ ରବିବାର ଜଣେ ମୋମୋ ବିକାଳି ତାଙ୍କ ପତ୍ନୀଙ୍କୁ ଗଳାକାଟି ହତ୍ୟା କରିଥିଲା ବେଳେ ପୁଣି ରାସ୍ତାକଡ଼ରୁ ଏକ ଶବ ମିଳିବା ସହରରେ ଏକ ଭୟର ବାତାବରଣ ସୃଷ୍ଟି କରିଛି। ସେହିପରି କେନ୍ଦ୍ରାପଡ଼ାରେ ୨୪ ଘଣ୍ଟାରେ ୨ଟି ହତ୍ୟା ଘଟଣା ଘଟିଥିଲା। ରାଜନଗର ଥାନପତି ମନ୍ଦିର ପରିସରରେ ବୃଦ୍ଧଙ୍କୁ ହତ୍ୟା କରାଯାଇଥିଲା। କେନ୍ଦ୍ରାପଡା ଗରାପୁରରେ ଗୋଟିଏ ପରିବାରର ୩ ଜଣଙ୍କୁ ଗୁଳିମାଡ଼ କରାଯାଇଥିଲା। ସେହିପରି ବାଲେଶ୍ୱର ଖନ୍ତାପଡ଼ାରେ ମଦ ଦୋକାନ ମ୍ୟାନେଜରଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ ଦୁର୍ବୃତ୍ତ। କନ୍ଧମାଳରେ ନିଶାସକ୍ତ ଯୁବକ ଘଟାଇଥିଲେ ଜଘନ୍ୟ କାଣ୍ଡ। କାଠ ଫାଳିଆରେ ପିଟିପିଟି ବୃଦ୍ଧଙ୍କୁ ହତ୍ୟା କରିଥିଲେ। କୋରାପୁଟ ସୁନାବେଡ଼ାରେ ମାଆକୁ ହତ୍ୟା କରିଥିଲା ପୁଅ। ସେହିପରି ପୁରୀ ସଦର ଥାନା ଇଡିଭୁଆଁ ବଡଗାଁ ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି।

ରାଜ୍ୟରେ ଅପରାଧ ଏଭଳି ଉପରମୁହାଁ ହେବା ପୁଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସର ଚେକିଂ-ବ୍ଲକିଂ କେବଳ ଜିଲ୍ଲା ଏସ୍‌ପିମାନଙ୍କ ଏକ୍ସ ହ୍ୟାଣ୍ଡେଲରେ ସୀମିତ ରହିଯାଇଛି। ଅନେକ ଘଟଣାରେ ଥାନାରେ ଅଭିଯୋଗ ଶୁଣାଯାଉ ନାହିଁ କିମ୍ବା ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଆରୋପ ଉଠୁଛି। ପୁଲିସ ଅପରାଧୀଙ୍କ ସପକ୍ଷରେ କଥା କହୁଛି। ଏତଲା ବଦଳାଇବାକୁ ବାଧ୍ୟ କରାଯାଉଛି। ଯାହାଫଳରେ ପ୍ରକୃତ ଅପରାଧୀ ଖସି ଯାଉଛନ୍ତି। ଖୋର୍ଦ୍ଧା ବାଘମାରୀ ଘଟଣା ପୁଲିସର ଏଭଳି କାରନାମାକୁ ସ୍ପଷ୍ଟ କରିଦେଉଛି।

ଖୋର୍ଦ୍ଧା ଜିଲ୍ଲା ବାଘମାରୀରେ ଅଞ୍ଚଳରେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରାଗଲା। ଏହା ଏକ ସମ୍ବେଦନଶୀଳ ଘଟଣା। ହେଲେ ଏଥିରେ ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଛନ୍ତି। ନାବାଳିକାଙ୍କୁ ବୟାନ ବଦଳାଇବାକୁ ବାଧ୍ୟ କରୁଛି। ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି ପୀଡ଼ିତାଙ୍କ ମାଆ। ଏକ ସମ୍ବେଦନଶୀଳ ଘଟଣାରେ ପୁଲିସର ଦୋହରା ଚରିତ୍ର ଏହାର କାର୍ଯ୍ୟଶୈଳୀ ଉପରେ ସିଧାସଳଖ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

## କଂଗ୍ରେସ ଖୋଜୁଛି ଦକ୍ଷ ଓ ନିପୁଣ ଯୁବ ମୁଖପାତ୍ର

ଭୁବନେଶ୍ୱର, ୨୪।୧୧ (ସମିସ): ଦେଶରେ ଯୁବବର୍ଗଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ପକ୍ଷରୁ ଦେଶବ୍ୟାପୀ ଆରମ୍ଭ ହୋଇଛି ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପିସିସି ଗଣମାଧ୍ୟମ, ଯୋଗାଯୋଗ ଓ ପ୍ରଚାର ବିଭାଗ ପକ୍ଷରୁ କଂଗ୍ରେସ ଭବନରେ ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଏହାକୁ ଉଦ୍‌ଘାଟନ କରି ଓଡ଼ିଶା ପ୍ରଦେଶ କଂଗ୍ରେସର ନବନିଯୁକ୍ତ ସହପ୍ରଭାରୀ ତଥା ଏଆଇସିସି ସମ୍ପାଦକ ଜେଟି କୁସୁମ କୁମାର ଓଡ଼ିଶାରେ କାର୍ଯ୍ୟ ଆରମ୍ଭ କରିବା ସହ କହିଛନ୍ତି, କଂଗ୍ରେସ ପକ୍ଷରୁ ଜାତୀୟ ମେଧା ଅନ୍ୱେଷଣ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ପ୍ରଖର ମୁଖପାତ୍ର, ଦକ୍ଷ ଉପସ୍ଥାପକ, ନିପୁଣ ଗଣମାଧ୍ୟମ ସଂଯୋଜକ ଓ ଗବେଷଣାତ୍ମକ ସମୀକ୍ଷକ ପାଇଁ ଇଚ୍ଛୁକ ଥିବା ଯୁବବର୍ଗମାନେ ଆବେଦନ କରିପାରିବେ। ରାଜ୍ୟର ଯେଉଁ ଯୁବକ-ଯୁବତୀମାନେ କଂଗ୍ରେସ ଦଳର ପ୍ୟାନେଲିଷ୍ଟ କିମ୍ବା ମୁଖପାତ୍ର ହେବାକୁ ଚାହୁଁଛନ୍ତି, ସେମାନେ ବହୁ ସଂଖ୍ୟାରେ ଆବେଦନ କରି ଏଥିରେ ଭାଗ ନେବା ପାଇଁ ସେ ଆହ୍ୱାନ କରିଥିଲେ।

## କାର୍ଯ୍ୟରେ ଯୋଗଦେଲେ ପିସିସି ସହପ୍ରଭାରୀ କୁସୁମ କୁମାର

ଭୁବନେଶ୍ୱର, ୨୪।୧୧ (ସମିସ): ଦିନେ ଓଡ଼ିଶା କଂଗ୍ରେସର ଗଡ଼ ଥିଲା। ଏବେ ୨୫ ବର୍ଷ ହେବ ରାଜ୍ୟରେ କଂଗ୍ରେସ ସରକାର ନାହିଁ। କିନ୍ତୁ ୨୦୨୯ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ କେଉଁଭଳି ଭଲ ପ୍ରଦର୍ଶନ କରି ସରକାରକୁ ଆସିବ, ସେ ଦିଗରେ

**‘ଦଳକୁ ଦୁର୍ବଳ ନୁହେଁ, ମଜଭୁତ କରିବାକୁ ନେତା ଗୋଷ୍ଠୀ କରନ୍ତୁ’**

ଆମେ କାର୍ଯ୍ୟ ଆରମ୍ଭ କରିବୁ ବୋଲି କଂଗ୍ରେସର ନବନିଯୁକ୍ତ ସହପ୍ରଭାରୀ ତଥା ଏଆଇସିସି ସମ୍ପାଦକ ଜେଟି କୁସୁମ କୁମାର କହିଛନ୍ତି। ସେ କହିଛନ୍ତି, ସବୁ ନେତାଙ୍କୁ ଏକାଠି କରି ଓଡ଼ିଶା କଂଗ୍ରେସକୁ ଆଗକୁ ନେବାକୁ ଆମେ ଯୋଜନା କରିଛୁ। ମୁଁ ସଂପୂର୍ଣ୍ଣ ଓଡ଼ିଶା ବୁଲି କେଉଁଭଳି କଂଗ୍ରେସ ଦଳକୁ ମଜବୁତ୍ କରାଯିବ, କାର୍ଯ୍ୟ କରିବି। ଦୁର୍ବଳ କରିବାକୁ ନୁହେଁ, ଦଳକୁ ମଜଭୁତ୍ କରିବାକୁ କଂଗ୍ରେସ ନେତା ଓ କର୍ମୀ ଗୋଷ୍ଠୀ କରନ୍ତୁ ବୋଲି ସେ କହିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ୧୫ତମ ପାଳି ଅଭିଯୋଗ ଶୁଣାଣି**

## ମୁଖ୍ୟମନ୍ତ୍ରୀଙ୍କ ସହ ୮ ମନ୍ତ୍ରୀ ଶୁଣିଲେ ଅଭିଯୋଗ

ଭୁବନେଶ୍ୱର, ୨୪।୧୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୧୫ତମ ପାଳିରେ ଲୋକଙ୍କର ବିଭିନ୍ନ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ୮ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଭୁବନେଶ୍ୱର ୟୁନିଟ୍-୨ରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୪ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୨,୯୫୦ଟି ଅଭିଯୋଗ ମଧ୍ୟରୁ ୧୨,୩୭୧ଟି ଅର୍ଥାତ୍ ୯୬% ଅଭିଯୋଗର ସମାଧାନ କରାଯାଇଛି। ବାକି ୫୭୯ଟି ଅଭିଯୋଗ ପ୍ରକ୍ରିୟା ମଧ୍ୟରେ ରହିଛି।

ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ପ୍ରଥମେ ସକାଳେ ଆସି ବାହାରେ ଅପେକ୍ଷା କରିଥିବା ୩୪ଜଣ ଭିନ୍ନକ୍ଷମ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀମାନଙ୍କ ଅଭିଯୋଗ ଶୁଣିଥିଲେ।

- ୧୪ତମ ପାଳି ସୁଦ୍ଧା ୯୬ପ୍ରତିଶତ ଅଭିଯୋଗ ସମାଧାନ
- ଲୋକଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ଏବଂ ସହାୟତା ପ୍ରଦାନ କରିବା ପାଇଁ ଆମେ ବଦ୍ଧପରିକର: ମୁଖ୍ୟମନ୍ତ୍ରୀ

ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋକଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ଏବଂ ସହାୟତା ପ୍ରଦାନ କରିବା ପାଇଁ ଆମେ ବଦ୍ଧପରିକର। ଜିଲ୍ଲାସ୍ତରରେ ଆସୁଥିବା ଅଭିଯୋଗଗୁଡ଼ିକୁ ସେଠାରେ ସମାଧାନ କରିବା ପାଇଁ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ଗତ ଜିଲ୍ଲାପାଳ ଓ ଏସପି ସମ୍ମିଳନୀରେ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ଅଧିକାଂଶ ସମସ୍ୟାଗୁଡ଼ିକ ସ୍ଥାନୀୟ ପ୍ରଶାସନ ଦ୍ୱାରା ସମାଧାନ ହୋଇପାରିବ। ଲୋକମାନଙ୍କୁ ସେମାନଙ୍କର ସମସ୍ୟା ନେଇ ଭୁବନେଶ୍ୱର ଆସିବାକୁ ପଡ଼ିବ ନାହିଁ।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, ଡ. ମୁକେଶ ମହାଲିଙ୍ଗ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବିଭୂତି ଭୂଷଣ ଜେନା, ପ୍ରଦୀପ ବଳସାମନ୍ତ, ଗଣେଶରାମ ସିଂହଖୁଣ୍ଟିଆ ଓ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

**■ ଦାବି ପୂରଣ କରୁନାହାନ୍ତି ସରକାର**

## ୩ରୁ ଆୟୁଷ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଚେତାବନୀ

ପୁରୀ,୨୪।୧୧(ସମିସ): ଆସନ୍ତା ୩ତାରିଖରୁ ଆୟୁଷ ଡାକ୍ତର ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଓଡ଼ିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଡା. ବିଶ୍ୱରଞ୍ଜନ ଜେନା ଏହି ସୂଚନା ଦେଇଛନ୍ତି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ସେବା ଯୋଗାଇ ଆସୁଥିବା ପ୍ରାୟ ୩ ହଜାର ଆୟୁଷ ଡାକ୍ତରଙ୍କ ପ୍ରତି ସରକାର ଚରମ ଅବହେଳା କରିଆସୁଥିବା ସଂଘ ଅଭିଯୋଗ କରିଛି। ୨୪ବର୍ଷ ହେବ ସେବା ଯୋଗାଇ ଆସୁଥିଲେ ମଧ୍ୟ ଆୟୁଷ ଡାକ୍ତରଙ୍କୁ ନିୟମିତ କରିବା ପାଇଁ ସରକାର କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଦୈନିକ ରୋଗୀ ସେବା, ପ୍ରାକୃତିକ ବିପର୍ଯ୍ୟୟ ଓ କୋଭିଡ୍ ବେଳେ ଡାକ୍ତରମାନେ ନିରବଚ୍ଛିନ୍ନ ସେବା ଯୋଗାଇ ଆସିଛନ୍ତି। କିନ୍ତୁ ଆୟୁଷ ଡାକ୍ତରଙ୍କ ଦାବି ପ୍ରତି ସରକାର ଆନ୍ତରିକତା ଦେଖାଉ ନଥିବାରୁ କ୍ଷୋଭ ପ୍ରକାଶ ପାଇଛି।

ଏପରିକି ରାଜ୍ୟ ସରକାରଙ୍କ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଅଧୀନସ୍ଥ ୬୮ଜଣ ଆୟୁଷ ଡାକ୍ତରଙ୍କୁ ନିୟମିତ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିୟମିତ କରାଗଲାନାହିଁ। ସେହିପରି, ଆୟୁଷ ଡାକ୍ତରଙ୍କ ୧୦ଦଫା ଦାବି ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଛି। ହେଲେ, ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି ମହିଳା ଆୟୁଷ ଡାକ୍ତର ସୀମାରାଣୀ ସ୍ୱାଇଁ କହିଛନ୍ତି। ଚାକିରି ନିୟମିତ କରିବା, ଅବସରକାଳୀନ ଭତ୍ତା, ସମାନ କାମକୁ ସମାନ ଦରମା ପ୍ରଦାନ, ୧୧ମାସିଆ ଚୁକ୍ତି ଉଚ୍ଛେଦ, ମୃତ୍ୟୁ ହେଲେ ଆର୍ଥିକ କ୍ଷତିପୂରଣ ପ୍ରଦାନ ଆଦି ୧୦ ଦଫା ଦାବି ପୂରଣ ନେଇ ସଂଘ ସରକାରଙ୍କ ନିକଟରେ ଦାବି ରଖିଛି। ମାତ୍ର ଦାବି ପୂରଣ ହୋଇ ନ ଥିବାରୁ ଆସନ୍ତା ଡିସେମ୍ବର ୩ରୁ ସମୂହ ଆୟୁଷ ଡାକ୍ତର କାର୍ଯ୍ୟ ବନ୍ଦ କରିବେ ବୋଲି ଓଡ଼ିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଡା. ଜେନା ଚେତାବନୀ ଦେଇଛନ୍ତି।

## ବାଲିମାଫିଆଙ୍କୁ ସୁହାଉଛି ଖଣି ବିଭାଗର ସ୍ଥାଣୁତା

ବାରିପଦା, ୨୪।୧୧(ସମିସ): ବାଲି ଚୋରା କାରବାର ରୋକିବାକୁ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବା କହୁଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ଏହାର ଓଲଟା ଦେଖିବାକୁ ମିଳୁଛି। ଜିଲ୍ଲା ଖଣି ବିଭାଗର ସ୍ଥାଣୁତା ଏଠାକାର ବାଲିମାଫିଆଙ୍କୁ ବେଶ୍ ସୁହାଉଛି। ବୁଢ଼ାବଳଙ୍ଗ, ଗଙ୍ଗାହାର, ସୁବର୍ଣ୍ଣରେଖା, ଜମ୍ବୀରା, ସୋନ, ଖଡ଼ଖାଇ ଓ ଭଣ୍ଡନ ନଦୀରୁ ଦିନରାତି ମାଫିଆମାନେ ବେଆଇନ ଭାବେ ବାଲି ଉତ୍ତୋଳନ କରିଚାଲିଛନ୍ତି। ସେମାନଙ୍କ ଉପରେ ଲଗାମ ଲଗାଇବାକୁ କେହି ନାହିଁ। ଫଳରେ, ପ୍ରତିଦିନ ସରକାର ୫୦ ଲକ୍ଷରୁ ଅଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ମାଫିଆମାନେ ନଦୀଗର୍ଭକୁ ବିଦାରି ଏକାଧିକ ସ୍ଥାନରୁ ବାଲି ଚୋରାଚାଲାଣ କରୁଥିବା ବେଳେ ବିଭାଗୀୟ ଅଧିକାରୀ ଜାଣିଶୁଣି ବିଳମ୍ବରେ ପହଞ୍ଚୁଥିବା ଅଭିଯୋଗ ହେଉଛି। ସେହିପରି ଅଧିକାରୀମାନେ ପହଞ୍ଚିବା ପୂର୍ବରୁ ବାଲିମାଫିଆ ଚମ୍ପଟ ମାରିବା ଅଧିକାରୀମାନଙ୍କ ପାରିବାପଣିଆକୁ ପଦାରେ ପକାଉଛି।

ସୂଚନାନୁଯାୟୀ, ଜିଲ୍ଲାରେ ୨୬ଟି ବ୍ଲକର ୨୦୩ଟି ସଇରାତକୁ ଦେଖାରଖା କରିବାକୁ ମାତ୍ର ୯ଜଣ କର୍ମଚାରୀ ରହିଛନ୍ତି। ଖଣି ବିଭାଗର ଢୋଲରେ ମୂଷା ପଶି ଖୋଳ କରିସାରିଥିବା ବେଳେ ବେଆଇନ ସୈରାତରେ ୧୬୩ ଧାରା ଜାରି ଓ ଟ୍ରେଞ୍ଚ ଖୋଳିବାକୁ ବିଭାଗ କୁନ୍ଥକୁନ୍ଥ। ପୂର୍ବରୁ ବଡ଼ସାହି ବ୍ଲକର ବାଗୁଲିରେ ୩ଦିନ ତଳେ ବାଲିଘାଟକୁ ବନ୍ଦ କରିଥିବା ବେଳେ ଶନିବାର ସେଠାରେ ପୁଣି କାରବାର ଦେଖିବାକୁ ମିଳିଥିଲା। ଗାଁ ଲୋକେ ଏ ସଂପର୍କରେ ବିଭାଗକୁ ଅବଗତ କରିଥିଲେ। କିନ୍ତୁ ପୁଲିସ ନେଇ ଅଧିକାରୀମାନେ ସେଠାରେ ପହଞ୍ଚିବା ପୂର୍ବରୁ ମାଫିଆମାନେ ଖସି ପଳାଇଥିଲେ। ଏସ୍‌ପି ବରୁଣ ଗୁଣ୍ଟୁପାଲି ଏସଡିପିଓଙ୍କ ମାଧ୍ୟମରେ ଘଟଣାସ୍ଥଳକୁ



- ବେଆଇନ ସୈରାତରେ ଜାରି ହେଉନି ୧୬୩ ଧାରା
- ଟ୍ରେଞ୍ଚ ଖୋଳିବାକୁ ବିଭାଗ କୁନ୍ଥକୁନ୍ଥ କାହିଁକି
- ୨୬ ବ୍ଲକ୍ ଦାୟିତ୍ୱରେ ମାତ୍ର ୯ ଜଣ କର୍ମଚାରୀ

ଟିମକୁ ପଠାଇଥିଲେ। କିନ୍ତୁ, ଥାନା କର୍ତ୍ତୃପକ୍ଷ ତିନିଘଣ୍ଟା ବିଳମ୍ବରେ ପହଞ୍ଚିଲା ବେଳକୁ ସବୁ ବାଲି ନେଇ ମାଫିଆ ଚମ୍ପଟ ହୋଇଯାଇଥିଲେ।

ଏ ସଂପର୍କରେ ଖଣି ଅଧିକାରୀ ଉଦୟଭାନୁ ସାହୁ କହିଛନ୍ତି ଯେ ଘଟଣା ସମ୍ପର୍କରେ ଜଣାପଡିବା ପରେ ବିଭାଗୀ ଅଧିକାରୀ ପହଞ୍ଚିଲା ବେଳକୁ ମାଫିଆମାନେ ପଳାଇଥିଲେ। ତଥାପି ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ୨୬ଟି ତହସିଲ ଅଧୀନରେ ୨୦୩ଟି ଲଘୁଖଣିଜ ଦ୍ରବ୍ୟ ସଇରାତ ରହିଛି। ସେଥି ମଧ୍ୟରୁ ୭୭ଟି ବାଲି, ୮୬ଟି ପଥର ଓ ଗୋଟିଏ ମୋରମ ସଇରାତକୁ ମିଶାଇ ମୋଟ ୧୬୧ଟି ଲଘୁ ଖଣିଜ ବିଭାଗ ଅଧୀନକୁ ଆସିଛି। ଅବଶିଷ୍ଟ ୪୨ଟି ସଇରାତ ବିଭିନ୍ନ କାରଣ ଓ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ କୋର୍ଟରେ ମାମଲା ବିଚାରାଧୀନ ରହିଛି। ଫଳରେ ୬୪ଟି ବାଲି ଓ ୬୯ଟି ପଥର ଖାଦାନକୁ ମିଶାଇ ଜିଲ୍ଲାରେ ମୋଟ ୧୩୩ଟି ସଇରାତ ବନ୍ଦ ରହିଛି। ସରକାରୀ ସ୍ତରରେ ୪୦ଟି ବାଲି, ୨୯ଟି ପଥର ଓ ଗୋଟିଏ ମୋରମ ସଇରାତ ସମେତ ୭୦ଟି ସଇରାତକୁ ଲିଜ୍ ଆକାରରେ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ବେଆଇନ ସଇରାତକୁ ସଂଯୋଗ କରୁଥିବା ରାସ୍ତାରେ ଟ୍ରେଞ୍ଚ ଖୋଳିବା ସହିତ ଅଞ୍ଚଳରେ ୧୬୩ ଧାରା ଜାରି କରିବା ପାଇଁ ଦାବି ହେଉଛି।

**ବସ୍‌ଷ୍ଟାଣ୍ଡରେ ମାନସିକ ଭିନ୍ନକ୍ଷମ ମହିଳାଙ୍କ ମୃତ ସନ୍ତାନ ପ୍ରସବ**

## କେହି ପାଖ ମାଡ଼ିଲେନି

**ମରିଗଲାଣି ମାନବିକତା**

ଧରାକୋଟ, ୨୪।୧୧(ସମିସ): ମରିଗଲାଣି ମାନବିକତା। ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍ ମୁଣ୍ଡମରାଇ ବସ୍‌ଷ୍ଟାଣ୍ଡରେ ଆଜି ଏହାର ଏକ ନମୁନା ଦେଖିବାକୁ ମିଳିଛି। ଦୁଷ୍କର୍ମର ଶିକାର ହୋଇ ଗର୍ଭବତୀ ହୋଇଥିବା ଜଣେ ମାନସିକ ଭିନ୍ନକ୍ଷମ ମହିଳା ବସ୍‌ଷ୍ଟାଣ୍ଡ ଭିତରେ ପ୍ରସବ ବେଦନାରେ ଛଟପଟ ହେଉଥିଲେ ହେଁ କେହି ତାଙ୍କ ପାଖ ମାଡ଼ିନଥିଲେ। ଏପରିକି, ହସ୍ପିଟାଲକୁ ଫୋନ୍ କରି ମଧ୍ୟ ଜଣାଇବାକୁ ଉଚିତ୍ ମଣିନଥିଲେ।

ସୂଚନାନୁଯାୟୀ, ବସଷ୍ଟାଣ୍ଡରେ ଥିବା ଯାତ୍ରୀ ବିଶ୍ରାମାଗାରରେ ସୋମବାର ଭୋରରେ ବିଶ୍ରାମାଗାର ଭିତରେ ଦୟନୀୟ ଅବସ୍ଥାରେ ଝୁମୁରି ନାୟକ ନାମକ ୩୦ ବର୍ଷୀୟା ମହିଳା ପଡ଼ି ରହିଥିବା ବେଳେ ତାଙ୍କ ନିକଟରେ ଏକ ଅପରିପକ୍ୱ (୪/୫ ମାସର) ଶିଶୁ ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମହିଳାଜଣଙ୍କ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ ସୁଦ୍ଧା ସେହି ବାଟ ଦେଇ ଯାଉଥିବା କୌଣସି ମହିଳା କିମ୍ବା ପୁରୁଷ ସହାୟତା ଦେବା ଦୂରର କଥା, ତାଙ୍କ ପାଖ ମଧ୍ୟ ମାଡ଼ି ନଥିଲେ। ଖବର ପାଇ ଧରାକୋଟ ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ଦମକଳ ବାହିନୀ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଉଭୟ ମହିଳା ଓ ଶିଶୁକୁ ଉଦ୍ଧାର କରିଥିଲେ। ପରେ ଆଶାକର୍ମୀଙ୍କ ସହାୟତାରେ ଉଭୟଙ୍କୁ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉଭୟଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯିବା ପରେ ମାନସିକ ବିକାରଗ୍ରସ୍ତ ମହିଳାଜଣଙ୍କ ଉଚ୍ଚ ରକ୍ତଚାପ, ରକ୍ତହୀନତା ଓ ମାତ୍ରାଧିକ ରକ୍ତସ୍ରାବ ଯୋଗୁଁ ଗୁରୁତର ହୋଇ ପଡ଼ିଥିବା ଜଣାପଡ଼ିଥିଲା। ତାଙ୍କୁ ତୁରନ୍ତ ୧୦୨ଆମ୍ବୁଲାନ୍ସରେ ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷେ, ଶିଶୁଟିକୁ ମୃତ ଘୋଷଣା କରାଯାଇଥିଲା। ଘଟଣା ସମ୍ପର୍କରେ ଡାକ୍ତର ବିମଳେନ୍ଦୁ ପଣ୍ଡାଙ୍କ ସହ ଯୋଗାଯୋଗ ବେଳେ ଅପରିପକ୍ୱ ଅବସ୍ଥାରେ ସନ୍ତାନ ପ୍ରସବ ହୋଇଥିବାରୁ ତା'ର ମୃତ୍ୟୁ ଘଟିଛି ଏବଂ ମାତ୍ରାଧିକ ରକ୍ତସ୍ରାବ ଯୋଗୁଁ ମହିଳାଜଣଙ୍କ ଗୁରୁତର ହୋଇ ପଡ଼ିଛନ୍ତି ବୋଲି କହିଛନ୍ତି।

ପ୍ରଶ୍ନ ଉଠୁଛି, ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଗର୍ଭବତୀ କଲା କିଏ? ସରକାର ଗର୍ଭବତୀ ମା' ଓ ଶିଶୁମାନଙ୍କ ସୁରକ୍ଷା ଓ ଯତ୍ନ ପାଇଁ ସଚେତନତା ସହ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଥିଲେ ମଧ୍ୟ ଏ କ୍ଷେତ୍ରରେ ତାହାର କୌଣସି ପ୍ରଭାବ ପଡ଼ିନଥିବା ଜଣାପଡ଼ିଛି। ମହିଳାଜଣଙ୍କ ଗର୍ଭବତୀ ଥିବା କ'ଣ କୌଣସି ସ୍ୱାସ୍ଥ୍ୟକର୍ମୀ କିମ୍ବା ଆଶା, ଅଙ୍ଗନବାଡ଼ି କର୍ମୀ କେହି ଜାଣିପାରିଲେ ନାହିଁ।

# ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ହେବ ମେଲ୍ ଏକ୍ସପ୍ରେସ



## ବଦଳିବ ଇଞ୍ଜିନ ଓ ଚଳାଚଳ ସମୟ ସାରଣୀ

ବାରିପଦା, ୨୪।୧୧(ସମିସ): ଆସନ୍ତା ବର୍ଷ ଫେବୃଆରୀ ପହିଲାରୁ ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ ମେଲ ଏକ୍ସପ୍ରେସ ଭାବେ ଚଳାଚଳ କରିବ। ଏଥିସହିତ ଚଳାଚଳ ସମୟ ସାରଣୀ ସହ ଟ୍ରେନ ଇଞ୍ଜିନ ମଧ୍ୟ ବଦଳିବ ବୋଲି ଏ ନେଇ ଇଷ୍ଟ କୋଷ୍ଟ ରେଳବାଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ସୁପରଫାଷ୍ଟ ଟ୍ରେନଟି ପୂର୍ବରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଯାଉଥିବା ବେଳେ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ ହେବା ପରେ ପ୍ରତିଦିନ ବିଳମ୍ବିତ ସମୟରେ ଚଳାଚଳ କରୁଛି। ଏ ନେଇ ବିଭାଗ ପକ୍ଷରୁ ସୁପରଫାଷ୍ଟ ଏକ୍ସପ୍ରେସ ପରିବର୍ତ୍ତେ ମେଲ ଏକ୍ସପ୍ରେସ ବର୍ଗକୁ ଖସାଇ ଦିଆଯିବ। ସମୟ ସାରଣୀରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଟ୍ରେନଟି ଭୋର ୪.୨୦ରେ ବାଙ୍ଗିରିପୋଷି ରେଳ ଷ୍ଟେସନରୁ ବାହାରି ପୁରୀରେ ୧୧.୦୫ରେ ପହଞ୍ଚିବାର ସମୟ ସାରଣୀ ରହିଥିଲା। ତାହାକୁ ପରିବର୍ତ୍ତନ କରାଯାଇ ଭୋର ୪ଟା ସମୟରେ ବାହାରି ବାରିପଦାରେ ୫ଟା, ବାଲେଶ୍ୱର, ଭଦ୍ରକ, ଯାଜପୁର ରୋଡ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ, ସାକ୍ଷୀ ଗୋପାଳ ହୋଇ ୧୧.୩୦ରେ ପୁରୀ ରେଳ ଷ୍ଟେସନରେ ପହଞ୍ଚିବ। ସେହିପରି ପ୍ରତ୍ୟାବର୍ତ୍ତନ ସମୟ ସାରଣୀକୁ ମଧ୍ୟ ପରିବର୍ତ୍ତନ କରାଯାଇଛି। ଅପରାହ୍ନ ୪.୨୦ ପରିବର୍ତ୍ତେ ୪ଟା ସମୟରେ ପୁରୀ ରେଳ ଷ୍ଟେସନରୁ ଟ୍ରେନ ବାହାରି ରାତି ୧୧.୧୧ସମୟରେ ବାଙ୍ଗିରିପୋଷି ରେଳ ଷ୍ଟେସନରେ ପହଞ୍ଚିବ। ସେହିପରି ରେଳ ଇଞ୍ଜିନ ନମ୍ବର ୧୨୮୯୧ ଓ ୧୨୮୯୨କୁ ପରିବର୍ତ୍ତନ କରି ୧୮୪୦୧ ଓ ୧୮୪୦୨ ନମ୍ବର ବିଦ୍ୟୁତ ରେଳ ଇଞ୍ଜିନ ଭାବେ ଚଳାଚଳ କରିବାର ସୂଚନା ମିଳିଛି।

# ବିଜିପୁରରେ ଫିଜିଓଥେରାପି ଚିକିତ୍ସା ଶିବିର



ମାଣତ୍ରି/ବଡ଼ସାହି, ୨୪।୧୧(ସମିସ): ବଡସାହି ବ୍ଲକ ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତର ବିଜିପୁରସ୍ଥିତ ଶ୍ରୀମା' ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ର ପକ୍ଷରୁ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ କଟକସ୍ଥିତ ଓଲଟପୁରର ଫିଜିଓଥେରାପି ବିଶେଷଜ୍ଞ ଡାକ୍ତରଙ୍କ ସହାୟତାରେ ଏକ ବିଶାଳ ଫିଜିଓଥେରାପି ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ ବହୁ ଦୂରଦୂରାନ୍ତ ୫୦ ଜଣ ରୋଗୀଙ୍କ ଯୋଗଦେଇ ନିଜର ଚିକିତ୍ସା କରିଥିଲେ। ଫିଜିଓଥେରାପି ବିଶେଷଜ୍ଞ ଡାକ୍ତର ପତିତପାବନ ମହାନ୍ତି ଏବଂ ତାଙ୍କ ସାଥୀ ବସନ୍ତ ନନ୍ଦ ଓ ବିଶ୍ୱଜିତ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସରସ୍ୱତୀ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଜିପୁର ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା। ଏହି କେନ୍ଦ୍ରରେ ବହୁବିଧ ସାମାଜିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ନିୟମିତ ଭାବେ ଚାଲୁଥିବାରୁ ସାଧନା କେନ୍ଦ୍ର ପରିସରରେ ପାଚେରୀ ଏବଂ ଶୌଚାଳୟ ନିର୍ମାଣ ନିମନ୍ତେ ବହୁ ବରିଷ୍ଠ ବୁଦ୍ଧିଜୀବୀ ନିଜର କ୍ଷୋଭ ପ୍ରକାଶ କରିଥିଲେ। ସ୍ଥାନୀୟ ସରପଞ୍ଚଠାରୁ ବିଧାୟକ ସହିତ ଏ ବିଷୟରେ ଆଲୋଚନା ହୋଇଛି ବୋଲି ସଭାପତି ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଏଣୁ ଗଣମାଧ୍ୟମ ପ୍ରତିନିଧିମାନେ ଏଥିରେ ସହଯୋଗ କରି ଆଗାମୀ ଦିନରେ ଏ ବ୍ୟବସ୍ଥା କରିବାକୁ ବହୁ କର୍ମକର୍ତ୍ତା ମତ ପ୍ରକାଶ କରିଛନ୍ତି। ଏହି କେନ୍ଦ୍ର ପକ୍ଷରୁ ଯୋଗଶିକ୍ଷା, ଗରିବ ପିଲାଙ୍କୁ ମାଗଣାରେ କୋଚିଂ, ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ, ନିୟମିତ ମାଗଣାରେ ସ୍ୱାସ୍ଥ୍ୟ ଶିବିର ଏବଂ ବହୁବିଧ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଚାଲୁ ରହିଛି।

# 'ପୁଥି' ସାହିତ୍ୟ ଆନ୍ଦୋଳନର ସାରଥୀ



ବେତନଟୀ, ୨୪।୧୧(ସମିସ): ବେତନଟୀର ଇନ୍ଦିରା ନଗରଠାରେ ରବିବାର ଆଡମ୍ବର ସହକାରେ 'ପୁଥି' ନାମକ ଏକ ପାଠାଗାର ଶୁଭାରମ୍ଭ ହୋଇଛି। ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ଦିଲ୍ଲୀପ କୁମାର ମୁର୍ମୁ ଓ ସଂଯୋଜକ ବିଶ୍ୱନାଥ ହେମ୍ବ୍ରମଙ୍କ ପରିଚାଳନାରେ ପାଠାଗାର ଶୁଭାରମ୍ଭ ହେବା ସହିତ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଠାରେ ଓଡିଆ, ଇଂରାଜୀ ଓ ଅଲଚିକି ଭାଷାର ଅନେକ ପୁସ୍ତକ ପାଠକଙ୍କ ନିମନ୍ତେ ସଂଗ୍ରହ କରାଯାଇଛି। ପାଠକଗଣ ଏହିସବୁ ଭାଷାର ଉପଯୋଗ କରିପାରିବେ ବୋଲି ମୁଖ୍ୟ ଅତିଥି ଗୋବିନ୍ଦ ଚନ୍ଦ୍ର ମାରାଣ୍ଡି ଉପସ୍ଥିତ ବିଭିନ୍ନ ଭାଷାର ଶତାଧିକ ପୁସ୍ତକପ୍ରେମୀଙ୍କୁ ବକ୍ତବ୍ୟରେ କହିଥିଲେ। ଏଥି ସହିତ ଦାମୋଦର କିସ୍କୁ, ରୁପାଇ ମାରାଣ୍ଡି, କିଶନ ଟୁଡୁ ସମ୍ମାନିତ ଅତିଥିଭାବେ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଶ୍ୟାମସୁନ୍ଦର ମୁର୍ମୁ ଯୋଗଦେଇ ଗିରୀଶ ମୁର୍ମୁଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ପାଠାଗାରର ସୃଷ୍ଟି ଓ ଆଗାମୀ ଦିନର ଉଜ୍ଜ୍ୱଳ ଭବିଷ୍ୟତ ବର୍ଣ୍ଣନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ସିଭିଲ ସୋସାଇଟି ତରଫରୁ ବାସୁଦେବ ନାପିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟବକ୍ତା ଓ ସମ୍ମାନିତ ବକ୍ତାଭାବେ ବିଜୟ କୁମାର ଦ୍ୱିବେଦୀ ଓ ସହଦେବ ଗିରି ପ୍ରମୁଖ ଯୋଗଦେଇ ପାଠାଗାରର ଉପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷା ଅନୁନିରୀକ୍ଷକ ଦୁର୍ଯ୍ୟୋଧନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆହାଟ ଛକରେ ହାଇମାକ୍ସ ଲାଇଟ ସ୍ଥାପନ ଦାବି

ବଡସାହି, ୨୪।୧୧(ସମିସ): ବଡସାହି ବ୍ଲକ ଭୀମଦା ପଞ୍ଚାୟତ ନୂଆହାଟ ଛକରେ ହାଇମାଷ୍ଟି ଲାଇଟ ସ୍ଥାପନ କରିବାକୁ ଦାବି ହେଉଛି। ଏହି ଛକଟି ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ସୀମାନ୍ତରେ ରହିଛି। ଛକରେ ବିଭିନ୍ନ ଦୋକାନ ଥିବା ବେଳେ ଏଠାରେ ସପ୍ତାହରେ ଦୁଇ ଦିନ ହାଟ ବସେ। ସୀମାନ୍ତ ଅଞ୍ଚଳ ପାଇଁ ଏଠାରେ ବହୁ ଅସମାଜିକ ଲୋକଙ୍କ ଆଡ୍ଡା ମଧ୍ୟ ଜମେ। ଏପରିକି ବିଭିନ୍ନ ଅପରାଧାତ୍ମକ କାର୍ଯ୍ୟକଳାପ ଘଟାଇ ଏହି ରାସ୍ତା ଦେଇ ଅନ୍ୟ ଜିଲ୍ଲାକୁ ଖସି ଯିବା ପାଇଁ ଏ ରାସ୍ତାଟି ଅପରାଧୀଙ୍କ ପାଇଁ ଏକ ନିରାପଦ ରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରତିଦିନ ଏହି ରାସ୍ତା ଦେଇ ଚୋରା ଦେଶୀ ମଦ ସହିତ ଚୋରା ବାଲି, ମୋରମ ଓ ପଥର ଆଦି ଚାଲାଣ ହେଉଛି। ତେଣୁ ଛକରେ ଥିବା ହାଇମାଷ୍ଟ ଲାଇଟଟି ଅଚଳ ହୋଇ ରହିଛି। ଏହାର ମରାମତି ହେଉ ନଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଛକର ମଧ୍ୟସ୍ଥଳରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ମଧ୍ୟ ଅନ୍ଧାରରେ ରହିଛି। ସେହିପରି ନିକଟସ୍ଥ ଚେଙ୍ଗୁଆମଙ୍ଗଳପୁର ଷ୍ଟାଡିୟମରେ ମଧ୍ୟ ଦୀର୍ଘଦିନ ଧରି ଖରାପ ହୋଇ ପଡ଼ିଥିଲା। ମାତ୍ର ଗତ କିଛି ଦିନ ତଳେ ଏଠାରେ ଅନୁଷ୍ଠିତ ହେଉଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ମୁଖ୍ୟଅତିଥି ହୋଇ ଯୋଗ ଦେଇଥିବା ବେଳେ କର୍ମକର୍ତ୍ତାମାନେ ଏ ସମ୍ପର୍କରେ ତାଙ୍କର ଦୃଷ୍ଟି ଆକର୍ଷଣ କରି କରିଥିଲେ। ଫଳରେ ସେ ବାଲେଶ୍ୱରରୁ ଟେକ୍ନିସିଆନ ପଠାଇ ନୂତନ ଲାଇଟ ଲଗାଇଛନ୍ତି।

## ମୟୂରଭଞ୍ଜ ଜିଲା ସାମ୍ବାଦିକ ସଙ୍ଘର ବାର୍ଷିକ ଉତ୍ସବ

# ବିଶ୍ୱସନୀୟତା ବଜାୟ ପାଇଁ ସାଧନ ନୁହେଁ, ସାଧନାର ଆବଶ୍ୟକ

ବେତନଟୀ/ବୈଶିଙ୍ଗା, ୨୪।୧୧(ସମିସ): ବିଶ୍ୱସନୀୟତା ବଜାୟ ପାଇଁ ସାଧନ ନୁହେଁ, ସାଧନାର ଆବଶ୍ୟକ ରହିଛି ବୋଲି ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘ ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି। ଜିଲ୍ଲା ସଭାପତି ଅରୁଣ କୁମାର ଓତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସଦର ଉପଜିଲାପାଳ ଡ ଦୟାସିନ୍ଧୁ ପରିଡ଼ା, ସ୍ୱତନ୍ତ୍ର ଅତିଥିଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ, ସମ୍ମାନିତ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, କଳିଙ୍ଗ ପେଶାଦାର ସାମ୍ବାଦିକ ସଂଘର ରାଜ୍ୟ ଉପ ସଭାପତି ସୌରଭ କୁମାର ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଅଗ୍ରୱାଲ ଯୋଗଦାନ କରିଥିଲେ। ସାମ୍ବାଦିକମାନେ ସତ୍ୟ ଓ ସମାଜ ଉପରେ ପ୍ରଭାବ ପକାଇବା ଭଳି ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱ ପ୍ରଦାନ କରିବା ଉପରେ ଦୃଷ୍ଟିଦେଲେ ସମାଜର ରୂପରେଖ ବଦଳିବ ବୋଲି ମତ ପ୍ରକାଶ ପାଇଥିଲା। ଗୋଡାଣିଆ ନ ହୋଇ ନିଜର ଲେଖନୀ ଉପରେ ବିଶ୍ୱାସ ଓ ଭରସା ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସାମ୍ବାଦିକତା, ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସଞ୍ଜୟ ମିଶ୍ର, ବୁଲୁରାମ ଦାସ, ଅନଶନ ମହାନ୍ତ, ଅକ୍ଷୟ କୁମାର ଅଗ୍ରୱାଲ, ତପନ କୁମାର ସେଠୀ, ତରୁଣ କୁମାର ଦାଶ, କିଶୋର କୁମାର ସେଠୀ, ରଜତ କୁମାର ଦାଶ, କ୍ଷେତ୍ର ମୋହନ ପଣ୍ଡା ଓ ସଂଯୁକ୍ତା ବସାଙ୍କୁ ସଙ୍ଘ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ସଞ୍ଜୟ ଅଗ୍ରୱାଲ ସମ୍ପାଦକୀୟ ପାଠ କରି ସାମ୍ବାଦିକଙ୍କ ବିଭିନ୍ନ ସୁବିଧା



ଓ ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାରମ୍ଭରେ ବିନୋରୀ ସଙ୍ଗୀତ ଏକାଡେମୀ ଦ୍ୱାରା ସ୍ୱାଗତ ସଙ୍ଗୀତ, ବନ୍ଦେ ଉତ୍କଳ ଜନନୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଶିକ୍ଷକ ବଙ୍କିମ୍ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ସାମ୍ବାଦିକା ତଥା ଉଦଳା ଏନଏସି ଚେୟାରମ୍ୟାନ ପ୍ରମିଳା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷାର ବିକାଶ ନେଇ ଆଲୋଚନାଚକ୍ର




ରାଇରଙ୍ଗପୁର, ୨୪।୧୧(ସମିସ): ସ୍ଥାନୀୟ କଲ୍ୟାଣୀ ମଣ୍ଡପରେ ଶିକ୍ଷା ବିକାଶ ଏଜୁକେସନାଲ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରବିବାର ଏକ ଦିବସୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ର ଜରିଆରେ ଆଦିବାସୀ ଯୁବକ ଯୁବତୀଙ୍କ ଶିକ୍ଷା, ମାନସିକ, ଶାରୀରିକ ତଥା ଆର୍ଥିକ ସ୍ଥିତିର ସୁଦୃଢ଼ କରିବା ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ ନବ ଚରଣ ମାଝୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ, ବାମନଘାଟି ଉପଖଣ୍ଡ ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ଆଦିବାସୀଙ୍କ କିଭଳି ବିକାଶ ହୋଇପାରିବ ସେ ନେଇ ବକ୍ତବ୍ୟ ରଖିଥିଲେ। ସେହିପରି ସରକାରଙ୍କ ପ୍ରତିଟି ଯୋଜନା ଲାଭ ନେଇ ସାମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେ ବାବଦ ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ଆଲୋଚନାଚକ୍ରରେ ଶତାଧିକ ଆଦିବାସୀ ଯୁବକ, ଯୁବତୀ ଓ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତ ଥିଲେ।

# ଡିଗ୍ରୀ ମହାବିଦ୍ୟାଳୟରେ ଏନ୍‌ସିସି ଦିବସ




କୁଆମରା, ୨୪।୧୧(ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ୭୭ତମ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳିତ ହୋଇଯାଇଛି। ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ଅଧ୍ୟାପକ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରା ଓ ଇତିହାସ ବିଭାଗ ଅଧ୍ୟାପକ ଗଣେଶ ପ୍ରସାଦ ସେଠୀ ଯୋଗ ଦେଇ ଉତ୍ତମ ଚରିତ୍ର ଗଠନ, ଶୃଙ୍ଖଳିତ ଓ ସମୟାନୁବର୍ତ୍ତିତା ହେବା ସହ ଉତ୍ତମ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଥିବା ୮ ଜଣ କ୍ୟାଡେଟଙ୍କୁ ପଦକ ସହ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ବଜାର ପରିକ୍ରମା କରିଥିଲେ।

# ରାଜ୍ୟସ୍ତରୀୟ ଇଂରାଜୀ ମେଧା ଚୟନ

ବାରିପଦା, ୨୪।୧୧(ସମିସ): ରାଜ୍ୟର ଅନ୍ୟତମ ଅଗ୍ରଣୀ ଶିକ୍ଷା ସଂଗଠନ ଏଲିଟ୍ ଅଲିମ୍ପିଆଡ୍ ଫାଉଣ୍ଡେସନ୍ ପକ୍ଷରୁ ୪ର୍ଥରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ଇଂରାଜୀ ଅଲିମ୍ପିଆଡ୍ ମେଧା ଚୟନ ପରୀକ୍ଷାର ପ୍ରଥମ ପର୍ଯ୍ୟାୟ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୧ଟି ଜିଲ୍ଲାର ୬ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ପ୍ରଧାନଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମେଧାଚୟନ ପରୀକ୍ଷା ଶୃଙ୍ଖଳିତଭାବେ ଶେଷ ହୋଇଛି। ଏଥିନିମନ୍ତେ ଏଲିଟ୍ ଅଲିମ୍ପିୟାଡ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଚେୟାରମ୍ୟାନ୍ ଅଧ୍ୟାପକ ପ୍ରଭାତ କୁମାର ମିଶ୍ର ଏବଂ ସମ୍ପାଦିକା ସୁବାସିନୀ ମିଶ୍ର ସମ୍ପୃକ୍ତ ବିଦ୍ୟାଳୟର ପରିଚାଳନା ସମିତିର ସଦସ୍ୟ, ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟତ୍ରୀ ଏବଂ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସେମାନଙ୍କର ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି। ସେହିପରି ଆଗାମୀ ଡ଼ିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ବିଦ୍ୟାଳୟ ସ୍ତରୀୟ ଗଣିତ ଅଲିମ୍ପିୟାଡ ମେଧାଚୟନ ପରୀକ୍ଷା ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ପୁରାତନ ଛାତ୍ର ସଂସଦ ପକ୍ଷରୁ ସାଧାରଣ ପରିଷଦ ବୈଠକ



ବେତନଟୀ, ୨୪।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ପି ଏମ ଶ୍ରୀ ଏମ ପି ସି ହାଇସ୍କୁଲ ପରିସରରେ ବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କୁ ନେଇ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ଜୟନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଗତ ବୈଠକମାନଙ୍କର କାର୍ଯ୍ୟ ବିବରଣୀ ପ୍ରଦାନ କରିଥିଲେ। ପୁରାତନ ଛାତ୍ରଙ୍କ ଉପସ୍ଥିତିରେ ବିଗତ କିଛି ବର୍ଷ ପୂର୍ବେ ଗଠିତ ହୋଇଥିବା ଆଲୁମିନି କମିଟିକୁ ଭଙ୍ଗ କରାଯାଇ ନୂତନ ଆଲୁମିନି କମିଟି ଗଠନ କରାଯାଇଥିଲା। ଏହି କମିଟିରେ ସଭାପତି ଭାବେ ଜୟନ୍ତ କୁମାର ପଟ୍ଟନାୟକ, ଉପସଭାପତି ଭାବେ ରାମେଶ୍ୱର ମିଶ୍ର, ସମ୍ପାଦକ ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ନାମକୁ ପ୍ରସ୍ତାବକ୍ରମେ ସମସ୍ତେ ସମର୍ଥନ କରିଥିଲେ। ଆଲୁମିନି କୋର କମିଟିରେ ମୋଟ ୨୫ଜଣ ରହିବା ନେଇ ନିଷ୍ପତ୍ତି ନିଆଯିବା ସହ ବୈଠକରେ ୨୫ ଜଣ ସଦସ୍ୟଙ୍କୁ ବଛା ଯାଇଥିଲା। ସେମାନେ ହେଲେ ବିଶ୍ୱନାଥ ହେମ୍ବ୍ରମ, ସୁଶାନ୍ତ ବଳ, ସୁନୀଲ ଖଣ୍ଡେଲୱାଲ, ଜ୍ଞାନରଞ୍ଜନ ବେହେରା, ବିକାଶ ବେହେରା, ମଳୟ ଦାସ, ସୁନ୍ଦର ମୋହନ ମହାନ୍ତ, ଭାଗିରଥି ମିସ୍ତ୍ରୀ, ନରୋତ୍ତମ କୁମାର ମହାନ୍ତ, ଅରୂପ ରଞ୍ଜନ ଲେଙ୍କା, ରଣଜିତ ସିଂ, ଉଦିତ କୁମାର ପରିଡ଼ା, ଅନିଲ କୁମାର ମହାପାତ୍ର, କିଶୋର କୁମାର ନାୟକ, ସଞ୍ଜୀବ କୁମାର ଜେନା, ତପନ କୁମାର ପରିଡ଼ା, ସୁଧାକର ପଣ୍ଡା, ସତ୍ୟକାମ ପଣ୍ଡା, ସଞ୍ଜୟ ମଡୁଆଳ, ଯାମିନୀ ନାଏକ, ଦଶରଥ ହେମ୍ବ୍ରମ, ସର୍ବେଶ୍ୱର ଦାସ, ଶିରୀଶ ଚନ୍ଦ୍ର ବାରିକ, ମନୋଜ ଓଝା, ରଣଜିତ ଗନ୍ତାୟତ। ଆଗାମୀ ଦିନରେ ବଙ୍ଗାଳଛକରେ ଥିବା ସ୍କୁଲ ଜାଗା ମାପ ପାଇଁ ତାରିଖ ନିର୍ଦ୍ଧାରଣ କରି ସଦସ୍ୟଙ୍କୁ ଜଣାଇ ଦିଆଯିବ ବୋଲି କୁହାଯାଇଥିଲା। ସଭାପତି ଜୟନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବୈଶିଙ୍ଗା, ୨୪।୧୧(ସମିସ): ଖୁଣ୍ଟାପୁର ଶ୍ରୀ ସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଏବଂ ମୁଖ୍ୟବକ୍ତା ଭାବେ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଯୋଗଦେଇ ପ୍ରକୃତି ଓ ପରିବେଶର ସୁରକ୍ଷା ସହିତ ମାନବିକ ମୂଲ୍ୟବୋଧର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ସୁଶ୍ରୀ ଧାନୀ କିସ୍କୁ, ବିଶିଷ୍ଟ ସମାଜସେବୀ ଅକ୍ଷୟ କୁମାର ମିଶ୍ର ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପୁଷ୍ପାଞ୍ଜଳି ବେହେରା ମଞ୍ଚାସୀନ ଥିଲେ। ଏହି ଅବସରରେ ଚଳିତ ବର୍ଷ ଅବସର ନେଇଥିବା ପ୍ରଧାନଶିକ୍ଷକ ରାମ ରଞ୍ଜନ ରଣା, ଅନ୍ୟତ୍ର ବଦଳି ହୋଇଯାଇଥିବା ଶିକ୍ଷକ ଶିଶିର କୁମାର ନାୟକ, ମଧୁସ୍ମିତା ଉପାଧ୍ୟାୟ ଓ ମାନସୀ ଗିରିଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ ଶିକ୍ଷକ ମୁକୁନ୍ଦ ସେନାପତି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ, ହିନ୍ଦୀ ଶିକ୍ଷୟତ୍ରୀ ସ୍ନିଗ୍ଧା ଲେଙ୍କା ଅତିଥି ପରିଚୟ, ତୃଷ୍ଣା ଦାଶ ମଞ୍ଚ ସଂଯୋଜନା ଓ ଶିକ୍ଷକ ବିଜୟ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ବିପଦରେ ଗୋବରଯୋଡ଼ା ନଦୀ ପୋଲ



ମହୁଲଡିହା, ୨୪।୧୧(ସମିସ): ଠାକୁରମୁଣ୍ଡା-କେଶଡିହା ରାସ୍ତାର ମିଟୁଆଣି ଗ୍ରାମ ନିକଟ ଗୋବରଯୋଡ଼ା ନଦୀ ଉପରେ ଥିବା ପୋଲର ସଂଯୋଗ ରାସ୍ତା ଧୋଇ ହୋଇଯାଇଛି। ଫଳରେ ପୋଲ ପ୍ରତି ଏବେ ବିପଦ ଦେଖାଦେଇଛି। ବନ୍ୟା ପାଣି ମାଡ଼ ହେବା ଫଳରେ କେଶଡିହା ପଟୁ ସଂଯୋଗ ରାସ୍ତା ଧୋଇ ହୋଇଯାଇଛି। ଏ ନେଇ ପ୍ରଶାସନିକ ସ୍ତରରେ କୌଣସି ତତ୍ପରତା ଆଜି ପର୍ଯ୍ୟନ୍ତ ପ୍ରକାଶ ପାଉନାହିଁ। ପୋଲଟି ଏବେ ଲତା, ଗଛ, ଗୁଳ୍ମ ଭର୍ତ୍ତି ହୋଇଥିବାରୁ ରାସ୍ତା ଧୋଇ ହେଉଥିବା ସାଧାରଣରେ ଠିକ ଭାବେ ଜଣାପଡୁନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ଜୁଲାଇ ୪ ତାରିଖରେ ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲେ ମଧ୍ୟ କୌଣସି ସୁଧାର ଆସିନାହିଁ। ମାଟି ପ୍ୟାକିଂ, ସୁରକ୍ଷା ପାଚେରୀ କିମ୍ବା ପଥର ପ୍ୟାକିଂ କରା ନ ଗଲେ ଆଗାମୀ ଦିନରେ ବିପଦ ଦେଖାଦେବା ସହିତ ଅଘଟଣକୁ ମଧ୍ୟ ଏଡାଇ ଦିଆଯାଇନପାରେ ବୋଲି ମତପ୍ରକାଶ ପାଇଛି।

# ରାସ୍ତା କାମ ନ ସରୁଣୁ ଉଠିଲାଣି ପିଚୁ



କପ୍ତିପଦା, ୨୪।୧୧(ସମିସ): କପ୍ତିପଦାରୁ ଜାମବଣୀ ଓ କଟୁରିଆରୁ ନୋଟ ଛକ ପର୍ଯ୍ୟନ୍ତ ଚାଲିଥିବା ରାସ୍ତା କାମ ନ ସରୁଣୁ ପିଚୁ ଉଠିଗଲାଣି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ରାସ୍ତା ପାଇଁ କୋଟି କୋଟି ଟଙ୍କାର ଅଟକଳ କରାଯାଇଥିବା ବେଳେ ରାସ୍ତା କାମ ନିମ୍ନମାନର ହୋଇଛି। କାର୍ଯ୍ୟାଦେଶ ପାଇଥିବା ଠିକାଦାର କାମ କରୁଥିବାବେଳେ ବିଭାଗ ପକ୍ଷରୁ ଏହାକୁ ଅଣଦେଖା କରାଯାଇଛି। ତେଣୁ ଠିକାଦାର ଜଣକ ନିଜ ମନଇଚ୍ଛାରେ କାମ କରୁଛନ୍ତି। କେତେ ମାସ ହେବ ଏହି ରାସ୍ତା ନିର୍ମାଣ ସରିଥିବା ବେଳେ ପିଚୁ ଉଠି ଖାଲଖମା ହୋଇଯାଇଛି। ଠିକା ସଂସ୍ଥା ପକ୍ଷରୁ ମରାମତି କାମ ଚାଲିଥିବା ବେଳେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଚି। ସେହିପରି ନୟନଜୋରୀରେ ମୋରମ ପକାଇବା ଯାଗାରେ ନିକଟରେ ଥିବା ଡ଼ିଆଇ ମାଟି ପକାଇ ଦେଇ କାମ ସାରି ଦେଉଛି। କିଛିବର୍ଷ ପୂର୍ବରୁ ଏହି ରାସ୍ତା କାମ ହୋଇଥିବା ବେଳେ ମାତ୍ର ୨/୩ ବର୍ଷରେ ନଷ୍ଟ ହୋଇଯାଇଥିଲା। ପୁଣି ଏହି ରାସ୍ତା କାମ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେଉଛି। ଏ ନେଇ ପୂର୍ତ୍ତବିଭାଗ ଯନ୍ତ୍ରୀ ରାଜେନ୍ଦ୍ର କିଶାନଙ୍କୁ ପଚାରିବାରୁ ରାସ୍ତା ପାର୍ଶ୍ୱରେ ପିଚୁ ଉଠିଛି। ବର୍ଷା ଦିନ ହୋଇଥିବା ଯୋଗୁଁ ଏପରି ହୋଇଛି। ତେବେ ୩ବର୍ଷ ଅବଧି ମଧ୍ୟରେ ରାସ୍ତାର ଯାହା କିଛି ହେବ ସେଥିପାଇଁ ଠିକାଦାର ଦାୟୀ ରହିବାର ନିୟମ ରହିଛି। ତେଣୁ ହସ୍ତାନ୍ତର ପୂର୍ବରୁ ରାସ୍ତା ଠିକ ଭାବରେ କାମ ହୋଇଯିବ ବୋଲି କହିଛନ୍ତି।

॥ ଏକାଦଶାହ ଶ୍ରଦ୍ଧାଞ୍ଜଳି ॥



✓ ଅନୀତା ଦଣ୍ଡପାଟ

ଆବିର୍ଭାବ: ୧୭.୦୫.୧୯୫୭ ସ୍ୱର୍ଗାରୋହଣ: ୧୫.୧୧.୨୦୨୫

ସ୍ୱାମୀ: ✓ ସୁଧାଂଶୁ ଶେଖର ଦଣ୍ଡପାଟ

କାଶିଆବେଡା, ବଡ଼ଶୋଳ, ମୟୂରଭଞ୍ଜ

ଅଭୁଲା ସେ ଅନୁଭୂତି... ଅପାସୋରା ଗାଥା...
ସ୍ମୃତିସବୁ ଗଣ୍ଠିଧନ ବାକି ଜୀବନର...

ଶୋକସନ୍ତପ୍ତ: ପୁଅ ଦୀପକ, ଦୀନେଶ, ପୁଅବୋହୂ ସ୍ୱପ୍ନା, ସୁନୀତା, ଝିଅ ଲତିକା, ଜ୍ୱାଇଁ ଲାଲମୋହନ, ଦିଅର ରାମରଞ୍ଜନ, ଯାଆ ସୁଲେଖା, ନାତି ଓମ୍‌ପ୍ରକାଶ, ରାଜା, ସାଇ, କ୍ରିଶ୍, ନାତୁଣୀ ହର୍ଷିତା, ପୂଜା, ପଲକ, ଦ୍ରୀଷ୍ଟି ଓ ସମସ୍ତ ବନ୍ଧୁ ଓ ପରିଜନବର୍ଗ

### କପ୍ତିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣି

# ୮୧ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ ଓ ଏସ୍‌ପି

**କପ୍ତିପଦା, ୨୪।୧୧(ସମିସ)**



ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ହେମକାନ୍ତ ସଏ ଏବଂ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗ ଦେଇ ୮୧ଟି ଅଭିଯୋଗ ଶୁଣାଣି କରିଥିଲେ। ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ଲକ୍ଷ୍ମୀକାନ୍ତ ପତି ସମେତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ। ଅଭିଯୋଗ ମଧ୍ୟରେ ୬୯ ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୨ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ସେଥିମଧ୍ୟରୁ ୧୧ଟି ସମସ୍ୟାର ତତ୍‌କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ ଜଣଙ୍କୁ ୧୦ ହଜାର ଲେଖାଏଁ, ୬ଜଣଙ୍କୁ ୫ ହଜାର ଲେଖାଏଁ, ଶିକ୍ଷା ପାଇଁ ରେଡକ୍ରସ୍ ପାଣ୍ଠିରୁ ୨୧୧୦ ଟଙ୍କା ମୋଟ ୬୨ହଜାର ୧୧୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଅନ୍ୟ ଜଣଙ୍କୁ ପରାମର୍ଶ ମାଧ୍ୟମରେ ତତ୍‌କାଳ ସମାଧାନ କରାଯାଇଥିଲା। ଆଜିର ଶୁଣାଣିରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ କପ୍ତିପଦା ବ୍ଲକ କପ୍ତିପଦା ବଜାରରୁ ଭାୟା ମାଙ୍କଡପଡ଼ା ଏବଂ ପଦ୍ମପୋଖରୀ ଆରଡି ରାସ୍ତା ମରାମତି କିମ୍ବା ନୂତନ ରାସ୍ତା ନିର୍ମାଣ, କପ୍ତିପଦା ବ୍ଲକ ତାଳପୋଖରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ଖୁଣ୍ଟା ବ୍ଲକ ବଡମାମୁଡିଆ ଗ୍ରାମରୁ ମୁଖ୍ୟ ସଡକକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ, କରକଟିଆ ପଞ୍ଚାୟତ ନାହ୍ଲୁଆ ଛକଠାରୁ ଅଣ୍ଡିଆଟିକିରା ଆର.ଡି. ରାସ୍ତା ପାଶ୍ୱର୍ରେ ଥିବା ଗଛ ସଫା କରିବା, ଉଦଳା ବ୍ଲକ ରାଇଦାଣ୍ଡିଆ ଗ୍ରାମରେ ବନ୍ୟା ପାଇଁ ଉଚ୍ଚ ସ୍ଥାନରେ ରହୁଥିବା ୧୦/୧୨ ଟି ପରିବାରକୁ ବିଦ୍ୟୁତ୍ ସଂଯୋଗ କରିବା ଆଦି ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ଶାଙ୍ଖାଇ ହେମ୍ବ୍ରମ୍, ରମେଶ ପୃଷ୍ଟି, କବିତା ଖିଲାର, ସତ୍ୟ ପ୍ରକାଶ ପାତ୍ର, ସାଇସ୍ୱରୂପ କର, ରାଉତରାୟ ମୁର୍ମୁ, ଅନୁଭବ ରାଉତ, ତାପସ ପ୍ରଧାନ, ତପୁ ପାତ୍ର, ଭବାନୀ ପଣ୍ଡା, କୈଳାସ ଦନୈକ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଥମ ଶ୍ରୀଅରବିନ୍ଦ ପାଠଚକ୍ର ପ୍ରତିଷ୍ଠା ଦିବସ



**ରାଇରଙ୍ଗପୁର, ୨୪।୧୧(ସମିସ):** ରାଇରଙ୍ଗପୁର ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଗତ ୨୪ ନଭେମ୍ବର ୧୯୨୬ରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ସିଦ୍ଧିପ୍ରାପ୍ତ ହୋଇଥିବାରୁ ପ୍ରତିବର୍ଷ ସିଦ୍ଧି ଦିବସ ଦିବସ ଭାବେ ପାଳିତ ହୋଇ ଆସୁଛି। ମହାଯୋଗୀ ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀ ଶ୍ରୀମା'ଙ୍କ ଜୀବିତାବସ୍ଥାରେ ଓଡ଼ିଶାର ପ୍ରଥମ ପାଠଚକ୍ର ବା ଷ୍ଟଡି ସର୍କଲ ଏହି ପବିତ୍ର 'ସିଦ୍ଧି ଦିବସ' ୨୪ ନଭେମ୍ବର ୧୯୪୯ରେ ରାଇରଙ୍ଗପୁରରେ ପ୍ରତିଷ୍ଠା ହେବାର ଗୌରବ ଲାଭ କରିଛି। ଏହି ଅବସରରେ ରାଇରଙ୍ଗପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣାକେନ୍ଦ୍ର ପରିସରର ପାଠଚକ୍ର କକ୍ଷରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ପରିଚାଳନା କମିଟି ସଭାପତି ରବୀନ୍ଦ୍ର ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ କମିଟିର ବରିଷ୍ଠ ସଦସ୍ୟ/ସଦସ୍ୟା ପ୍ରଦୀପ ପଟ୍ଟନାୟକ ଓ ବୀଣା ଦାସ, ଶିକ୍ଷୟିତ୍ରୀ ସୁନୀତା ପ୍ରଧାନ, ପ୍ରିୟଙ୍କା ପାତ୍ର, କର୍ମଚାରୀ ଅଜିତ ମହାନ୍ତ, ଦିଲ୍ଲୀପ ଗିରି ଓ ଅଷ୍ଟମୀ ମାହାଲି ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ନିରୁପମା ମହାନ୍ତ, ଶ୍ରୀଅରବିନ୍ଦଙ୍କ ପବିତ୍ର 'ସିଦ୍ଧି ଦିବସ'ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

## ଫିଜିଓଥେରାପି ଚିକିତ୍ସା ଶିବିର

**କୁଆମରା, ୨୪।୧୧(ସମିସ):** ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ପଟୁଆ ଶ୍ରୀ ଅରବିନ୍ଦ ସାଧନାଳୟ ପକ୍ଷରୁ ଦିନିକିଆ ଫିଜିଓଥେରାପି ଚିକିତ୍ସା ଅନୁଷ୍ଠିତ ହୋଇଯାଇଛି। ମାଂସପେଶୀ ଓ ଆଣ୍ଠୁ ଗଣ୍ଠି ବ୍ୟଥା ଏବଂ ଅଣ୍ଟା ଯନ୍ତ୍ରଣା ପ୍ରଭୃତି ଉପରେ ମାଗଣା ଚିକିତ୍ସା ଓ ପରାମର୍ଶ ଦିଆଯାଇଥିଲା। ଓଲଟପୁରର ଡ଼ଃ ବସନ୍ତ କୁମାର ନନ୍ଦ, ଡା. କିଶୋର କୁମାର ମହାପାତ୍ର ଓ ବିଶ୍ୱଜିତ ଶତପଥୀ ଯୋଗଦେଇ ୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା କରିବା ସହ ପରାମର୍ଶ ଦେଇଥିଲେ। ଚିତ୍ତରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ସରୋଜ କୁମାର ମହାପାତ୍ର, ମନମୋହନ ମହାପାତ୍ର, ଉଜ୍ଜ୍ୱଳ କୁମାର ସେନ ପ୍ରମୁଖ ପରିଚାଳନା କରିଥିଲେ।

## ଏମ୍‌ପିସି ସ୍ୱୟଂଶାସିତ କଲେଜରେ ଏନ୍‌ସିସି ଦିବସ

**ବାରିପଦା, ୨୪।୧୧(ସମିସ):** ଏମ୍‌ପିସି ସ୍ୱୟଂଶାସିତ କଲେଜରେ ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ଡ. ନରେନ୍ଦ୍ର ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ଏନସିସି ଦିବସ ପାଳିତ ହୋଇଯାଇଛି। କଲେଜର ଅଧ୍ୟାପିକା ରାଇମଣି ମାର୍ଣ୍ଡି ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ମୁଖ୍ୟ ଭୀମଚରଣ ମୁର୍ମୁ ନିଜ ବକ୍ତବ୍ୟରେ ଏନସିସି ଦିବସ ପାଳନର ଉପାଦେୟତା ଏବଂ ଆବଶ୍ୟକତାକୁ ସୂଚୀତ କରିଥିଲେ। ଅଧ୍ୟାପକ ସୁପ୍ରିମ ମଣ୍ଡଳ ନିଜର ଅଭିଭାଷଣ ରଖିବା ସହ ମହାବିଦ୍ୟାଳୟର ସମସ୍ତ ଏନସିସି କ୍ୟାଡେଟ୍ ଉପସ୍ଥିତ ରହିବା ସହ ଅଧ୍ୟାପକ ଅଧ୍ୟାପିକା ମଧ୍ୟ ଉପସ୍ଥିତ ଥିଲେ। ପରିଶେଷରେ ଅଧ୍ୟାପକ ଆଲେକ୍ସ ହେମ୍ବ୍ରମ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ ଟ୍ରଷ୍ଟ ସଦସ୍ୟ

# ଜନଜାତି ପ୍ରତିଭା ସମ୍ମାନ ରାଶି ବୃଦ୍ଧି ଦାବି

ରାଇରଙ୍ଗପୁର, ୨୪।୧୧(ସମିସ): ଦାଣ୍ଡବୋଷ ସ୍ଥିତ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ ଟ୍ରଷ୍ଟ ପକ୍ଷରୁ ଏକ ପ୍ରତିନିଧି ଦଳ କେନ୍ଦୁଝରଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ଦିଆଯାଉଥିବା ଜନଜାତି ଗୌରବ ସମ୍ମାନ ପୁରସ୍କାର ରାଶି ୧ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ଭାଷା, ସଂସ୍କୃତି, ସାହିତ୍ୟ, କ୍ରୀଡା ଓ ଶିକ୍ଷା ଆଦି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଭିନ୍ନ ପ୍ରତିଭାବାନ ଜନଜାତି ବ୍ୟକ୍ତି ବିଶେଷଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ସମ୍ମାନ ପ୍ରଦାନ କରାଯାଇଥାଏ। ମାନପତ୍ର ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ପଶ୍ଚିମବଙ୍ଗରେ ଏହି ରାଶି ୧ଲକ୍ଷ ଟଙ୍କା ଥିବା ବେଳେ ଓଡ଼ିଶାରେ ୧୦ ହଜାର ଟଙ୍କା ପ୍ରଦାନ କରିବା ଅତି ନଗଣ୍ୟ। ତେଣୁ ଏହାକୁ ବୃଦ୍ଧି କରି ୧ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି କରିଛନ୍ତି। ସେହିପରି ରାଇରଙ୍ଗପୁରଠାରେ ନବ ନିର୍ମିତ ସ୍ପୋର୍ଟ କମ୍ପ୍ଲେକ୍ସକୁ ସୁନାରାମ ସୋରେନଙ୍କ ନାମରେ ନାମିତ କରିବାକୁ ମଧ୍ୟ ଦାବି ହୋଇଛି। ରାଇରଙ୍ଗପୁର ସନ୍ନିକଟ ହେଁସଲ ଗ୍ରାମରେ ୧୯୧୭ ମସିହାରେ ସ୍ୱର୍ଗତ ସୁନାରାମ ସୋରେନ ଜନ୍ମଗ୍ରହଣ କରିଥିଲେ। ସେ ଏକଧାରାରେ ଜଣେ ରାଜନୀତିଜ୍ଞ, ପୂର୍ବତନ ମନ୍ତ୍ରୀ, ସମାଜ ସଂସ୍କାରକ ଏବଂ ଅଲଚିକି ଲିପି ସ୍ରଷ୍ଟାର ଜଣେ ପୃଷ୍ଠପୋଷକ ଅଟନ୍ତି। ସାନ୍ତାଳୀ ସମାଜରେ ସେ ପ୍ରଥମ କ୍ୟାବିନେଟ ମନ୍ତ୍ରୀ ଥିଲେ। ଆଦିବାସୀଙ୍କ ଶିକ୍ଷା କ୍ଷେତ୍ରରେ ବିକାଶ ନିମନ୍ତେ ତାଙ୍କର ଉଲ୍ଲେଖନୀୟ ପଦକ୍ଷେପ ରହିଛି। ତାଙ୍କର ମନ୍ତ୍ରୀ କାର୍ଯ୍ୟକାଳ ମଧ୍ୟରେ ରାଜ୍ୟରେ ପ୍ରଥମ କରି ଆଶ୍ରମ ବିଦ୍ୟାଳୟର ସ୍ଥାପନା କରିଥିଲେ। ଆଦିବାସୀଙ୍କ ବିକାଶ ନିମନ୍ତେ ସେ ଜଣେ ମାଇଲଖୁଣ୍ଟ ଥିଲେ। ଅଲଚିକି ଲିପିର ପ୍ରଚଳନ ନିମନ୍ତେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସେ ପ୍ରଥମ ସହାୟକ ଥିଲେ। ତେଣୁକରି ତାଙ୍କ ସ୍ମୃତିରେ ଯଥୋଚିତ ସମ୍ମାନ ପ୍ରଦାନ କରିବାକୁ ସ୍ପୋର୍ଟ କମ୍ପ୍ଲେକ୍ସ ସୁନାରାମ ସୋରେନଙ୍କ ନାମରେ ନାମିତ କରିବାକୁ ଦାବି କରିଛନ୍ତି। ପ୍ରତିନିଧି ଦଳରେ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ ଟ୍ରଷ୍ଟ ସାଧାରଣ ସମ୍ପାଦକ ମଦନ ମୋହନ ସୋରେନ ଓ କୋଷାଧ୍ୟକ୍ଷ ଆନ୍ତ ଆଲୋକ ବାସ୍କେ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଛନ୍ତି।

## ମେଘାସନ ମହାବିଦ୍ୟାଳୟରେ ଏନ୍‌ସିସି ଦିବସ




**ପିଙ୍ଗୁ, ୨୪।୧୧(ସମିସ):** ମେଘାସନ ମହାବିଦ୍ୟାଳୟ ପରିସରରେ ଜାତୀୟ ସମର ଶିକ୍ଷାର୍ଥି ବାହିନୀ ଦିବସ ପାଳିତ ହୋଇଯାଇଛି। ଏକତା ଓ ଶୃଙ୍ଖଳା ହେଉଛି ଏହାର ମୂଳମନ୍ତ୍ର। ସାହସିକତା, ଚରିତ୍ରବତା, ନେତୃତ୍ୱ ଓ ନିରପେକ୍ଷତା ଏହାର ମୂଳଭିତି। ରାଷ୍ଟ୍ର ସେବା ପାଇଁ ନିଜକୁ ଉତ୍ସର୍ଗ କରିବା ପାଇଁ ନିଜକୁ ପ୍ରସ୍ତୁତ ରଖିବା ଏହାରର ଲକ୍ଷ୍ୟ। ରାଷ୍ଟ୍ରର ଜରୁରୀକାଳୀନ ପରିସ୍ଥିତିରେ ଦେଶରକ୍ଷା ଓ ଦେଶ ସେବା ପାଇଁ ଏନ୍.ସି.ସି. କ୍ୟାଡ଼େଟମାନେ ସର୍ବଦା ନିଜକୁ ପ୍ରସ୍ତୁତ ରଖିବା ଉଚିତ ବୋଲି ଉପସ୍ଥିତ ମଞ୍ଚାସୀନ ବକ୍ତାମାନେ ମତବ୍ୟକ୍ତ କରିଥିଲେ।ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ରକ୍ରମରେ ମୁଖ୍ୟ ଅତିଥି ଭାବରେ ବାୟୁସେନାର ଅବସରପ୍ରାପ୍ତ ଫ୍ଲାଇଙ୍ଗ ଅଫିସର ସୁଦର୍ଶନ ପ୍ରଧାନ, ମୁଖ୍ୟବକ୍ତା ଭାବରେ କପ୍ତିପଦା ରେଞ୍ଜ ଅଫିସର ଅଚ୍ୟୁତାନନ୍ଦ ଦାସ, ପ୍ରଶାସନିକ ଅଧିକାରୀ ଡ଼ଃ ନିରଞ୍ଜନ ପାଠୀ, ପ୍ରାଧ୍ୟାପକ ନକୁଳ ଜେନା ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଅଦ୍ୟାପକ ଗୌରଶଙ୍କର ସାହୁ ଅତିଥି ପରିଚୟ ଦେଇଥିଲେ। ଲେଫ୍ଟନାଣ୍ଟ ଅରୁଣ କୁମାର ଜେନା କାର୍ଯ୍ୟକ୍ରମର ଅଭିମୁଖ୍ୟ ବର୍ଣ୍ଣନା କରିବା ସହିତ କ୍ୟାଡ଼େଟଙ୍କ ର୍‌ୟାଙ୍କ ଓ ସାର୍ଟିଫିକେଟ ପ୍ରଦାନ କାର୍ଯ୍ୟକ୍ରମର ଦାୟିତ୍ୱ ନେଇଥିଲେ। ସର୍ବଶେଷରେ ପ୍ରାଧ୍ୟାପିକା ଶୁଭଦର୍ଶନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଅପରାଧ-ଦୁର୍ଘଟଣା ଖବର

### ରେଳ ଧାରଣାରୁ ଯୁବକର ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର

**ରାଇରଙ୍ଗପୁର, ୨୪।୧୧(ସମିସ):** ରେଳ ଧାରଣାରୁ ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର ହୋଇଛି। ଯୁବକ ଜଣକ ବାଦାମପାହାଡ଼-ଟାଟା ନଗର ମେମୁ ଟ୍ରେନରେ କଟି ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଏହି ଘଟଣା ବାଦାମପାହାଡ଼ ଥାନା ଅନ୍ତର୍ଗତ ବାଗଡ଼େଗା ରେଲୱେ ଫାଟକ ନିକଟରେ ଘଟିଛି। ମୃତ ଯୁବକ ଜଣକ ହେଲେ ଉକ୍ତ ଥାନା ଅନ୍ତର୍ଗତ ବାଗଡ଼େଗା ଗ୍ରାମର ଠାକୁରା ଟୁଡୁ ବୋଲି ସୂଚନା ମିଳିଛି। ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ବାଦାମପାହାଡ ରେଳ ଷ୍ଟେସନରୁ ଟ୍ରେନଟି ରାଇରଙ୍ଗପୁର ଷ୍ଟେସନ ଅଭିମୁଖେ ଯାଉଥିବା ସମୟରେ ଘଟଣା ଘଟିଛି। ବାଗଡ଼େଗା ରେଲୱେ ଫାଟକରୁ ପ୍ରାୟ ଅଧକିମି ଦୂରରେ ରେଳ ଲାଇନ ଉପରେ ମୃତଦେହ ପଡ଼ିଥିଲା। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ରେଳ ସୁରକ୍ଷା ବଳକୁ ଜଣାଇଥିଲେ। ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଇଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ବାଲେଶ୍ୱରରୁ ରେଳ ସୁରକ୍ଷା ବଳ ଆସି ଘଟଣାର ଅନୁଧ୍ୟାନ କରିବା ପରେ କାରଣ ତାହା ସ୍ପଷ ହୋଇପାରିବ ବୋଲି କୁହାଯାଇଛି। ଏନେଇ ରେଳ ସୁରକ୍ଷା ବଳ ପକ୍ଷରୁ ଜିଆରପି ଥାନାରେ ମାମଲା ରୁଜୁ କରାଯାଇଛି।

### ପୋଖରୀରେ ବୁଡ଼ି ଯୁବକ ମୃତ

**ରାଇରଙ୍ଗପୁର, ୨୪।୧୧(ସମିସ):** ଗ୍ରାମ୍ୟ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଜାମଦା ଥାନା ଅନ୍ତର୍ଗତ ଖଇରପାଳ ଗ୍ରାମର ଅମର ସିଂ କୋଳା (୨୫)। ସୂଚନା ଅନୁଯାୟୀ, ସେ ଘର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ; ହେଲେ ଦୀର୍ଘ ସମୟ ଧରି ଘରକୁ ଫେରି ନଥିଲେ। ଯାହାକୁ ନେଇ ପରିବାର ଲୋକେ ଖୋଜାଖୋଜି କରିବା ପରେ ପୋଖରୀରୁ ଅମରଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଜାମଦା ପୁଲିସ ଏକ ମାମଲା ରୁଜୁ କରିଛି।

### କାର୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ; ୨ ଆହତ

**ବାରିପଦା, ୨୪।୧୧(ସମିସ):** ବାରିପଦା ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୧୮ନଂ. ଦାମୋଦରପୁର ନିକଟରେ ରବିବାର ରାତିରେ ଏକ କାର ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ବାରିପଦା ଟାଉନ ଥାନା ଅନ୍ତର୍ଗତ ଷ୍ଟେସନ ବଜାର ଅଞ୍ଚଳର ସୌମ୍ୟ ରଞ୍ଜନ ବାରିକ (୨୭)। କୌଣସି କାମରେ ଏକ କାରରେ ୩ଜଣ ଝାରପୋଖରିଆକୁ ଯାଇଥିଲେ। ସେଠାରୁ ବାରିପଦାକୁ ଫେରିବାବେଳେ ଦାମୋଦରପୁର ନିକଟରେ ସମ୍ମୁଖରେ ଯାଉଥିବା ଏକ ଟ୍ରକ ହଠାତ ବ୍ରେକ ମାରିଥିଲା। ଫଳରେ କାର ଚାଳକ ତୁରନ୍ତ ବ୍ରେକ ମାରିବାରୁ ଭାରସାମ୍ୟ ହରାଇ କାରଟି ଡିଭାଇଡ଼ରରେ ଧକ୍କା ହୋଇଥିଲା। ଫଳରେ ସୌମ୍ୟଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକମାନେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଆଣି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ସୌମ୍ୟଙ୍କୁ ଡାକ୍ତର ମୃତ ଘୋଷଣା କରିବା ସହ ଅନ୍ୟ ଦୁଇ ଜଣ ଚିକିତ୍ସା ଜାରି ରହିଛି। ଏନେଇ ବାରିପଦା ସଦର ଥାନାରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

### ଯୁବତୀଙ୍କଠାରୁ ମୋବାଇଲ ଛିନ୍‌ତାଇ

**ରାଇରଙ୍ଗପୁର, ୨୪।୧୧(ସମିସ):** ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରେ ରାସ୍ତାରେ ଯାଉଥିବା ଜଣେ ଯୁବତୀଙ୍କଠାରୁ ମୋବାଇଲ ଛିନତାଇ ହୋଇଛି। ଏନେଇ ରାଇରଙ୍ଗପୁର ଥାନାରେ ଅଭିଯୋଗ ହୋଇଛି। ସୋମବାର ସକାଳେ ମୁର୍ମୁ ଛକ ନିକଟରେ ଦୁଇ ଜଣ ଯୁବତୀ ଚାଲିଚାଲି କଲେଜ ଯାଉଥିବା ବେଳେ ଛିନତାଇ ହୋଇଛି। ଦୁଇ ଜଣ ଦୁର୍ବୃତ୍ତ ଏକ କଳା ପଲସରେ ଆସି ଛିନତାଇ କରି ଚମ୍ପଟ ମାରିଛନ୍ତି। ସ୍ଥାନୀୟ ଲୋକେ ଧରିବାକୁ ଚେଷ୍ଟା କରିଥିବା ବେଳେ ବିଫଳ ହୋଇଛନ୍ତି। ଅଭିଯୋଗକ୍ରମେ ପୁଲିସ ତଦନ୍ତ ଜାରି ରଖିଛି।

### ବେଆଇନ ଚାଲାଣ ବେଳେ ୩ ଗୋରୁ ଉଦ୍ଧାର; ଗାଡ଼ି ଜବତ

**ରାଇରଙ୍ଗପୁର/କରଞ୍ଜିଆ, ୨୪।୧୧(ସମିସ):** ଦିନକୁ ଦିନ ବେଆଇନ ଗୋଚାଲାଣ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଜାରି ଥିବା ବେଳେ କରଞ୍ଜିଆ ଥାନା ପୋଲିସ ଦ୍‌?ାରା ବେଆଇନ ଗୋଚାଲାଣ ବେଳେ ଗୋରୁ ଉଦ୍ଧାର ହୋଇଛନ୍ତି। ୩ଟି ଗୋରୁ ଉଦ୍ଧାର କରିବା ସହ ବୋଲେର ଜବତ କରି ପୋଲିସ ତଦନ୍ତ ଜାରି ରଖିଛନ୍ତି। ରବିବାର ବିଳମ୍ବିତ ରାତିରେ କରଞ୍ଜିଆ ଥାନା ପୁଲିସ ଦ୍ୱାରା କୁରୁଲିଆ ଗ୍ରାମ ଅଞ୍ଚଳରେ ପେଟ୍ରୋଲିଂ ଜାରିଥିଲା। ଉକ୍ତ ସମୟରେ ଏକ ବୋଲେରୋ ଗୋଚାଲାଣ ହେଉଥିବା ନେଇ ପୁଲିସ ବିଶ୍‌?ସ୍ତସୂତ୍ରରୁ ଖବର ମିଳିଥିଲା। ଏହାକୁ ନେଇ ପୋଲିସ ଦ୍‌?ାରା ବେଆଇନ ଗୋଚାଲାଣ ଗାଡିକୁ ଅଟକାଇବା ପାଇଁ ପ୍ରଚେଷ୍ଟା କରିଥିଲେ। କିନ୍ତୁ ଗାଡିଟି ପୋଲିସ ଚକମା ଦେବାକୁ ଚେଷ୍ଟା କରିବା ବେଳେ ଏକ ଟାଟା ଏସସି ଓ କାରକୁ ଧକ୍କା ଦେଇଥିଲା। ଏହାପରେ ମଧ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। କିନ୍ତୁ ପୋଲିସ ବହୁ ପ୍ରଚେଷ୍ଟା ପରେ ତାହାକୁ ଅଟକାଇ ଯାଞ୍ଚ କରିଥିଲେ। ବୋଲେରୋରୁ ୩ଗୋଟି ଗୋରୁକୁ ଅମାନବୀୟ ଭାବେ ନେଉଥିବା ବେଳେ ଏନେଇ କୋଣସି କାଗଜପତ୍ର ମଧ୍ୟ ନଥିଲା। ଚାଳକ ଓ ହେଲ୍ପର ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲେ। ପୁଲିସ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ଗାଡିକୁ ଜବତ କରି କରଞ୍ଜିଆ ଥାନାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ତେବେ ଗୋରୁ ଗୁଡ଼ିକ ଯଶିପୁର ଦେଇ ଝାରଖଣ୍ଡ ଚାଲାଣ ହେଉଥିବାର ନେଇ ସନ୍ଦେହ କରାଯାଉଛି। ଉଦ୍ଧାର ଗୋରୁକୁ ଗୋଶାଳାରେ ପଠାଇବା ବ୍ୟବସ୍ଥା କରାଯାଇଛି।

### ଜାତୀୟ ବହୁଭାଷୀ ନାଟକ ମହୋତ୍ସବର ୩ୟ ସନ୍ଧ୍ୟା

# ମନମୋହିଲା ନାଟକ 'ଲାଲ ପାଏନ'



**ବାରିପଦା, ୨୪।୧୧(ସମିସ):** ସ୍ମୃତି ଭବନରେ ରୂପାନ୍ତର ଅନୁଷ୍ଠାନ ଆନୁକୂଲ୍ୟରେ ୬ ଦିନିଆ ଜାତୀୟ ବହୁଭାଷୀ ନାଟକ ମହୋତ୍ସବର ୩ୟ ସନ୍ଧ୍ୟାରେ ମିରର ଥିଏଟର, ବେଲପାହାଡ, ଝାରସୁଗୁଡା ପ୍ରଯୋଜିତ ସମ୍ବଲପୁରୀ ନାଟକ 'ଲାଲ ପାଏନ' ମଞ୍ଚସ୍ଥ ହୋଇଯାଇଛ। ଡ଼ଃ ସୁବାଷ ଚନ୍ଦ୍ର ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକରେ ସନ୍ତୋଷ ସାହୁ, ସୋନିଆଁ ବେହେରା, ଗୌରୀଶଙ୍କର କୁମ୍ଭାର, ଆଶିଷ ମହାନ୍ତି, ସରୋଜ ମିର୍ଦ୍ଧା ଲବ ପ୍ରଧାନ, ଅରୱାଜ ଖାନ, ବିନୟ ପ୍ରଧାନ, ଦିବ୍ୟ ରଞ୍ଜନ ସାହୁ, ସାହିଲ ସୁନା, ବର୍ଷାରାଣୀ ଧଳ, ଆୟୁଷି ପଟ୍ଟନାୟକ, ଭବେଶ ପ୍ରଧାନ, ସଞ୍ଜନା ମେହେର, ସାନିଆ ବେହେରା, ଖୁସି ଗୌର, ଯୋଗେଶ ସାହୁ, ତନୁଜା ମେହେର, ବିକାଶ କିସାନ ପ୍ରମୁଖ ଅଭିନୟ କରିଥିଲେ। ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତଙ୍କ କରୁଣ କାହାଣୀ ଉପରେ ଆଧାରିତ ନାଟକରେ କଳାକାରମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଆଜି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ପ୍ରମୋଦ ଶତପଥୀ, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ ଶ୍ୟାମ ସୁନ୍ଦର ଦାସ ଯୋଗଦେଇ ନାଟକ ମହୋତ୍ସବର ସଫଳତା କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାର, ନିର୍ଦ୍ଦେଶକ ପରେଶ ସାହୁ ଓ ସମ୍ପାଦକ ସତ୍ୟନାରାୟଣ ଦାସ ଉପସ୍ଥିତ ଥିଲେ। ଅପୂର୍ବା ସାହୁ ଓ ଶୁଭେନ୍ଦୁ ସାହୁ ମଞ୍ଚ ପରିଚାଳନା କରିଥିଲେ। ଆସନ୍ତାକାଲି ପାଥ, ଜାମସେଦପୁର ପ୍ରଯୋଜିତ ହିନ୍ଦୀ ନାଟକ 'କନ୍ୟାଦାନ' ପରିବେଷଣ ହେବ।

### ବହୁଭାଷୀ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର


# ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ରଙ୍କୁ ସମ୍ବର୍ଦ୍ଧନା

**ବାରିପଦା, ୨୪।୧୧(ସମିସ)**




ସହିଦ ସ୍ମୃତି ଭବନ ପରିସରରେ 'ରୂପାନ୍ତର' ସାଂସ୍କୃତିକ ଓ ସାମାଜିକ ସଂଗଠନ ତରଫରୁ ଆରମ୍ଭ ହୋଇଛି। ବହୁଭାଷୀ ନାଟକ ମହୋତ୍ସବ ଅବସରରେ ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ପ୍ରତିଶ୍ରୁତି' ପ୍ରତିଷ୍ଠାନ ଆନୁକୂଲ୍ୟରେ ଏକ ବହୁଭାଷୀ କବିତା ପାଠୋତ୍ସବ ଓ ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କିତ ଏକ ଆଲୋଚନାଚକ୍ର ପ୍ରତିଷ୍ଠାନର ସଭାପତି ଡାକ୍ତର ପାର୍ଥ ସାରଥୀ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ 'ପ୍ରତିଶ୍ରୁତି'ର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ଓଡ଼ିଆ ଭାଷାର ସମୃଦ୍ଧ ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଭାଷା ସମ୍ପର୍କିତ ଆଲୋଚନାଚକ୍ରରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ।ସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ନାରାୟଣ ପ୍ରସାଦ ବେହେରା ମୁଖ୍ୟଅତିଥି ଓ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଡକ୍ଟର ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଓଡ଼ିଆ ଭାଷାର ଉତପ୍ତି, କ୍ରମବିକାଶ, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ସୁଗାୟିକା ଭାରତୀ ବେର୍ବା, କବୟିତ୍ରୀ ସ୍ନେହଲତା ନାୟକ ଓ ଭାସ୍ୱତୀ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ବହୁଭାଷୀ କବିତା ପାଠୋତ୍ସବରେ ସଂସ୍କୃତ, ହିନ୍ଦୀ, ବଙ୍ଗଳା, ଇଂରାଜୀ, ଓଡ଼ିଆ, ସାନ୍ତାଳୀ, ମୁଣ୍ଡାରୀ ଓ ହୋ ପ୍ରଭୃତି ଭାଷାରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ତାଙ୍କର ସ୍ୱରଚିତ କବିତା ଆବୃତ୍ତି କରିଥିଲେ।ଏହି ଅବସରରେ ଡକ୍ଟର ବେହେରା ଓ ଡକ୍ଟର ଚକ୍ରଙ୍କୁ 'ରୂପାନ୍ତର' ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ସମ୍ପାଦକ ଭାଗବତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପାଦକୀୟ



ଭୋଟ, ଗୁଳିଗୁଳାଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ!
-ଆବ୍ରାହମ୍ ଲିଙ୍କନ୍

ସକାଳ
THE SAKALA

## ମୋଦୀ– ମେଲୋନି

ଜର୍ଜିଆ ମେଲୋନି ଇଟାଲୀର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ। ପୁରୁଷପ୍ରାଧାନ୍ୟ ନେତୃତ୍ୱ ମଧ୍ୟରେ ମହିଳା ରାଷ୍ଟ୍ରମୁଖ୍ୟ ଭାବେ ସେ ବାରି ହୋଇପଡ଼ନ୍ତି। ଶୈଶବରୁ ଜୀବନ ସହ ଯୁଝିଥିବା ମେଲୋନି ନିଜର ସବୁ ଇଚ୍ଛାପୂର୍ତ୍ତିରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ ମଧ୍ୟ ହାର ସ୍ୱୀକାର କରିନାହାନ୍ତି। ମୁସୋଲିନୀଙ୍କ ଫାସୀବାଦ ଇଟାଲୀର ଜନଜୀବନରେ ଅଗ୍ରାହ୍ୟ ଓ ନିନ୍ଦିତ ହୋଇଥିବା ବେଳେ ସେ ସେହି ଦକ୍ଷିଣପନ୍ଥୀ ଆଦର୍ଶର ଅନୁଗାମୀ ହୋଇ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ତାହା ହିଁ ତାଙ୍କୁ ଶେଷରେ ରାଷ୍ଟ୍ରମୁଖ୍ୟ ହେବାର ସୁଯୋଗ ଆଣିଦେଇଛି।

ଆଦର୍ଶ ଓ ଆଚରଣଗତ ସାମ୍ୟତା ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ମେଲୋନିଙ୍କ ସଂପର୍କ ସୁଦୃଢ଼ ହୋଇଛି। ଏମିତିରେ ଭାରତ ୧୪୦ କୋଟି ଜନତାଙ୍କ ସର୍ବବୃହତ ଗଣତନ୍ତ୍ର। ଜି-୨୦ ଓ ଜି-୭ ଶିଖର ସମ୍ମିଳନୀର ପୃଷ୍ଠଭାଗରେ ମୋଦୀ-ମେଲୋନୀଙ୍କ ମଧ୍ୟରେ ଭାବବିନିମୟରୁ ଭାରତ ଉପକୃତ ହୋଇଛି କହିଲେ ଭୁଲ ହେବନି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ବର୍ଦ୍ଧିତ ଟାରିଫ ଓ 'ଅପରେସନ ସିନ୍ଦୂର' ପରବର୍ତ୍ତୀ ପରିସ୍ଥିତିରେ ୟୁରୋପୀୟ ରାଷ୍ଟ୍ରଙ୍କ ସହ ଭାରତର କୂଟନୈତିକ ସଂପର୍କ କ୍ଷୁଣ୍ଣ ହୋଇଥିବା ବେଳେ ମେଲୋନିଙ୍କ ପ୍ରଭାବୀ ଭୂମିକା ମାର୍ଗଦର୍ଶନରେ ସହାୟକ ହୋଇଥିଲା। ୟୁରୋପୀୟ ରାଷ୍ଟ୍ର ସଂଘ ସହ ଭାରତର ବାଣିଜ୍ୟିକ ଚୁକ୍ତିନାମା ସଂପ୍ରତି ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିପାରିଛି। ଦୁଇ ନେତୃତ୍ୱ ମଧ୍ୟରେ ସଂପର୍କର ଘଟଣାକ୍ରମ ଏକ ସେଲଫିଂକୁ ନେଇ ବେଶ ରୋଚକ ମୋଡ଼ ନେଇଥିଲା। ଦୁବାଇରେ ଅନୁଷ୍ଠିତ ସିଓପି – ୨୮ ଶିଖର ସମ୍ମିଳନୀରେ ଯୋଗ ଦେଇଥିଲେ ଦୁଇ ରାଷ୍ଟ୍ରମୁଖ୍ୟ। ସେତେବେଳେ ମେଲୋନି ମୋଦୀଙ୍କ ସହ ଉଠାଇଥିବା ସେଲ୍‌ଫି ପୋଷ୍ଟ କରିଥିଲେ। ଏହାର ଉତ୍ତରରେ ଦୁଇ ରାଷ୍ଟ୍ର ସଂପର୍କ ସୁଦୃଢ଼ ଓ ନିବିଡ଼ ହେଉ ବୋଲି କାମନା କରିଥିଲେ ମୋଦୀ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ୭୫ ତମ ଜନ୍ମଦିବସରେ ମେଲୋନି ପଠାଇଥିବା ଶୁଭେଚ୍ଛା ଭିଡିଓ, ମେଲୋନିଙ୍କ ଆତ୍ମଜୀବନୀ ପୁସ୍ତକର ଭାରତୀୟ ସଂସ୍କରଣରେ ମୋଦୀ ଲେଖିଥିବା ଭୂମିକାରେ ପରସ୍ପର ପ୍ରତି ଥିବା ଶ୍ରଦ୍ଧା ଓ ସମ୍ମାନ ପରିସ୍ଫୁଟ ହୋଇଛି। କୂଟନୈତିକ ସ୍ତରରେ ଏଭଳି ସଂପର୍କ ଓ ସଦ୍‌ଭାବର କେବଳ ଆବଶ୍ୟକତା ନୁହେଁ ସ୍ୱତନ୍ତ୍ର ଗୁରୁତ୍ୱ ମଧ୍ୟ ରହିଛି।

ଦକ୍ଷିଣ ଆଫ୍ରିକାର ଜୋହନ୍‌ସବର୍ଗରେ ଆୟୋଜିତ ଜି-୨୦ ଶିଖର ସମ୍ମିଳନୀରେ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ପୁଣି ଆଳାପଆଲୋଚନା ହୋଇଛି। ଏଥର ଉଦ୍‌ଘାଟନୀ ଦିବସରେ ମିଳିତ ଘୋଷଣାନାମା ଜାରି କରାଯାଇଛି। ଆତଙ୍କବାଦର ସମସ୍ତ ସ୍ୱରୂପକୁ ଉପସ୍ଥିତ ସବୁନେତା ମିଳିତ ସ୍ୱରରେ ନିନ୍ଦା କରିବା ଭାରତ ପାଇଁ ଏକ ବଡ଼ ସଫଳତା କୁହାଯାଇପାରେ। ପ୍ରଧାନମନ୍ତ୍ରୀ ମୋଦୀ ଉପସ୍ଥାପନ କରିଥିବା ୪ଟି ପ୍ରସ୍ତାବ ମଧ୍ୟରୁ ଡ୍ରଗ୍ସ ଆତଙ୍କବାଦ ସଂପର୍କ ଓ ସ୍ୱାସ୍ଥ୍ୟଯତ୍ନ ପାଇଁ ବିଶ୍ୱସ୍ତରୀୟ ଟିମ ବା ଗୋଷ୍ଠୀର ଗଠନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆମେରିକା, ଚୀନ ଓ ରୁଷିଆର ଅନୁପସ୍ଥିତି ସତ୍ତ୍ୱେ ଏହି ଶିଖର ସମ୍ମଳନୀରେ ଅନୁମୋଦିତ ପ୍ରସ୍ତାବ ବିଶ୍ୱ ସମୁଦାୟର ଆସ୍ଥା ଓ ବିଶ୍ୱାସଭାଜନ ହେବ ବୋଲି ଆଶା କରୁ।

## ନିଲାମ ନୁହେଁ, ଲଟେରୀ

ଆନ୍ତଃ ରାଜ୍ୟ ବାଲିମାଫିଆ ଓଡ଼ିଶାରେ ସକ୍ରିୟ। ସ୍ଥାନୀୟ ଲୋକଙ୍କ ସହାୟତା ବିନା ଏହା ଅସମ୍ଭବ। ସରକାରଙ୍କ ଜ୍ଞାତସାରରେ ଏସବୁ ଚଳିଛି। ରାଜ୍ୟବାସୀଙ୍କ ଚାହିଦା ବା ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ଅଧିକ ମୂଲ୍ୟ ଦେବାକୁ ପଡୁଛି। ରାଜ୍ୟ ବାହାରକୁ ବାଲିଚାଲାଣ ରୋକିବାରେ ସରକାର ଅସମର୍ଥ ହୋଇଛନ୍ତି। ତେଣୁ ନିକଟରେ ସରକାର ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ – ୨୦୧୬ ର ସଂଶୋଧନ ମାଧ୍ୟମରେ ସ୍ଥିତି ସୁଧାରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏଣିକି ସାରା ରାଜ୍ୟରେ ଗୋଟିଏ ବାଲି ଦର ଲାଗୁ ହେବ। ରାଜ୍ୟ ସରକାର ବାଲି ପାଇଁ ଏମଏସପି (ସର୍ବାଧିକ ବିକ୍ରିମୂଲ୍ୟ) ଧାର୍ଯ୍ୟ କରିବେ। ବାଲିଘାଟଧାରୀ ସରକାରଙ୍କ ଧାର୍ଯ୍ୟ ଦରରେ ବିକିବେ। ଏହାର ଉଲ୍ଲଘଂନ ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଛି। ସରକାରୀ ନିଷ୍ପତ୍ତିର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଲା, ଇ-ନିଲାମ ପରିବର୍ତ୍ତେ ଇ-ଲଟେରୀ ମାଧ୍ୟମରେ ବାଲିଘାଟଗୁଡ଼ିକୁ ଲିଜ୍ ଦିଆଯିବ। ନିଲାମ ଓ ଲଟେରୀ ବ୍ୟବସ୍ଥାରେ ଥିବା ପାର୍ଥକ୍ୟ ସହଜରେ ଅନୁମେୟ। ସରକାରଙ୍କ ପାଖଲୋକଙ୍କୁ ଖୋଲାହାତରେ ବାଲିଘାଟ ଲିଜ୍ ଦେବାରେ ଲଟେରୀ ବ୍ୟବସ୍ଥା ସହାୟକ ହେବ। ଯେଉଁ କାରଣରୁ ଲଘୁ ଖଣିଜ ସାମଗ୍ରୀ ଲୁଟ ଓ ଚୋରା ଚାଲାଣକୁ ରୋକାଯାଇ ପାରୁନି, ତାହାର କ୍ଷେତ୍ର ଏହାଦ୍ୱାରା ସଂପ୍ରସାରିତ ହେବ। ଅନ୍ୟଏକ ଦିଗ ହେଲା ରାଜ୍ୟ ବାହାରକୁ ବାଲି ଚୋରାଚାଲାଣ ରୋକିବା ପାଇଁ କୌଣସି ନିଷ୍ପତ୍ତି ନିଆଯାଇନାହିଁ।

ବର୍ଷାଋତୁରେ ନଦୀରେ ପାଣି ଆସୁଥିବାରୁ ବାଲି ଦୁର୍ଲଭ ହୋଇପଡ଼େ। ବାଲି ମାଫିଆମାନେ ଯଥେଷ୍ଟ ପୂର୍ବରୁ ନଦୀ ଶଯ୍ୟାରୁ ବାଲି ଉଠାଇ ବିଭିନ୍ନ ସ୍ଥାନରେ ଗଚ୍ଛିତ କରି ରଖିଥା'ନ୍ତି। ସେହି ସୂତ୍ରରୁ ମନଇଚ୍ଛା ମୂଲ୍ୟ ନିର୍ଦ୍ଧାରଣ କରି ଲୋକଙ୍କୁ ଯୋଗାଇଥା'ନ୍ତି। ଷ୍ଟୋରେଜ ଲାଇସେନ୍ସ ବିନା କେହି ବାଲି ଗଚ୍ଛିତ ରଖିପାରିବେ ନାହିଁ ବୋଲି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହା ଉଭୟ ବାଲି ଓ ଅନ୍ୟ ଲଘୁଖଣିଜ ସାମଗ୍ରୀ କ୍ଷେତ୍ରରେ ପ୍ରୟୋଗ କରାଯିବ। ଖଣିଜ ପଦାର୍ଥର ମାନ ନିର୍ଣ୍ଣୟରେ ଚାଲିଥିବା କାରସାଦିକୁ ରୋକିବା ସକାଶେ ଡିଜିଟାଲ ଜ୍ଞାନକୌଶଳର ପ୍ରୟୋଗ କରାଯିବ। ଏପରିକି ଚୋରା ଖଣିଜ ପଦାର୍ଥ ଜବତ ସମୟରେ ମଧ୍ୟ ପୋର୍ଟେବଲ୍ ବିଶ୍ଲେଷକ ମାଧ୍ୟମରେ ଗ୍ରେଡ୍ ନିର୍ଦ୍ଧାରଣ କରାଯିବ। ସେହିପରି ସବୁ ଖଣିରେ ଆରଏଫଆଇଡି ବୁମ ବ୍ୟାରିୟର ଲଗାଯିବ। ଫଳରେ ଖଣିରୁ ମାଲବାହୀ ଗାଡ଼ି ବାହାରିବା ସମୟରେ ଟ୍ରାକିଂ କରାଯାଇ ପାରିବ। କେଉଁଠି ଓ କାହା ମାଧ୍ୟମରେ ରୋରା ଖଣିଜ ସାମଗ୍ରୀ ଚାଲାଣ ହେଉଛି ତାହା ଧରିବାରେ ଏହା ସହାୟକ ହେବ। ଓଡ଼ିଶା ଖଣିଜ ପଦାର୍ଥ ୨୦୨୫ ସଂଶୋଧନ ଆଇନରେ ଏହି ସବୁ ଦିଗ ପ୍ରତି ଧ୍ୟାନ ଦିଆଯାଇଛି।

ବ୍ୟବସ୍ଥାଗତ ପରିବର୍ତ୍ତନ ଓ ତାହାର କାର୍ଯ୍ୟକାରିତାରେ କେଉଁଠି ନା କେଉଁଠି ଅସାମାଞ୍ଜସ୍ୟ ରହିଯାଉଥିବାରୁ ରାଜ୍ୟରୁ ଲଘୁଖଣିଜ ସାମଗ୍ରୀ ଲୁଟ୍‌କୁ ରୋକାଯାଇ ପାରୁନାହିଁ। ଲିଜଧାରୀ ପ୍ରତ୍ୟକ୍ଷରେ ରାଜନୈତିକ ବ୍ୟକ୍ତିବିଶେଷ ନହେଲେ ମଧ୍ୟ ତାଙ୍କ ଚେଲାଚାମୁଣ୍ଡାଙ୍କୁ ସୁବିଧା ସୁଯୋଗ ମିଳୁଛି। ଏକ୍ଷେତ୍ରରେ ଇ-ଲଟେରୀ ବ୍ୟବସ୍ଥା ଯେ ସହାୟକ ହେବ ଏଥିରେ ଦ୍ୱିମତ ହେବାର ନାହିଁ। ଏବାବଦରେ ରୋଜଗାର ହେଉଥିବା କଳାଧନକୁ ରୋକିବା ପରିବର୍ତ୍ତେ ସରକାର ବ୍ୟବସ୍ଥିତ ଢଙ୍ଗରେ ମୁକୁଳା କରିଦେବାର ସୁଯୋଗ ସୃଷ୍ଟି କରିଛନ୍ତି। ତେଣୁ ଆଗାମୀ ଦିନରେ ଧରପଗଡ଼ ଆହୁରି ଢିଲା ହୋଇଯିବା ଏକପ୍ରକାର ଥୟ।

# ଗଣତାନ୍ତ୍ରିକ ବ୍ୟବସ୍ଥାରେ ପୁଞ୍ଜି

ଅଂଶୁମାନ ନାୟକ



ନିକଟରେ ବିହାର ନିର୍ବାଚନ ପ୍ରକ୍ରିୟା ଶେଷ ହୋଇ ନୂଆ ସରକାର ଶପଥ ନେଇଛି। ଗଣତନ୍ତ୍ରର ଏହି ପର୍ବରେ ବହୁତ କିଛି ଦେଖିବାକୁ ମିଳିଥିଲା, ଯାହାକି ରୋମାଞ୍ଚକର ଥିଲା। ନିର୍ବାଚନ ପ୍ରଚାର ପାଇଁ ହେଲିକପ୍ଟର ଓ ଚାର୍ଟାର୍ଡ ପ୍ଲେନ୍‌ର ବହୁଳତା ଦେଖିବାକୁ ମିଳିଥିଲା। ଗଣମାଧ୍ୟମରେ ପ୍ରକାଶିତ ତଥ୍ୟାନୁଯାୟୀ ନଭେମ୍ବର ୧୧ ତାରିଖ ସୁଦ୍ଧା ପାଟ୍‌ନା ଆନ୍ତର୍ଜାତିକ ବିମାନ ବନ୍ଦରରେ ଦୈନିକ ୨୫ଟି ହେଲିକପ୍ଟର ଓ ୧୨ଟି ଚାର୍ଟାର୍ଡ ବିମାନ ଚଳାଚଳ କରୁଥିଲେ। ସାଧାରଣ ଭାବରେ ଏକଇଞ୍ଜିନ ବିଶିଷ୍ଟ ଏକ ହେଲିକପ୍ଟର ଘଣ୍ଟା ପିଛା ୧.୫ ଲକ୍ଷ ଟଙ୍କା ଭଡ଼ା ନେଉଥିବା ବେଳେ ଦ୍ୱୈତଇଞ୍ଜିନ ବିଶିଷ୍ଟ ହେଲିକପ୍ଟର ଘଣ୍ଟା ପିଛା ୨.୫ ଲକ୍ଷ ଟଙ୍କା ଭଡ଼ା ନେଇଥାଏ। ସେହିପରି ଏକ ଚାର୍ଟାର୍ଡ ପ୍ଲେନ୍ ଘଣ୍ଟା ପିଛା ୪ ରୁ ୯ ଲକ୍ଷ ଟଙ୍କା ଭଡ଼ା ନିଏ। ଏହା ତ କେବଳ ନିର୍ବାଚନ ପ୍ରଚାର ପାଇଁ ଯିବା ଆସିବାର ଖର୍ଚ୍ଚ। ଏକ ରିପୋର୍ଟ ଅନୁଯାୟୀ ସମସ୍ତ ରାଜନୈତିକ ଦଳ ୨୦୦ କୋଟିରୁ ଅଧିକ ଟଙ୍କା କେବଳ ଅନ୍‌ଲାଇନ୍ ପ୍ରଚାର ମାଧ୍ୟମରେ ଖର୍ଚ୍ଚ କରିଛନ୍ତି।

୨୦୨୨ ମସିହାରେ ଭାରତୀୟ ନିର୍ବାଚନ ଆୟୋଗ ଦ୍ୱାରା ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା, ଯେଉଁଥିରେ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀମାନଙ୍କ ପାଇଁ ନିର୍ବାଚନ ଖର୍ଚ୍ଚର ବିବରଣୀ ଦିଆଯାଇଥିଲା। ସେ ବିଜ୍ଞପ୍ତି ଅନୁସାରେ ସଂସଦୀୟ ନିର୍ବାଚନ ପାଇଁ ଜଣେ ପ୍ରାର୍ଥୀ ସର୍ବାଧିକ ୯୫ ଲକ୍ଷ ଟଙ୍କା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ଜଣେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ସେହି ବିଜ୍ଞପ୍ତିରେ ବିଭିନ୍ନ ରାଜ୍ୟର ଜନସଂଖ୍ୟା ଆଧାରରେ ନିର୍ବାଚନ ଖର୍ଚ୍ଚର ସୀମା ନିର୍ଦ୍ଧାରଣ କରାଯାଇଥିଲା। କିନ୍ତୁ ଏହାକୁ ମାନୁଛି କିଏ? ଏଡିଆର(ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମ)ର ରିପୋର୍ଟ ଅନୁସାରେ ୨୦୨୪ ମସିହାର ସଂସଦୀୟ ନିର୍ବାଚନ ଏବଂ କିଛି ରାଜ୍ୟ ପାଇଁ ହୋଇଥିବା ବିଧାନସଭା ନିର୍ବାଚନରେ ପାଞ୍ଚୋଟି ଜାତୀୟ ଦଳ ଏବଂ ୨୭ଟି ଆଞ୍ଚଳିକ ଦଳ ମିଶି ୩, ୩୫୨.୮୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଯେଉଁଥିରେ କି ଭାରତର ଦୁଇ ପ୍ରମୁଖ ଦଳ ବିଜେପି ୧୪୯୩.୯୧ କୋଟି ଏବଂ କଂଗ୍ରେସ ୬୨୦.୧୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

ଏହାତ କେବଳ ଏକ ରାଜନୈତିକ ଦଳର ନିର୍ବାଚନ ପ୍ରଚାର ପାଇଁ ହୋଇଥିବା ଖର୍ଚ୍ଚର ଆଧିକାରିକ ବିବରଣୀ। କିନ୍ତୁ ନିର୍ବାଚନ ପାଇଁ ଲଢୁଥିବା ଆଶୟୀ ପ୍ରାର୍ଥୀମାନେ ମଧ୍ୟ ନିଜ ପାଖରୁ ବହୁପରିମାଣ ଖର୍ଚ୍ଚ କରନ୍ତି। ଏଥିରୁ ଏହା ପ୍ରମାଣିତ ହେଉଛି ଯେ ନିର୍ବାଚନ ଲଢ଼ିବା ଏକପ୍ରକାର ବ୍ୟୟବହୁଳ ହୋଇପଡ଼ିଛି। ଉଦାହରଣ ସ୍ୱରୂପ ମଧ୍ୟପ୍ରଦେଶର ୪୪% ଜିତିଥିବା ପ୍ରାର୍ଥୀଙ୍କର ନିଜସ୍ୱ ବ୍ୟକ୍ତିଗତ ସମ୍ପତ୍ତି ୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ। ଏଡିଆରର ୧୮୩ ପୃଷ୍ଠା ବିଶିଷ୍ଟ ରିପୋର୍ଟ ଅନୁଯାୟୀ ସଦ୍ୟସମାପ୍ତ ବିହାର ନିର୍ବାଚନରେ ଯେଉଁ ପ୍ରାର୍ଥୀମାନେ ନିର୍ବାଚନ ଜିତିଛନ୍ତି, ସେମାନଙ୍କ ମଧ୍ୟରୁ ୯୦% (୨୪୩ ରୁ ୨୧୮ ଜଣ ପ୍ରାର୍ଥୀ) କୋଟିପତି। ଏହି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ କୋଟିପତି ପ୍ରାର୍ଥୀମାନଙ୍କର ସଂଖ୍ୟା ପ୍ରତି ନିର୍ବାଚନ ବର୍ଷରେ ବଢ଼ିଚାଲିଛି। ୨୦୧୦ ମସିହାରେ ଜିତିଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ୪୫ ଜଣ କୋଟିପତି ଥିଲେ, ୨୦୧୫ ମସିହାରେ ୧୬୨ ଜଣ, ୨୦୨୦ ମସିହାରେ ୧୯୪ ଜଣ ଏବଂ ବର୍ତ୍ତମାନ ୨୦୨୫ ମସିହା ନିର୍ବାଚନରେ ୨୧୮ ଜଣ ଜିତିଥିବା କୋଟିପତି ପ୍ରାର୍ଥୀ।

ଏଡିଆର ରିପୋର୍ଟ ଅନୁସାରେ ବିଜେପିର ୮୯ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୭ ଜଣ, ଜେଡିୟୁର ୮୫ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୮ ଜଣ, ଆରଜେଡିର ୨୫ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୨୪ ଜଣ, ଏଲଜେପିର ୧୯ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧୬ ଜଣ, ଏଚଏଏମ୍‌ର ୫ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣ, ଏପରିକି କଂଗ୍ରେସର ସମସ୍ତ ୬ ଜଣ ବିଜେତା ପ୍ରାର୍ଥୀ ହେଉଛନ୍ତି କୋଟିପତି। ଏଆଇଏମ୍‌ଆଇଏମ୍‌ର ସମସ୍ତ ୫ ଜଣ ବିଜେତା ପ୍ରାର୍ଥୀ, ଆରଏଲ୍‌ଏମ୍‌ର ସମସ୍ତ ୪ ଜଣ ଜିତିଥିବା ପ୍ରାର୍ଥୀ, ସିପିଆଇଏମ୍, ଆଇଆଇପି, ବିଏସ୍‌ପି ପ୍ରାର୍ଥୀ ମଧ୍ୟ କୋଟିପତି। ଯଦି ସମସ୍ତ ଜିତିଥିବା ବିଧାୟକମାନଙ୍କର ସମସ୍ତ ସମ୍ପତ୍ତିକୁ ଏକାଠି କରାଯିବ ତାହା ୨୧୯୨ କୋଟି ଟଙ୍କା ହେବ।

ଏହାଫଳରେ ସାଧାରଣ ବର୍ଗରୁ ଆସୁଥିବା ଲୋକମାନେ ନିର୍ବାଚନରେ ଲଢ଼ିବା ପାଇଁ ନିଜକୁ ପ୍ରସ୍ତୁତ ମଧ୍ୟ କରି ପାରୁନାହାନ୍ତି। ଏ ପ୍ରକାର ପରିସ୍ଥିତି କେବଳ ଭାରତରେ ନୁହେଁ, ସମ୍ପୂର୍ଣ୍ଣ ବିଶ୍ୱରେ ସୃଷ୍ଟି ହୋଇସାରିଛି। ଏପରିକି ବିଶ୍ୱର ସବୁଠାରୁ ପୁରୁଣା ଗଣତାନ୍ତ୍ରିକ ରାଷ୍ଟ୍ରର ସ୍ଥିତି ମଧ୍ୟ ଭିନ୍ନ ନୁହଁ। ଆମେରିକାନ୍ ଫର ଟ୍ୟାକ୍ସ ଫେୟାରନେସ୍ ବା ଏଟିଏଫ୍‌ର ଏକ ରିପୋର୍ଟ ଅନୁସାରେ ୨୦୨୪ ମସିହାରେ ହୋଇଥିବା ଆମେରିକୀୟ ରାଷ୍ଟ୍ରପତି ନିର୍ବାଚନରେ ଭାଗ ନେଇଥିବା ଡୋନାଲ୍ଡ ଟ୍ରମ୍ପଙ୍କର ସମର୍ଥନରେ ୧୦୦ ଜଣ ଧନୀ ପରିବାର ୨.୬ ବିଲିୟନ୍ ଡଲାର ଖର୍ଚ୍ଚ କରିଥିଲେ। ଏପରି ଭାବରେ ବିଭିନ୍ନ ଦେଶମାନଙ୍କର ସ୍ଥିତି କିଛିମାତ୍ରାରେ ସମାନ।

ଅପରପକ୍ଷରେ ଏହାମଧ୍ୟରେ ବହୁତ ଉଦାହରଣ ମଧ୍ୟ ଅଛି, ଯେଉଁଥିରେ କି ସାଧାରଣ ବର୍ଗରୁ ଆସିଥିବା ଲୋକ ମଧ୍ୟ ଏହି ବ୍ୟୟବହୁଳ ଗଣତାନ୍ତ୍ରିକ ନିର୍ବାଚନରେ ଭାଗ ନେଇ ନିଜର ଦକ୍ଷତା ବଳରେ ନିର୍ବାଚନ ଜିତିଛନ୍ତି। ୨୦୧୯ ମସିହା ଓଡ଼ିଶା ବିଧାନସଭା ନିର୍ବାଚନରେ ରାୟଗଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଆଦିବାସୀ ନେତା ମକରନ୍ଦ ମୁଦୁଲି ମାତ୍ର ୧୫୦୦୦ ଟଙ୍କା ଖର୍ଚ୍ଚରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଜିତିଥିଲେ, ଯାହାକି ସେ ସମୟରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଆମେରିକାରେ ମଧ୍ୟ ସେଭଳି ଏକ ଆଶ୍ଚର୍ଯ୍ୟ ଘଟଣା ହୋଇଛି। ଆମେରିକାର ନ୍ୟୁୟର୍କ ସହର ପାଇଁ ହୋଇଥିବା ମେୟର ନିର୍ବାଚନରେ ମମଦାନୀ ପୁଞ୍ଜିପତିମାନଙ୍କର ବିନା ସମର୍ଥନରେ ଏବଂ ଏକ ଅଲଗା ବିଚାରଧାରା ନେଇ ମେୟର ନିର୍ବାଚନରେ ବିଜୟ ଲାଭ କରିଛନ୍ତି। ଏପରିକି ତାଙ୍କୁ ହରାଇବା ପାଇଁ ନ୍ୟୁୟର୍କର ଅଧିକାଂଶ ପୁଞ୍ଜିପତି ମମଦାନୀଙ୍କର ବିରୋଧୀଙ୍କୁ ଆର୍ଥିକ ସହଯୋଗ ମଧ୍ୟ କରିଥିଲେ। ଆମେରିକା ଭଳି ରାଷ୍ଟ୍ର, ଯାହା ପୁଞ୍ଜିବାଦ ଭଳି ବିଚାରଧାରାରେ ତିଆରି ହୋଇଛି, ମମଦାନୀଙ୍କର ବିଜୟ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଲୋକମାନଙ୍କର ବିଶ୍ୱାସକୁ ସୁଦୃଢ଼ କରିଛି ବୋଲି କହିଲେ ଭୁଲ ହବ ନାହିଁ। ମକରନ୍ଦ ମୁଦୁଲି ଓ ମମଦାନୀଙ୍କ ଭଳି ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ପ୍ରମାଣିତ କରିଦେଇଛନ୍ତି ଯେ ଉପଯୁକ୍ତ ରଣକୌଶଳ ଏବଂ ଲୋକସମ୍ପର୍କ ବଳରେ ସବୁକିଛି ସମ୍ଭବ କରାଯାଇପାରିବ। ତାହା ରାୟଗଡ଼ାର ଆଦିବାସୀବହୁଳ ଅଞ୍ଚଳ ହେଉ କି ନ୍ୟୁୟର୍କ ଭଳି ମହାନଗର ହେଉ।

ଗଣତନ୍ତ୍ରରେ ପୁଞ୍ଜିର ବ୍ୟବହାର ପୂର୍ବରୁ ଥିଲା, ଏବେ ବି ଅଛି ଏବଂ ଆଗକୁ ମଧ୍ୟ ରହିବ। ଏଭଳି ଏକ କଟୁ ସତ୍ୟକୁ ଆପଣମାନଙ୍କୁ ସ୍ୱୀକାର କରିବା ପାଇଁ ପଡ଼ିବ। ମୋ ମତରେ ପୁଞ୍ଜି କହିଲେ ତିନୋଟି କଥାକୁ ବୁଝାଏ। ତାହା ହଉଛି ଉପଯୁକ୍ତ ରଣକୌଶଳ, ଲୋକସମ୍ପର୍କ ଏବଂ ନେତୃତ୍ୱ ନେବାର ଦକ୍ଷତା। ଏହି ତିନୋଟି ପୁଞ୍ଜି ସାମ୍ନାରେ ଗଣତନ୍ତ୍ରର ନିର୍ବାଚନ ମହାପର୍ବରେ ପୁଞ୍ଜିପତିମାନଙ୍କର ଅର୍ଥସମ୍ବଳ ମଧ୍ୟ ହାର ମାନିଯାଏ।

ମୋ: ୯୮୬୧୫୫୬୭୪୭

# ଗଣିତ ଭୟ ଓ ସଙ୍ଗୀତ ଲୟ

ଡ.ଅନ୍ତର୍ଜିତା ନାୟକ

ଗଣିତକୁ ସର୍ବଦା 'ବିଜ୍ଞାନର ରାଣୀ' କୁହାଯାଏ। ତଥାପି ଅନେକ ପିଲାଙ୍କ ପାଇଁ ଏହା ରାଣୀ ଅପେକ୍ଷା ଏକ ରାକ୍ଷାସୁଣୀ ଭାବେ ଗଣାଯାଏ। ଗଣିତ ପଢ଼ା ହେଉଥିବା ସମୟରେ ଶ୍ରେଣୀଗୃହରେ ଆପଣ ଦେଖିପାରିବେ ପିଲାଙ୍କ ଚିନ୍ତିତ ଓ ଡରୁଆ ଚେହେରା। ଗଣିତ ପରୀକ୍ଷା ସମୟରେ ପିଲାମାନେ ଭଗବାନଙ୍କୁ ପ୍ରାର୍ଥନା କରୁଥିବାର ଦେଖିବାକୁ ମଧ୍ୟ ମିଳେ। ଏହି ଚିନ୍ତା ଏକ ଛୋଟ ପ୍ରସଙ୍ଗ ନୁହେଁ, ବରଂ ଏକ ଜାତୀୟ ଚିନ୍ତାର ବିଷୟ। ଜାତୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ(ଏନ୍‌ସିଇଆରଟି) ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ, ଗଣିତ ହିଁ ସ୍କୁଲ ଶିକ୍ଷାରେ ନିମ୍ନ ପ୍ରଦର୍ଶନ ଓ ଉଦାସୀନତାର ପ୍ରମୁଖ କାରଣ।

ଗଣିତର ଏହି ଭୟକୁ ଅଧିକ ଟ୍ୟୁସନ୍ ବା ଅତିରିକ୍ତ କ୍ଲାସ୍ ବଦଳରେ ସଂଗୀତ ମାଧ୍ୟମରେ ଦୂରେଇ ହେବ ବୋଲି ଯଦି କୁହାଯାଏ, ତେବେ ଅନେକ ଲୋକ ଭାବିବେ ଯେ ସଂଗୀତ କେମିତି ଗଣିତ ଭୟକୁ ଦୂରେଇବ? ଯେଉଁଠି ଗଣିତ ତର୍କ, ସୂତ୍ର ଓ ନିର୍ଭୁଲତା ଦ୍ୱାରା ପରିଚାଳିତ; ସଙ୍ଗୀତ ତାଳ, ଛନ୍ଦ, ଲୟ, ଆବେଗ ଓ ସୃଜନଶୀଳତା ଦ୍ୱାରା ପରିଚାଳିତ। ତଥାପି, ଗଣିତ ଓ ସଂଗୀତ ଦୁହେଁ ଗଭୀର ଭାବରେ ଜଡ଼ିତ। ଏକ ମ୍ୟୁଜିକାଲ୍ ସ୍କେଲ୍‌ର ଗଠନଠାରୁ ଆରମ୍ଭ କରି ବାଦ୍ୟର ତାଳ ପର୍ଯ୍ୟନ୍ତ, ବୀଣା ତାରର କମ୍ପନଠାରୁ ଆରମ୍ଭ କରି ବିଥୋଭେନର ଜଟିଳ ସିମ୍ଫୋନି ପର୍ଯ୍ୟନ୍ତ, ଗଣିତ ଓ ସଂଗୀତ ଜଡ଼ିତ। ଏହି ଆକର୍ଷଣୀୟ ସମ୍ପର୍କ ଆମର ମନୋବିଜ୍ଞାନ, ଶିକ୍ଷଣ ଅଭିବୃଦ୍ଧି ଓ ମାନସିକ ସୁସ୍ଥତାକୁ ରୂପ ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

'ଗଣିତ ଭୟ'କୁ ଭାଙ୍ଗିବାର ସଂଗୀତର ରହିଛି ଅନନ୍ୟ କ୍ଷମତା। ଯେତେବେଳେ ଗଣିତକୁ ସଙ୍ଗୀତ ସହିତ ଯୋଡ଼ି ଦିଆଯାଏ, ପିଲାମାନେ ଏହାକୁ ଆଉ ଚାପ ଭାବରେ ନୁହେଁ, ବରଂ ଆନନ୍ଦଦାୟକ ଅନ୍ୱେଷଣ ଦୃଷ୍ଟିରେ ଦେଖନ୍ତି। ଗଣିତ ପ୍ରତି ଭୟ କେବଳ ଏକ ଶିକ୍ଷାଗତ ସମସ୍ୟା ନୁହେଁ, ବରଂ ଏହା ମନସ୍ତାତ୍ତ୍ୱିକ ସମସ୍ୟା ମଧ୍ୟ। ଯେତେବେଳେ ଗଣିତ ପରୀକ୍ଷା ଥାଏ, ସେତେବେଳେ ପିଲାମାନଙ୍କର କର୍ଟିସୋଲ୍ ପରି ଚାପ ହରମୋନ୍ ବୃଦ୍ଧି ପାଇଥାଏ, ଯାହା ସେମାନଙ୍କର ଯୁକ୍ତିଯୁକ୍ତ ଚିନ୍ତନ ବା ଚିନ୍ତାଶୈଳୀର କ୍ଷମତାକୁ ଅସ୍ୱଷ୍ଟ ଓ ବ୍ୟାଘାତ କରିଥାଏ। ଅପରପକ୍ଷରେ ସଙ୍ଗୀତ ଡୋପାମାଇନ୍ ନାମକ ରାସାୟନିକକୁ ସକ୍ରିୟ କରି ମସ୍ତିଷ୍କ ତରଙ୍ଗକୁ ସମନ୍ୱିତ କରି ଏହି ପ୍ରଭାବକୁ ସନ୍ତୁଳିତ କରିପାରେ। ସଙ୍ଗୀତ ଉତ୍ତେଜନା ହ୍ରାସ କରି ଏକ ଶାନ୍ତ ମାନସିକ ଅବସ୍ଥା ସୃଷ୍ଟି କରେ, ଯେଉଁଥିରେ ପିଲାମାନେ ଭୟ ପରିବର୍ତ୍ତେ ଆତ୍ମବିଶ୍ୱାସର ସହ ଗଣିତର ସମାଧାନ କରିପାରନ୍ତି।

ଯଦି ଗଣିତ କ୍ଲାସ୍ ପୂର୍ବରୁ କିଛି ମିନିଟ୍ ପାଇଁ ବଂଶୀ କିମ୍ବା ବୀଣା ପରି ଆରାମଦାୟକ ବାଦ୍ୟଯନ୍ତ୍ର ପିଲାଙ୍କୁ ଶୁଣିବାକୁ ଦିଆଯାଏ, ତେବେ ତାହା ଚାପ ହ୍ରାସ କରିଥାଏ ଏବଂ ମସ୍ତିଷ୍କକୁ ଉନ୍ନତ ଧ୍ୟାନ ଓ ଶିକ୍ଷଣ ପାଇଁ ପ୍ରସ୍ତୁତ କରିଥାଏ। ଗଣିତ ଶିକ୍ଷାରେ ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ପିଲାମାନେ କାହାଣୀ କିମ୍ବା ଚିତ୍ରକୁ ଯେପରି ଦେଖନ୍ତି ସେପରି ସଂଖ୍ୟାକୁ ଦେଖିପାରନ୍ତି ନାହିଁ। ସେହି ପରିପ୍ରେକ୍ଷୀରେ ସଂଗୀତ ଏକ ସେତୁ ଭାବରେ କାର୍ଯ୍ୟ କରିପାରେ, ଯାହା ରସହୀନ ସଂଖ୍ୟାଙ୍କୁ ଅଧିକ ବାସ୍ତବ ଓ ଆନନ୍ଦଦାୟକ କରିଦିଏ। ସଙ୍ଗୀତ ସଂଖ୍ୟାକୁ ଭୌତିକ ଓ ଶ୍ରବଣକ୍ଷମ କରି ଏହି ବ୍ୟବଧାନକୁ ପୂରଣ କରିଥାଏ। ତାଳଧ୍ୱନି, ଜପ, ବାଜା, ଗୁଣନ ଓ ସ୍ମରଣକୁ ଛନ୍ଦୋବଦ୍ଧ ଭାବରେ ତ୍ୱରାନ୍ୱିତ କରେ।

ଶିକ୍ଷା ସହିତ ସଙ୍ଗୀତର ମିଶ୍ରଣ ଭାରତର ଏକ ସମୃଦ୍ଧ ପରମ୍ପରା ଭାବେ ବିଦ୍ୟମାନ। ଗ୍ରାମୀଣ ସ୍କୁଲଗୁଡ଼ିକରେ ପ୍ରାୟତଃ ଗୁଣନ ଓ ଗଣିତ ଶିକ୍ଷା, ଜ୍ଞାନାତ୍ମକ ଉପକରଣ ଭାବରେ ଲୋକଗୀତ ମାଧ୍ୟମରେ ପ୍ରଦାନ କରାଯାଏ। ଓଡ଼ିଶାର ଅନେକ ସ୍କୁଲରେ ସ୍ଥାନୀୟ ଭାଷାରେ ଏକ ସୁରରେ ବା ତାଳରେ ଗୁଣନ ଗାନ କରାଯାଏ। ଏହା ଗଣିତ ଭୟକୁ ହ୍ରାସ କରିବା ସହିତ ସ୍ୱଦେଶୀ ପରମ୍ପରାକୁ ସମ୍ମାନ ଦେଇ ସମାବେଶୀତା ମଧ୍ୟ ବୃଦ୍ଧି କରେ। ତାମିଲନାଡୁ ଓ କେରଳରେ, 'ତାଳାତ୍ମକ କୋଲାଟ୍ଟମ୍'(ଲାଠି ନୃତ୍ୟ)ମାଧ୍ୟମରେ ବିଭାଜନ ଓ ଅନୁପାତ ଶିକ୍ଷା ଦିଆଯାଏ, ଯାହା ଗଣିତକୁ ଉଭୟ ସ୍ଥାନୀୟ ଓ ଜୀବନ୍ତ କରିଥାଏ। କର୍ଣ୍ଣାଟକୀ ସଙ୍ଗୀତ ପ୍ରଶିକ୍ଷଣକୁ ସମନ୍ୱିତ କରୁଥିବା ଅନେକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗଣିତରେ ଉନ୍ନତ ଧୈର୍ଯ୍ୟ ଓ ଧ୍ୟାନ ପ୍ରଦର୍ଶନ କରନ୍ତି।

ଦକ୍ଷିଣ ଭାରତର ଅନେକ ବିଦ୍ୟାଳୟ ଶ୍ରେଣୀଗୃହରେ ମୃଦଙ୍ଗମ(ତାଳବାଦ୍ୟ) ପ୍ରଶିକ୍ଷଣକୁ ଗଣିତ ଶିକ୍ଷା ସହ ସମନ୍ୱିତ କରିଛନ୍ତି, ଯେଉଁଥିରେ କୁହାଯାଇଛି ଯେ ଯେଉଁ ପିଲାମାନେ ତାଳଚକ୍ର (ଜଟିଳ ସ୍ପନ୍ଦନ ସଂରଚନା) ଅଭ୍ୟାସ କରନ୍ତି ସେମାନେ ବୀଜଗଣିତର କ୍ରମ ଓ ଗାଣିତିକ ସମସ୍ୟାର ସମାଧାନ କରିବାରେ ଅଧିକ ସକ୍ଷମ ହୋଇଥା'ନ୍ତି। ଭାରତରେ କିଛି ସ୍କୁଲ, ଗଣିତ ପରୀକ୍ଷାର ଉଦ୍‌ବେଗକୁ ହ୍ରାସ କରିବାକୁ ଏକ ଅଭିନବ ପ୍ରୟାସ ଭାବରେ ପ୍ରାକ୍-ଗଣିତ ସଙ୍ଗୀତ ଚିକିତ୍ସା ଅଧିବେଶନ ଆରମ୍ଭ କରିଛନ୍ତି, ଯେଉଁଠାରେ ଛାତ୍ରଛାତ୍ରୀମାନେ ୫ମିନିଟର ତାଳ ବାଦ୍ୟ ଯନ୍ତ୍ର ସଂଗୀତ କିମ୍ବା ଧୀର/ନରମ ରାଗ ଶୁଣନ୍ତି। ଏହା ସେମାନଙ୍କର ସ୍ନାୟୁତନ୍ତ୍ରକୁ ପୁନଃସ୍ଥାପିତ କରିଥାଏ, ଗଣିତ ସମାଧାନ କରିବାରେ ସେମାନଙ୍କୁ ଅଧିକ ଏକାଗ୍ରତା ପ୍ରଦାନ କରିଥାଏ।

ଗବେଷଣା ଅନୁଯାୟୀ, ସଙ୍ଗୀତ ଓ ଗଣିତ ସମାନ ମସ୍ତିଷ୍କ ପଥ ଅଂଶୀଦାର କରନ୍ତି। ସଂଗୀତରେ ତାଲିମପ୍ରାପ୍ତ ପିଲାମାନେ ସମସ୍ୟା ସମାଧାନ ଓ ଯୁକ୍ତି ସହିତ ଅଧିକ ସକ୍ରିୟତା ଦେଖାନ୍ତି। ଅନେକ ପିତାମାତା ସେମାନଙ୍କ ପିଲାମାନଙ୍କୁ କେବଳ ସାଂସ୍କୃତିକ ପ୍ରଦର୍ଶନ ପାଇଁ ନୁହେଁ, ବରଂ ତୀକ୍ଷ୍ଣ ମାନସିକ ସତର୍କତା ଓ ଉନ୍ନତ ଗଣିତ ପ୍ରଦର୍ଶନ ଲାଗି ହାରମୋନିୟମ୍ କିମ୍ବା ଭାଇଓଲିନ୍ ଶିଖିବାକୁ ଉତ୍ସାହିତ କରନ୍ତି। ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନରେ ଦର୍ଶାଯାଇଛି ଯେ ସଙ୍ଗୀତ ତାଲିମ ନେଉଥିବା ପିଲାମାନେ ସ୍ଥାନିକ-ସାମୟିକ ଯୁକ୍ତିରେ(ସ୍ପାସିଆଲ୍-ଟେମ୍ପୋରାଲ୍ ରିଜୋନିଂ) ଭଲ ପ୍ରଦର୍ଶନ କରନ୍ତି, ଯାହା ଗାଣିତିକ ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ବ୍ୟତୀତ, ଚିନ୍ତା, ଧ୍ୟାନାଭାବ, ଅନ୍ୟମନସ୍କତା ଓ ପରୀକ୍ଷା ଭୟର ସମାଧାନ ପାଇଁ ଏକ ଉପକରଣ ଭାବରେ 'ମ୍ୟୁଜିକ୍ ଥେରାପି' ବା 'ସଂଗୀତ ଚିକିତ୍ସା'କୁ ଅଧିକରୁ ଅଧିକ ସ୍ୱୀକୃତି ଦିଆଯାଉଛି। ଜାତୀୟ ମାନସିକ ଓ ସ୍ନାୟୁ ବିଜ୍ଞାନ ପ୍ରତିଷ୍ଠାନ(ନିମ୍‌ହାନ୍‌ସ) ଭଳି ଅନୁଷ୍ଠାନରେ ବ୍ୟବହୃତ ଭାରତୀୟ ରାଗଗୁଡ଼ିକ ସହିତ ସଂରଚିତ ଛନ୍ଦୋବଦ୍ଧ ଶ୍ୱାସକ୍ରିୟା ବ୍ୟାୟାମ, ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀମାନଙ୍କୁ ଶାନ୍ତ କରିବାରେ ସକାରାତ୍ମକ ଫଳାଫଳ ଦର୍ଶାଇଛି।

ସଙ୍ଗୀତ ଗଣିତକୁ ମାନବୀକରଣ କରିଥାଏ। ଭୟକୁ ନିୟନ୍ତ୍ରଣ ଓ ବିଫଳତାକୁ ସଫଳତାରେ ପରିଣତ କରିଥାଏ। ଭାରତର ନୂତନ ଶିକ୍ଷାନୀତି ଆନନ୍ଦଦାୟକ ଓ ସାମଗ୍ରିକ ଆଧାରିତ ଶିକ୍ଷଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଗଣିତ ଶିକ୍ଷାରେ ସଙ୍ଗୀତର ଏକୀକରଣ ଏକ ପ୍ରଭାବଶାଳୀ ପଦକ୍ଷେପ ହୋଇପାରିବ, ଯାହା ଏକ ନିର୍ଭୀକ, ଆତ୍ମବିଶ୍ୱାସୀ ଓ ସୃଜନଶୀଳ ଶିକ୍ଷାର୍ଥୀ ସାମ୍ରାଜ୍ୟ ଗଠନ କରିପାରିବ। ପିଥାଗୋରସ୍‌ଙ୍କ ଉପପାଦ୍ୟ ମଧ୍ୟ ସମାନ କଥା କୁହେ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ପାନପିକ: କିଛିକଥା

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ଆମ ଦେଶରେ, ବିଶେଷକରି ଓଡ଼ିଶା ସମେତ ପୂର୍ବ ଓ ଉତ୍ତର ଭାରତରେ ଲୋକେ ପ୍ରଚୁର ପାନ ଖାଇଥା'ନ୍ତି। ଏହା ଆମର ସାମାଜିକ ପରମ୍ପରା, ଶ୍ରଦ୍ଧା ଓ ଭାବର ଆଦାନପ୍ରଦାନ ଓ ଧର୍ମକର୍ମ ସହିତ ଓତପ୍ରୋତ ଭାବେ ଜଡ଼ିତ। ଏକଦା ଆମ କଳା ଓ ସାହିତ୍ୟ ଉପରେ ଏହି ଜନପ୍ରିୟ ଅଭ୍ୟାସଟି ଅନନ୍ୟ ପ୍ରଭାବ ବିସ୍ତାର କରିଥିଲା ଏବଂ ପରିଣତ ହୋଇଥିଲା ପ୍ରତ୍ୟେକ ପରିବାରର ଏକ ଅବଚ୍ଛିନ୍ନ ଅଙ୍ଗ ରୂପେ। ଏଣୁ ଘରେ ଘରେ ରହିଥିଲା ଏଥିପାଇଁ ବ୍ୟବହୃତ ସମସ୍ତ ଉପାଦାନ ସମ୍ବଳିତ ପାନ ଡାଲା ଓ ବଟୁଆ। ଏପରି କି ଦେବାଦେବୀମାନଙ୍କୁ ଏହା ନୈବେଦ୍ୟ ରୂପେ ଅର୍ପଣ କରାଯାଉଥିଲା।

ତେବେ ସ୍ୱାସ୍ଥ୍ୟ ବିଜ୍ଞାନୀମାନଙ୍କ ଦୃଷ୍ଟିରେ ପାନ ଏକ ହାନିକାରକ ତଥା ଅନ୍ୟାନ୍ୟ ନିଶାକରୀ ଦ୍ରବ୍ୟଭଳି ଅଭ୍ୟାସ ସୃଷ୍ଟିକାରୀ ପଦାର୍ଥ। ଏହାର ଅନ୍ୟତମ ମୁଖ୍ୟ ଉପାଦନ ଧୂଆଁପତ୍ରରୁ ତିଆରି ଗୁଣ୍ଡିରେ ଥାଏ ନିକୋଟିନ୍ ଏବଂ ଗୁଆରେ 'ଏରିକୋଲିନ' ତଥା ଅନ୍ୟାନ୍ୟ ବହୁ ବିଷାକ୍ତ ତତ୍ତ୍ୱ। ସେହିପରି ଖଇର ଓ ଚୂନର ମଧ୍ୟ ପାଟି ଓ ଖାଦ୍ୟ ନଳୀର ସୂକ୍ଷ୍ମଝିଲ୍ଲି ଉପରେ କୁପ୍ରଭାବ ରହିଛି। ତେଣୁ ସେଗୁଡ଼ିକ ମୁଖଗହ୍ୱର କର୍କଟ ରୋଗଠାରୁ ଆରମ୍ଭ ନାନାଦି ଅସାଧ୍ୟ ରୋଗର କାରଣ ହୋଇପାରନ୍ତି। ଏଥିସହିତ ପାନମସଲା ଯୋଗ ହେଲେ ତାହାର ଭୟାବହତା ଆହୁରି ବୃଦ୍ଧି ପାଏ। ପାନର ସମସ୍ତ ରାସାୟନିକ ଉପାଦାନ ପିକରେ ଥାଏ। ଏଣୁ ଏହାର ସଂସ୍ପର୍ଶରେ ଆସିବା 'ପରୋକ୍ଷ ଧୂମପାନ' ଭଳି କ୍ଷତିକାରକ। ପୁନଶ୍ଚ ସେଥିସହିତ ମଧ୍ୟ ଥାଏ ଖାଉଥିବା ଲୋକଙ୍କ ନାନାଦି ରୋଗର ଜୀବାଣୁ ଓ ଭୂତାଣୁ। ମୁମ୍ବାଇଠାରେ କିଛି ବର୍ଷ ତଳେ ଅନୁଷ୍ଠିତ ଏକ ଅଧ୍ୟୟନରୁ ୧୦ ମିଲିଲିଟର ପାନ ପିକରେ ୭୦୦୦ରୁ ୫୩୦୦୦ ପର୍ଯ୍ୟନ୍ତ ତାହା ଥିବାର ଜଣାପଡ଼ିଥିଲା।

ପାନ ଖାଉଥିବା ଲୋକମାନେ ସ୍ଥାନ-କାଳ-ପାତ୍ର ପ୍ରତି ଧ୍ୟାନ ନ ଦେଇ ପାନ ପିକ ପକାଇଥିବାର ଦେଖାଯାଏ। ଆମ ଦେଶରେ ପାନ ଖାଇବାକୁ ଧୂମପାନ ବା ମଦ୍ୟପାନ ଭଳି ଅଶୋଭନୀୟ ବିଚାର କରାଯାଏ ନାହିଁ। ତେଣୁ ଏଭଳି କାର୍ଯ୍ୟକରିବାକୁ ସେମାନଙ୍କ ମଧ୍ୟରୁ ଖୁବ୍ କମ ଦ୍ୱିଧା ପ୍ରକାଶ କରନ୍ତି। ଅତଏବ ତହିଁରୁ ରୋଗ ଜୀବାଣୁ ଓ ଭୂତାଣୁ ତଥା ଅନ୍ୟାନ୍ୟ ବିଷାକ୍ତ ତତ୍ତ୍ୱ ବାହାରି ବାୟୁକୁ ଦୂଷିତ କରନ୍ତି। ସେଥିପାଇଁ ଏବେ ଏଣେତେଣେ ପାନପିକ ପକାଇବାରୁ ନିବୃତ୍ତ କରିବା ଲାଗି ଆମ ଦେଶର କେତେକ ସ୍ଥାନରେ ଆଇନ ପ୍ରଣୟନ କରାଯାଇଛି। ଦିଲ୍ଲୀରେ ୨୫ଟଙ୍କା ଜୋରିମାନାର ବ୍ୟବସ୍ଥା ଥିଲା ବେଳେ ମୁମ୍ବାଇରେ ୧୦୦୦ଟଙ୍କା। ବିହାରର କେତେକ ସହରରେ ଏହାକୁ ଅପରାଧ ବୋଲି ଗଣନା କରାଯାଏ। ତେବେ ଆଇନ କାର୍ଯ୍ୟକାରୀ କରିବା ଲାଗି ଉଦ୍ଦିଷ୍ଟ କର୍ତ୍ତୃପକ୍ଷ ସେଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଓଡ଼ିଶାରେ ସଚିବାଳୟଠାରୁ ଆରମ୍ଭ କରି ବଡ଼ ବଡ଼ କାର୍ଯ୍ୟାଳୟରେ ସ୍ଥାନକୁ ସ୍ଥାନ ଦେବାଦେବୀମାନଙ୍କ ମୂର୍ତ୍ତି ସ୍ଥାପନ କରିବାର ଦେଖାଯାଉଛି। କର୍ତ୍ତୃପକ୍ଷ ଆଶା କରୁଛନ୍ତି ଯେ ଭକ୍ତି ଭାବ ହେତୁ ଲୋକେ ସେଠାରେ ପାନପିକ ପକାଇବାରୁ ବିରତ ହେବେ। କିନ୍ତୁ ଅନେକସ୍ଥଳେ ଏହି ସାଧୁଉଦ୍ୟମ ଫଳପ୍ରଦ ହୋଇ ନଥିବା ଦେଖାଯାଉଛି।

୨୦୨୦ ମସିହାରେ ରାଜ୍ୟସଭାରେ ସର୍ବସାଧାରଣ ସ୍ଥାନରେ ପାନପିକ ପକାଇବା ସମ୍ପର୍କିତ ପ୍ରଶ୍ନଟିଏ ଉତ୍ଥାପନ କରାଯାଇଥିଲା। ନିବାରଣ ଲାଗି ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏଥିରେ ଅନୁରୋଧ କରାଯାଇଥିଲା। ଦଳମତ ନିର୍ବିଶେଷରେ ବହୁ ସଦସ୍ୟ ଏହାକୁ ସମର୍ଥନ କରିଥିଲେ। ସେଥିରେ ସୂଚୀତ ବିବିଧ ଯୁକ୍ତି ମଧ୍ୟରୁ ଅନ୍ୟତମ ଥିଲା ଯକ୍ଷ୍ମା ଭଳି ରୋଗର ପ୍ରସାର। ସଂଖ୍ୟା ଦୃଷ୍ଟିରୁ ଏ କ୍ଷେତ୍ରରେ ଆମ ଦେଶ ପୃଥିବୀରେ ପ୍ରଥମ। ସେମାନଙ୍କ ମଧ୍ୟରୁ ଅନେକଙ୍କର ରହିଛି ପାନ ଖାଇବା ଅଭ୍ୟାସ ଏବଂ ସେମାନେ ଏଣେତେଣେ ପାନ ପିକ ପକାଇଥା'ନ୍ତି। ଅତଏବ ଏରୋଗର ବିସ୍ତାରରେ ପାନର ଭୂମିକାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀ ମହୋଦୟ ଏ ଯୁକ୍ତିକୁ ଗ୍ରହଣ କରି ଯଥାଶୀଘ୍ର ପଦକ୍ଷେପ ନେବା ଲାଗି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା କେବଳ ପ୍ରତିଶ୍ରୁତିରେ ହିଁ ସୀମିତ ରହିଛି।

ଏକଥା ସତ ଯେ କୌଣସି ଆଇନ ଅଥବା ଦଣ୍ଡବିଧାନ ବ୍ୟବସ୍ଥା ଦ୍ୱାରା ଏ ବଦଭ୍ୟାସ ରୋକିବା ସହଜ ନୁହେଁ। କାରଣ ସରକାରଙ୍କଠାରୁ ଜନସାଧାରଣଙ୍କ ପର୍ଯ୍ୟନ୍ତ କେହି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବାକୁ ରାଜି ନୁହନ୍ତି। ଏପରି ସ୍ଥଳେ ଜନସଚେତନତାର ପ୍ରସାର ହିଁ କେବଳ ତହିଁରୁ ମୁକ୍ତି ଦେଇପାରିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଓଟିଇଟି-୨୦୨୫ ଫର୍ମ ଦାଖଲ ଅବଧି ବୃଦ୍ଧି

## ଶେଷ ତାରିଖ ନଭେମ୍ବର ୨୭କୁ ଘୁଞ୍ଚିଲା

କଟକ, ୨୪।୧୧ (ସମିସ): ଓଡ଼ିଶାର ଶିକ୍ଷକ ଆଶାୟୀମାନଙ୍କ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଆଜି ଏକ ବଡ଼ ଘୋଷଣା କରିଛି। ପ୍ରାର୍ଥୀଙ୍କ ଅନୁରୋଧ କ୍ରମେ ପରିଷଦ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୫ ପାଇଁ ଅନ୍‌ଲାଇନ୍ ଆବେଦନ ଫର୍ମ ଦାଖଲର ଶେଷ ତାରିଖକୁ ଦୁଇ ଦିନ ବୃଦ୍ଧି କରିଛି। ପୂର୍ବରୁ ଆବେଦନର ଶେଷ ସମୟ ସୀମା ନଭେମ୍ବର ୨୫ତାରିଖ ଥିବା ବେଳେ ଏହାକୁ ନଭେମ୍ବର ୨୭ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ଏହା ପରେ ଆଉ କୌଣସି ସମୟ ବୃଦ୍ଧି କରାଯିବ ନାହିଁ ବୋଲି ପରିଷଦ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପରିଷଦ ପୂର୍ବରୁ ଘୋଷଣା କରିଥିବା ଅନୁଯାୟୀ, ଓଟିଇଟି-୨୦୨୫ ପରୀକ୍ଷା ଡିସେମ୍ବର ୧୭ ତାରିଖରେ ଅନୁଷ୍ଠିତ ହେବ। ପ୍ରାର୍ଥୀମାନେ ଅଫିସିଆଲ୍ ୱେବସାଇଟ୍ www.bseodisha.ac.in ମାଧ୍ୟମରେ ସେମାନଙ୍କର ଆବେଦନ ଦାଖଲ କରିପାରିବେ। ଏହି ପରୀକ୍ଷା ଦୁଇଟି ଅଧିବେଶନରେ ହେବ। ପ୍ରଥମ ପେପର୍ ସକାଳ ୯ଟାରୁ ୧୧ଟା ୩୦ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପେପର୍ ଅପରାହ୍ଣ ୨ଟାରୁ ୪ଟା୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଯୋଗ୍ୟତା ମାନଦଣ୍ଡ, ସିଲାବସ୍ ଏବଂ ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ବିସ୍ତୃତ ସୂଚନା ବିଏସ୍‌ଇ ଓଡ଼ିଶା ୱେବସାଇଟ୍‌ରେ ଉପଲବ୍ଧ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବଲିଉଡ୍‌ର 'ହି-ମ୍ୟାନ୍'...

ପଞ୍ଜାବର ନସ୍ରାଲରେ ୧୯୩୫ ଡିସେମ୍ବର ୮ରେ ଜନ୍ମିତ ଧର୍ମେନ୍ଦ୍ର ସିଂ ଦେଓଲଙ୍କୁ ଲୋକେ 'ଧରମ ପାଜି' ବୋଲି ସମ୍ବୋଧନ କରନ୍ତି। ତାଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ବଲିଉଡ୍‌ରେ ଓ ସାରା ଦେଶରେ ଶୋକ ଖେଳିଯାଇଛି। ଦେଶବାସୀ ତାଙ୍କୁ ଅଶ୍ରୁଳ ବିଦାୟ ଦେଇଛନ୍ତି। ବିଦେଶରେ ଥିବା ତାଙ୍କ ପ୍ରଶଂସକମାନେ ଏହି ଖବର ଶୁଣି ମର୍ମାହତ ହୋଇଛନ୍ତି। ମୃତ୍ୟୁ ବେଳକୁ ଧର୍ମେନ୍ଦ୍ରଙ୍କ ପାଖରେ ତାଙ୍କର ପ୍ରଥମ ପତ୍ନୀ ପ୍ରକାଶ କୌର, ଦ୍ୱିତୀୟ ପତ୍ନୀ ତଥା ଅଭିନେତ୍ରୀ ହେମା ମାଳିନୀ, ପୁଅ ସନି ଦେଓଲ, ବବି ଦେଓଲ, ଝିଅ ଈଶା ଦେଓଲ ଓ ଆହନା ଦେଓଲ ଉପସ୍ଥିତ ଥିଲେ। ତାଙ୍କ ଦେହାନ୍ତରେ ବଲିଉଡ୍‌ରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଚଳଚ୍ଚିତ୍ର ଜଗତରେ ସେ ହାସଲ କରିଥିବା ସଫଳତା ଆଗାମୀ ପିଢ଼ୀକୁ ଉତ୍ସାହିତ କରିବ। ୨୦୨୪ରେ ଶେଷଥର ପାଇଁ 'ତେରି ବାତୋ ମେ ଐସା ଉଲଝା ଜିଆ' ଚଳଚ୍ଚିତ୍ରରେ ଧର୍ମେନ୍ଦ୍ରଙ୍କୁ ଦେଖିବାକୁ ମିଳିଥିଲା। ଏଥିରେ ସାହିଦ କପୁର ଓ କ୍ରିତି ସାନନ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଏହି ଚଳଚ୍ଚିତ୍ରରେ ଧର୍ମେନ୍ଦ୍ର ସାହିଦ କପୁରଙ୍କ ଜେଜେ ଭୂମିକାରେ ଅଭିନୟ କରିଥିଲେ। ୧୯୬୦ରେ ସେ ବଲିଉଡ୍‌ରେ ପଦାର୍ପଣ କରିଥିବା ଧର୍ମେନ୍ଦ୍ର ପ୍ରସିଦ୍ଧ ସିନେମା 'ଶୋଲେ'ରେ ତାଙ୍କର ବୀରୁ ଭୂମିକା ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ଫୁଲ ଔର ପଥର, ଶୀତା ଔର ଗୀତା, ଚୁପ୍‌କେ ଚୁପ୍‌କେ, ଧରମ ବୀର ଓ ପ୍ରତିଜ୍ଞା ଭଳି ସିନେମାରେ ଜୀବନ୍ତ ଅଭିନୟ କରି ସେ ଦର୍ଶକଙ୍କ ପ୍ରଶଂସାଭାଜନ ହେବା ସହ ସୁପରଷ୍ଟାରର ଆଖ୍ୟା ପାଇଥିଲେ। ୧୯୯୭ରେ ତାଙ୍କୁ ଫିଲ୍ମ ଫେୟାର ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ମିଳିଥିଲା। ୨୦୧୨ରେ ଭାରତ ସରକାର ତାଙ୍କୁ ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମଭୂଷଣ ପୁରସ୍କାରରେ ସମ୍ମାନିତ କରିଥିଲେ।

## ମିଲ୍ ଖୁନ୍ଦାଖୁନ୍ଦି...

ଦେଇ ନାହାନ୍ତି। ଫଳରେ ଧାନକୁ ଗଚ୍ଛିତ ରଖିବା ମିଲର୍ସଙ୍କ ପାଇଁ ବେଢ଼ି ଉପରେ କରୋଡ଼ା ମାଡ଼ ସଦୃଶ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି।

ଅନୁରୂପ ଭାବେ ରବି ଋତୁ ଧାନକିଣା ପୂର୍ବର ମିଲିଂ ଦର ବଢ଼ାଇବାକୁ ସରକାର ଘୋଷଣା କରିଥିଲେ। ଖୋଦ୍ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେଭି ସିଂଦେଓଙ୍କ ସମେତ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଯୋଗାଣ ବିଭାଗ ସଚିବ ମିଲର୍ସଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ରବି ଯାଇ ପୁଣିଥରେ ଖରିଫ ଧାନକିଣା ଆରମ୍ଭ ହେବାକୁ ଥିବାବେଳେ ସରକାର ମିଲିଂ ଦର ବଢ଼ାଇ ନାହାନ୍ତି। ବାରମ୍ବାର ପ୍ରତିଶ୍ରୁତି ଦେଇ ସରକାର ପ୍ରତାରଣା କରୁଥିବା ଅଭିଯୋଗ କରିବା ସହ ଧାନକିଣା ପୂର୍ବରୁ ମିଲିଂ ଦର ନ ବଢ଼ାଇଲେ ମିଲର୍ସମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଅଲ୍ ଓଡ଼ିଶା ମିଲର୍ସ ଆସୋସିଏସନ୍ ଚେତାବନୀ ଦେଇଛି।

ଅପରପକ୍ଷରେ ଚାଷୀନେତାମାନେ ମିଲରମାନଙ୍କ ଏହି ଧମକକୁ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି ଅଭିହିତ କରିଛନ୍ତି। ମିଲରମାନେ ଏପରି ଧମକ ଦେବା ପରେ କଟନୀଛଟନୀ ସମୟରେ ସରକାର ବେଶୀ ଚାପ ପ୍ରୟୋଗ କରିପାରିବେ ନାହିଁ। ସେଥିପାଇଁ ମିଲରମାନେ ନାନାଦି ପେଞ୍ଚ ବାହାର କରୁଛନ୍ତି ଓ ସରକାର ମଧ୍ୟ କମ୍ ଧାନ କିଣିବାକୁ ଚାହୁଁଥିବାରୁ ମିଲରମାନଙ୍କ ଏପରି ନାଟକକୁ ପରୋକ୍ଷରେ ସମର୍ଥନ କରୁଛନ୍ତି ବୋଲି ଚାଷୀନେତାମାନେ ଅଭିଯୋଗ କରିଛନ୍ତି।

## ଚାଷୀ-ମିଲର୍ସ ସଲାସୁତୁରାରେ...

ନେତା ରାମଚନ୍ଦ୍ର କାଡାମ ମଧ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଧାନ କିଣାରେ କଟନୀଛଟନୀ ହେବ ନାହିଁ ବୋଲି ବିଜେପି ନେତାମାନେ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସରକାରକୁ ଆସିବା ପରେ ସେମାନେ ନିଜ ପ୍ରତିଶ୍ରୁତି ଭୂଲିଗଲେ। ଗତବର୍ଷ ଉଭୟ ରବି ଓ ଖରିଫ ଋତୁରେ ସବୁଠି କଟନୀଛଟନୀ ହେଲା। ସରକାର ଯାହା କହୁଛନ୍ତି, ତାହା କାର୍ଯ୍ୟକାରୀ କରୁନାହାନ୍ତି। ମିଛ କହି ଲୋକଙ୍କୁ ଭ୍ରମିତ କରୁଛନ୍ତି ବୋଲି ଶ୍ରୀ କାଡ଼ାମ୍ ଅଭିଯୋଗ କରିଛନ୍ତି।

## ସିଜେଆଇ ଜଷ୍ଟିସ୍...

ନେପାଳ, ଶ୍ରୀଲଙ୍କା, ମରିସସର ପ୍ରଧାନ ବିଚାରପତି ଏବଂ ତାଙ୍କ ପରିବାର ସଦସ୍ୟ ସାମିଲ ହୋଇଥିଲେ। ପ୍ରଥମ ଥର ପାଇଁ ସିଜେଆଇଙ୍କ ଶପଥ ଗ୍ରହଣକୁ ଏତେ ବଡ଼ ଅନ୍ତର୍ଜାତୀୟ ପ୍ରତିନିଧିମଣ୍ଡଳ ଉପସ୍ଥିତ ରହିଥିଲେ।

ଏହି ଅବସରରେ ଆଜି କାର୍ଯ୍ୟକାଳ ଶେଷ ହୋଇଥିବା ପୂର୍ବତନ ସିଜେଆଇ ନୂଆ ଉଦାହରଣ ସୃଷ୍ଟି କରିଥିଲେ। ଶପଥ ଗ୍ରହଣ ସମାରୋହ ପରେ ସେ ନିଜ ସରକାରୀ ଗାଡ଼ିକୁ ଉତ୍ତରାଧିକାରୀ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ପାଇଁ ରାଷ୍ଟ୍ରପତି ଭବନରେ ଛାଡ଼ି ଚାଲି ଯାଇଥିଲେ। ନୂଆ ସିଜେଆଇ ୧୪ ମାସ ପାଇଁ ଦାୟିତ୍ୱରେ ରହିବେ। ୨୦୨୭ ଫେବୃଆରୀ ୯ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ। ସେ ଏବେ ବିଚାରପତି ନିଯୁକ୍ତି ନେଇ ନିଷ୍ପତ୍ତି ନେବେ ଏବଂ ସୁପ୍ରିମକୋର୍ଟ କଲେଜିୟମର ମୁଖ୍ୟ ମଧ୍ୟ ହେବେ। ୫ ସଦସ୍ୟ ବିଶିଷ୍ଟ କଲେଜିୟମ ସୁପ୍ରିମକୋର୍ଟ ବିଚାରପତିଙ୍କୁ ନିଯୁକ୍ତି କରିଥାନ୍ତି। ହାଇକୋର୍ଟ ବିଚାରପତିଙ୍କ ନିଯୁକ୍ତି ଏବଂ ବଦଳି ଦାୟିତ୍ୱ ମଧ୍ୟ ନେଇଥାନ୍ତି। ଏବେ ଏହି କଲେଜିୟମରେ ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ବିଭି ନାଗରତ୍ନା, ଜଷ୍ଟିସ ଜେକେ ମାହେଶ୍ୱରୀ, ଜଷ୍ଟିସ ଏମଏମ ସୁନ୍ଦରେଶ ସାମିଲ ହେବେ।

## ୪ବର୍ଷ ହେଲା...

ଦୁଇଟି ପ୍ରଶିକ୍ଷଣ ଶିବିର ହୋଇଥିଲା। ଶିବାନୀ ଏଡୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସହରର ମଠସାହିରେ ମୋବାଇଲ୍ ଫୋନ୍ ହାର୍ଡୱେୟାର ମରାମତି ଟେକ୍ନିସିଆନ ଏବଂ ଆସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ ପାଇଁ ପ୍ରଶିକ୍ଷଣ ହୋଇଥିଲା। ଉଭୟ ପୋଷ୍ଟ ପାଇଁ ୯୦ଜଣ ଲେଖାଏଁ ପ୍ରଶିକ୍ଷଣ ନେଇଥିଲେ। ଅର୍ଥାତ୍ ସେହିବର୍ଷ ୨୪୦ ଟାର୍ଗେଟ୍ ରହିଥିବା ବେଳେ ୧୮୦ ପ୍ରଶିକ୍ଷଣ ନେଇଥିଲେ। କିନ୍ତୁ କେହି ବି ନିଯୁକ୍ତି ପାଇନଥିଲେ। ସେହିପରି ବାଲେଶ୍ୱର ଚାମ୍ବର ଅଫ୍ କମର୍ସ ପକ୍ଷରୁ ଡୋମେଷ୍ଟିକ ଡାଟା ଏଣ୍ଟ୍ରି ଓପେରେଟର୍ ପାଇଁ ୩୦ଜଣ ଏବଂ ଫିସ୍ ଆଣ୍ଡ ସି ଫୁଡ୍ ପ୍ରୋସେସିଂ ଟେକ୍ନିସିଆନ ପାଇଁ ୮୦ଜଣ ପ୍ରଶିକ୍ଷଣ ନେଇଥିଲେ। ସେଥିରୁ କେବଳ ଫିସ୍ ଆଣ୍ଡ ସି ଫୁଡ୍ ପ୍ରୋସେସିଙ୍ଗ୍ ଟେକ୍ନିସିଆନ ପାଇଁ ୨୪ଜଣ ନିଯୁକ୍ତି ପାଇଥିଲେ। ୨୦୨୧-୨୨ ବର୍ଷ ପାଇଁ ୧୧୦ ଟାର୍ଗେଟ୍ ରହିଥିଲା। ସେଥିରୁ ମାତ୍ର ୨୪ ଜଣ ନିଯୁକ୍ତି ପାଇଛନ୍ତି। ଏହାପରେ ୨୦୨୨-୨୩ ରୁ ୨୦୨୫-୨୬ ମଧ୍ୟରେ ଏହି ଯୋଜନାରେ ଆଉ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇନାହିଁ।

ଏ ବାବଦରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଗତିକୃଷ୍ଣ ବେହେରା କହିଛନ୍ତି, ବର୍ତ୍ତମାନ ଏହି ଯୋଜନା ଚାଲୁ ହେଉନାହିଁ। ଯେହେତୁ ସରକାରୀ କାର୍ଯ୍ୟାଳୟରେ ନିଯୁକ୍ତି କମିଗଲା, ସେଥିପାଇଁ ସରକାର ପ୍ରାଇଭେଟ୍ ସେକ୍ଟରରେ ନିଯୁକ୍ତି ଦେବା ପାଇଁ ପିଲାମାନଙ୍କୁ ବିଭିନ୍ନ ପ୍ରୋଗ୍ରାମ ମାଧ୍ୟମରେ ଦକ୍ଷତା ବିକାଶ ବୃଦ୍ଧି ପାଇଁ ପ୍ରୟାସ କରୁଛନ୍ତି। ସେଥିମଧ୍ୟରୁ ଏହି ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅନ୍ୟତମ। କିନ୍ତୁ ସବୁ ପ୍ରୋଗ୍ରାମରେ ନିଯୁକ୍ତି ସଂଖ୍ୟା କମ୍ ରହୁଛି। ହେଲେ ଅନେକ ସମୟରେ ପିଲାମାନେ ନିଯୁକ୍ତି ପାଇବା ପରେ ଚାକିରି ପାଇଁ ଯାଉନାହାନ୍ତି। ବାହାର ରାଜ୍ୟକୁ ସମସ୍ତେ ଯିବାକୁ ବି ପସନ୍ଦ କରୁନାହାନ୍ତି। ସେଥିପାଇଁ ନିଯୁକ୍ତି ସଂଖ୍ୟା କମ୍ ରହୁଛି। ବିଶେଷକରି, ପ୍ରାଇଭେଟ୍ ଚାକିରି ପାଇଁ ଇଚ୍ଛା କରୁନାହାନ୍ତି। ବାଲେଶ୍ୱରରେ କିଛି ଚାକିରି ସୁବିଧା ନ ଥିବାରୁ ଅନେକ ଆଗ୍ରହୀ ନାହାନ୍ତି। ବିଶେଷକରି ଝିଅମାନଙ୍କ କ୍ଷେତ୍ରରେ ଏହି ଅସୁବିଧା ଦେଖିବାକୁ ମିଳୁଛି। ସରକାର ମାଗଣାରେ ତାଲିମ ଦେଉଛନ୍ତି ଏବଂ ନିଯୁକ୍ତି ଦେଉଛନ୍ତି। ହେଲେ ପିଲାମାନେ ଏହାର ଲାଭ ଉଠାଇ ପାରୁନାହାନ୍ତି।

## ପୋଖରୀରୁ ମିଳିଲା...

ବିଶୋଇ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଚଳାଇଥିଲେ ମଧ୍ୟ ଗୁଲେଶଙ୍କ ଖୋଜଖବର ପାଇନଥିଲା। ସେଦିନ ସେ ଝାଡ଼ଖଣ୍ଡର ବହଳାଗୋଡା ଯାଉଥିବା କହି ଘରୁ ବାହାରିଥିଲେ। ଅଢ଼େଇ ମାସ ପରେ, ଆଜି ସକାଳ ପ୍ରାୟ ୬ଟାରେ ଝାରପୋଖରିଆ ଥାନା ଅନ୍ତର୍ଗତ ସିଲଫୋଡି ଉପରବେଡ଼ା ଗାଁ ପୋଖରୀରେ ଏକ କାର୍ ପଡ଼ିଥିବା ଦେଖି ଗାଁ ଲୋକେ ସାରସକଣା ଅଗ୍ନିଶମବାହିନୀ ଓ ଝାରପୋଖରିଆ ପୁଲିସକୁ ଖବର ଦେଇଥିଲେ। ପୁଲିସ ଏବଂ ଦମ୍‌କଳବାହିନୀ ପହଞ୍ଚି କାର୍‌କୁ ପାଣିରୁ ଉଦ୍ଧାର କରିଥିଲା। କାର ସମ୍ମୁଖ ଦୁଇ କବାଟର କାଚ ଅଧା ଖୋଲାଥିବା ବେଳେ ପାଣି ଭିତରେ ଚାରିଚକ ଉପରକୁ ହୋଇ କାର୍‌ଟି ବୁଡ଼ି ରହିଥିଲା। ଉଦ୍ଧାର ପରେ କାର୍ ପଛ ସିଟ୍‌ରେ ଏକ ଗଳିତ ମୃତଦେହ ଥିବା ସହ ଆଇନଜୀବୀଙ୍କ ସରକାରୀ ପ୍ରମାଣପତ୍ର ମିଳିଥିଲା। ପୋଷାକରୁ ପରିବାରଲୋକେ ମୃତକଙ୍କୁ ଚିହ୍ନଟ କରିଥିଲେ ହେଁ ସାଇଣ୍ଟିଫିକ୍ ଟିମ୍ ଡିଏନ୍‌ଏ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରିଛନ୍ତି। ତାଙ୍କୁ ହତ୍ୟା ପରେ ଦୁର୍ଘଟଣାର ରୂପ ଦେବାକୁ ଯାଇ ଉପରୋକ୍ତ କାଣ୍ଡ ଅଭିଯୁକ୍ତମାନେ ଭିଆଇଥିବା ପରିବାର ପକ୍ଷରୁ ଝାରପୋଖରିଆ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଆଗକୁ ବଢ଼ିପାରୁନି...

ପରିଣତ ହେବା ନେଇ ଆଉ ଏକ ନୂଆ ସମୀକରଣ ସୃଷ୍ଟି ହୋଇଛି।

ବର୍ତ୍ତମାନ ଦୁଇଟି ପାଣିପାଗ ମଡେଲ୍ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି। ବଡ଼ କଥା ହେଉଛି, ମଲ୍ଲାକା ନିକଟରେ ଥିବା ଲଘୁଚାପ ବାତ୍ୟାରେ ପରିଣତ ହୋଇ ଆନ୍ଧ୍ର ଓ ଓଡ଼ିଶା ଉପକୂଳ ମୁହାଁ ହେବ ବୋଲି ଆକଳନ କରାଯାଉଥିଲା। ତାହା ହୁଏତ ବଙ୍ଗୋପସାଗର ନ ଆସି ମାଲେସିଆ ଆଡ଼କୁ ଅଗ୍ରସର ହେବା ନେଇ ବିଭିନ୍ନ ମଡେଲ୍ ଆକଳନ କରୁଛନ୍ତି। ସେହିପରି ଶ୍ରୀଲଙ୍କା ଉପରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଯଦି ଲଘୁଚାପ ଓ ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇ ଅବପାତ ବା ବାତ୍ୟାରେ ପରିଣତ ହୁଏ, ତେବେ ଏହାକୁ ନେଇ ଦୁଇଟି ଦୃଶ୍ୟପଟ୍ଟ ରହିଛି। ଗୋଟିଏରେ ପୂର୍ବ ବାତ୍ୟା ଭଳି ଏହା ସମୁଦ୍ର ମଧ୍ୟରେ ମାଲେସିଆ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଅନ୍ୟ ଦୃଶ୍ୟପଟ୍ଟରେ ଏହା ତାମିଲନାଡୁ, ଆନ୍ଧ୍ର ହୋଇ ଦକ୍ଷିଣ ଓଡ଼ିଶା ଉପକୂଳ ପର୍ଯ୍ୟନ୍ତ ଆସିପାରେ। ପରେ ଏହା ପୁଣି ଆନ୍ଧ୍ର ଆଡ଼କୁ ମୁହାଁଇପାରେ। ହେଲେ ଏମିତି ଘଟିବାର ସମ୍ଭାବନା ବହୁ କମ୍ ରହିଛି। ବାତ୍ୟାଟି ଉପକୂଳ ନିକଟବର୍ତ୍ତୀ ହୋଇ ରହିବା ଦ୍ୱାରା ଏହା ଦ୍ରୁତ ଗତିରେ ଦୁର୍ବଳ ହେବା ସହ ବିଶେଷ ଆଗକୁ ବଢ଼ି ନ ପାରେ। ଏ ଦୃଷ୍ଟିରୁ ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ବର୍ଷା ଓ ବାତ୍ୟା ସ୍ଥିତିକୁ ନେଇ ଏବେ ବି ଚିତ୍ର ଅସ୍ପଷ୍ଟ ରହିଛି।

ଅନ୍ୟପଟେ ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି ଯେ ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଏହାପରେ ତାପମାତ୍ରାରେ ପୁଣି ହ୍ରାସ ଘଟିବ। ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୨-୩ ଡିଗ୍ରୀ କମିବା ସହ ପୁଣି ଶୀତ ବଢ଼ିବାର ସମ୍ଭାବନା ରହିଛି।

## ମୟୂରଭଞ୍ଜରେ ...

୧୯୧୩ (୬୪.୪%), ରାଇରଙ୍ଗପୁର ୨୨୧୧ରୁ ୧୩୮୨ (୬୨.୫%), ଶାମାଖୁଣ୍ଟା ୨୮୭୬ରୁ ୧୭୯୫ (୬୨.୪%), ତିରିଂରେ ୧୩୬୭ରୁ ୮୫୨ (୬୨.୪%), ବଡ଼ସାହି ୩୭୧୮ରୁ ୨୨୪୪ (୬୦.୪%), ବିଶୋଇ ୧୧୫୭ରୁ ୭୧୩ (୬୧.୬%), ରରୁଆଁ ୪୩୦୪ରୁ ୨୬୫୧ (୬୧.୬%), ଜାମଦା ୨୨୬୮ରୁ ୧୩୩୮ (୫୯.୦%), ଯଶିପୁର ୪୩୬୨ରୁ ୨୩୩୭ (୫୩.୬%), ଶୁକ୍ରୁଲି ୧୦୧୧ରୁ ୫୪୮ (୫୪.୨%), ବହଳଦା ୨୨୪୬ରୁ ୧୦୪୪ (୪୬.୫%), ବିଜାତଳା ୧୯୯୬ରୁ ୯୨୧ (୪୬.୧%), ବାରିପଦା ୧୩୨୭ରୁ ୫୯୮ (୪୫.୧%), ବେତନଟୀ ୩୪୦୫ରୁ ୧୫୩୬ (୪୫.୧%), ଠାକୁରମୁଣ୍ଡା ୨୧୭୬ରୁ ୯୪୪ (୪୩.୪%), କରଞ୍ଜିଆ ୩୪୪୬ରୁ ୧୪୭୧ (୪୨.୭%), ବାଙ୍ଗିରିପୋଷି ୪୧୯୦ରୁ ୨୦୧୬ (୪୮.୧%) ଏବଂ ରସଗୋବିନ୍ଦପୁର ୩୫୯୩ରୁ ୧୧୩୪ (୩୧.୬%) ଜିଓ-ଟ୍ୟାଗ୍ କରି ସବୁଠାରୁ ପଛରେ ରହିଛି। ୭୦%ରୁ ଅଧିକ ଜ୍ୟାଓ ଟ୍ୟାଗିଂ ହୋଇଥିବା ୪ଟି ବ୍ଲକ ମଧ୍ୟରେ ଗୋପବନ୍ଧୁନଗର, ଶୁଳିଆପଦା, ଉଦଳା ଓ ଖୁଣ୍ଟା ରହିଛି। ସନ୍ତୋଷଜନକ ଭାବେ ୬୦-୭୦% ମଧ୍ୟରେ ୭ଟି ବ୍ଲକ ମଧ୍ୟରେ କପ୍ତିପଦା, କୁଳିଅଣା, ମୋରଡ଼ା, ସାରସକାଣା, ରାଇରଙ୍ଗପୁର, ଶାମାଖୁଣ୍ଟା ଓ ତିରିଂ ରହିଛି। ସେହିପରି ମଧ୍ୟମରେ ୫୫-୬୦% ରହିଥିବା ୪ ବ୍ଲକ ମଧ୍ୟରେ ବଡ଼ସାହି, ବିଶୋଇ, ରରୁଆଁ, ଜାମଦା ରହିଛି। ଅନ୍ୟପକ୍ଷରେ ଯଶିପୁର, ଶୁକୁଳି, ବହଳଦା, ବିଜାତଳା, ବାରିପଦା, ବେତନଟୀ, ଠାକୁରମୁଣ୍ଡା, କରଞ୍ଜିଆ, ବାଙ୍ଗିରିପୋଷି ଓ ରସଗୋବିନ୍ଦପୁରରେ ନୈରାଶ୍ୟଜନକ ରହିଛି। ତେବେ ସବୁଠାରୁ ବଡ଼ ସମସ୍ୟା ହେଉଛି ଅଧିକାରୀଙ୍କ ଉଦାସୀନତା, ନେଟୱାର୍କ ସମସ୍ୟା, ଠିକାଦାରଙ୍କ ଅନୁପସ୍ଥିତ, ଅଧିକ ଲକ୍ଷ୍ୟ ହେତୁ ମନ୍ଥର ଗତି, ଜଙ୍ଗଲ ଅଞ୍ଚଳ, ଯାତାୟାତରେ ଅସୁବିଧା ଓ ସାମଗ୍ରୀ ଦର ବୃଦ୍ଧି ଯୋଗୁଁ କାମରେ ବିଳମ୍ବ ହେବା ମଧ୍ୟ ରହିଛି। ଏନେଇ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କୁ ଯୋଗାଯୋଗ କରିବାରୁ ସବୁ ବ୍ଲକର ବିଡିଓଙ୍କୁ ମାର୍ଚ୍ଚ ପୂର୍ବରୁ ଶେଷ କରିବାକୁ କୁହାଯାଇଛି। ବର୍ଷା ଯୋଗୁଁ କାମ ମନ୍ଥର ହୋଇଥିଲା, ବର୍ଷା ଛାଡ଼ିବା ପରେ ଏହା ଖୁବ ଶୀଘ୍ର ନିର୍ଦ୍ଧାରିତ ସମୟରେ ଶେଷ ହେବ ବୋଲି କହିଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate, cuttack sadar, vide No - 9653, dtd 24/11/2025. I, Manoja Kumar Nayak, At- Haripur, PO- Gandadhara, PS- Jagannath prasad, Pin-761121,Dist- Ganjam, Odisha declare that I have changed my name from Manoj Kumar Nayak to Manoja Kumar Nayak. Henceforth I shall be known as Manoja Kumar Nayak for all Purpose.

**AFFIDAVIT**

By virtue of an affidavit sworn before the Executive Magistrate BALIAPAL on Dated 04th October 2025, I, Mrs. RASHMIREKHA SINGHA, Address AT-JAMKUNDA, PO-JAMKUNDA, PS-BALIAPAL, DIST-BALESWAR, 756026, Odisha, have changed my name from "RASHMIREKHA PATTNAYAK" to "RASHMIREKHA SINGHA". Henceforth, I shall be known as "RASHMIREKHA SINGHA" for all purposes.

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 17.11.2025, I Mini Parida W/o- Sudarsan Parida, resident At/Po Siruli, Sub-Dist- Chandanpur, Dist- Puri, Odisha, PIN- 752012, declare that I have changed my daughter's name from Bijuli Nayak to Bijuli Parida. Henceforth, she shall be known as **BIJULI PARIDA** for all future purposes.

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A.
Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A.
Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A.
Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A.
Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A.
Eligibility: Any Graguate
ALL COURSE FEES ARE EXCLUDING HOSTEL

**AFFIDAVIT**

By virtue of an affidavit sworn before (Executive Magistrate), Nuagaon, dated 26.09.2025.I, Amruta Manjari Swain, Vill-Barapurikia, Po/Ps-Daspalla, Dist-Nayagarh, Odisha, Pin-752084 declare that I have changed the name of my daughter from Jagruti Priyadarshini to Jagruti Nayak. Henceforth, she shall be known as Jagruti Nayak for all purposes.
Sd/- Amruta Manjari Swain

**AFFIDAVIT**

I Binod Parida aged 55 years s/o late Bailochan Parida of Vill-Uttarbahini, P.O.Garadapur P.S.-Purunabazar Dist- Bhadrak (Odisha) Pin 756181 declare that my name In my school leaving certificatte has been mentioned as Binod Kumar Parida instead of Binod Parida and other documents my name has been mentioned as Binod Parida. So I myself Bindod Parida and Binod Kumar Parida is one and same person in the above address.

**AFFIDAVIT**

By virtue of an affidavit sworn before Notary Public, Bhubaneswar on dated, 24.11.2025, I Arjun Anup, resident at Plot No- 1195, Panas Tota, Punama Gate Sahi, Bhubaneswar, Dist-Khordha, Odisha, PIN-751002, declare that I have changed my name from Arjun Panda to Arjun Anup. Henceforth, I shall be known as **ARJUN ANUP** for all purposes.

**AFFIDAVIT**

By virtue of an affidavit (CF No. 01, dtd- 20/11/2025) sworn before the Executive Magistrate, Padampur. I, **Keshari Bag**, D/o- Alekha Bag, permanent & current resident of AT- Kukurimunda, PO/PS- Buden, Dist- Bargarh, PIN- 768036, Odisha declare that I have changed my name from **Kishori Bag** to **Keshari Bag.** Henceforth, I shall be known as **Keshari Bag** (new name) for all purposes.
**Keshari Bag**


WATCO

OFFICE OF THE GENERAL MANAGER,
WATCO DIVISION-I, VANIVIHAR SQUARE,
BHUBANESWAR, ODISHA, PIN-751022

C-1554

Phone / FAX: - 0674-2542821 / e-Mail: gmdivonewatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**

Invitation For Bids (IFB)

**GMWATCO-I/73/ 2025-26 Dt.20.11.2025**

| | | | |
|---|---|---|---|
| 01 | Name of the work | : | Supplying, Fitting & Fixing of Retrofit Emission Control Device (RECD) for 365KVA DG set installed at WTP, Mundali. |
| 02 | Estimate cost | : | Rs. 9.55 lakh |
| 03 | Period of completion | : | 02 (Two Month) |
| 04 | Date & Time of availability of bid document in the portal | : | From 11.00 AM of Dt.25.11.2025 to 5.00 PM of 05.12.2025 |
| 05 | Last date / time of receipt of bids in the portal | : | 5.00 PM of 05.12.2025 |
| 06 | Date & Time of opening of bids | : | At 12.30 PM of 06.12.2025 |
| 07 | Name and Address of the Officer Inviting Bid | : | General Manager WATCO Division-I, BBSR |

**Name & Address of Officer Inviting Bid:** **The General Manager, WATCO Division-I, Vanivihar Square, BBSR, Odisha,**

Further details can be seen from the e-Procurement portal "https://www.tendersodisha.gov.in"

OIPR-

**Sd/- GENERAL MANAGER, WATCO DIVISION-I, BBSR**

**SAISWARUPA INSTITUTE OF MENTALLY HANDICAPPED**
**(Special School for M.R. Children)**
**At/Po- Gelpur, Dist- Bhadrak. Odisha**

**ସୂଚନା**

ଏତଦ୍‌ଦ୍ୱାରା ବ୍ୟକ୍ତିବିଶେଷ ଶ୍ରୀ ଶଶଧର ପଣ୍ଡା, ପିତା- ଶ୍ରୀ ଚିତ୍ତରଞ୍ଜନ ପଣ୍ଡା, ସା: ସାମରାଇପୁର, ପୋ: ଗେଲପୁର, ଜିଲ୍ଲା- ଭଦ୍ରକଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତୁମେ ତୁମ ଆଟେଡାଣ୍ଟ ପଦବୀରେ ୭ ଦିନ ଭିତରେ ଯୋଗ ନ ଦେଲେ ବାଧହୋଇ ତୁମ ବିରୁଦ୍ଧରେ ବିଦ୍ୟାଳୟ ପରିଚାଳନା କମିଟି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ॥ଇତି॥

**ସମ୍ପାଦକ, ସାଇସ୍ୱରୂପା ମାନସିକ ଭିନ୍ନକ୍ଷମ ସଂସ୍ଥା, ଗେଲପୁର, ଭଦ୍ରକ**

O-1554

**OFFICE OF THE**
**SUPERINTENDING ENGINEER**
**RURALWORKS DIVISION, BALLIGUDA**
E-mail: rw_balliguda@yahoo.com

**NATIONAL COMPETITIVE BIDDING THROUGH e-Procurement** E-Mail / E-despatch

**Bid Identification No. Online Tender/13-2025-26/BLG**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 13-2025-26/BLG | Road Works | 03 Nos | Rs. 59.96 Lakhs to Rs. 80.67 Lakhs | "B" Class | 04(Four) Calendar Month as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Executive Engineer Rural Works, Division, Balliguda | Online Tender/13-2025-26/BLG | 25.11.2025 at 10.00 A.M. | 02.12.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.

(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: - www.tendersodisha.gov.in

OIPR-

Executive Engineer
R.W. Division, Balliguda

यूनियन बैंक ऑफ़ इंडिया | Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର**
୩/୧ଏ ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ୍
ନୟାପଲ୍ଲୀ ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ଆମ୍ଭର ଭୁବନେଶ୍ୱର ମୁଖ୍ୟ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ**

ଆମ୍ଭେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟଗୁଡ଼ିକ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ମୁଖ୍ୟ ଶାଖାର** ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଭୁବନେଶ୍ୱର ମୁଖ୍ୟ ଶାଖା / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଏନ୍‌ପିଏ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ମେସର୍ସ ନିଗମ ହେଲ୍‌ଥ କେୟାର, ସ୍ୱତ୍ୱାଧିକାରୀ: ଶ୍ରୀ ଅନୁପମ ବେହେରା,** ଠିକଣା- ପ୍ଲଟ୍ ନଂ.: ୧୬୦, ଗଙ୍ଗନଗର, ୟୁନିଟ୍-୬, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୦୧, **୨) ଶ୍ରୀ ଅନୁପମ ବେହେରା,** ଠିକଣା- ପ୍ଲଟ୍ ନଂ.: ଏ୧, ରତ୍ନା ରେସିଡେନ୍ସି, ସତ୍ୟ ନଗର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୦୭, **କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ ବନ୍ଧକଦାତା: ଶ୍ରୀ ଭଗବାନ ବେହେରା,** ଠିକଣା- ପ୍ଲଟ୍ ନଂ.: ଏ୧, ରତ୍ନା ରେସିଡେନ୍ସି, ସତ୍ୟ ନଗର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୦୭ | ମିଆଦୀ ଋଣ / ୦୩.୧୧.୨୦୨୫ | ୧୩.୧୧.୨୦୨୫ / ୧୩.୧୧.୨୦୨୫ ସୁଦ୍ଧା ଟ.୨୩,୩୦,୮୫୩.୦୦ ଯୁକ୍ତ ସେବାବଦ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଦେୟ | ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାର ଖାତା ନଂ.: ୩୮୦, ପରିବର୍ତ୍ତିତ ଖାତା ନଂ.: ୫୪୦/୨୮୬୯, ପ୍ଲଟ୍ ନଂ.: ୧୫୬୨/୫୫୪୧, ଅନୁରୂପ ଖାତା ନଂ.: ୩୮୦, ପ୍ଲଟ୍ ନଂ.: ୧୫୬୨, ମୌଜା: ମଞ୍ଚେଶ୍ୱର, କ୍ଷେତ୍ର: ଏକର୦.୦୨୯୮୪ ଡିସିମିଲି (୧୩୦୦ ବର୍ଗଫୁଟ), ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଡ଼ିଏସ୍‌ଆରଓ: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୧୪ ଏବଂ ୧୩, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ. ୭ସି, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୭ଏ |

ଆମ୍ଭର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମ୍ଭେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। **୧)** ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ୬୦ ଦିନ ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମ୍ଭେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ/ ଋଣ ଅସୁଲି ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବୁ। **୨)** ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୪.୧୧.୨୦୨୫** | **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-54-25
**କାର୍ଯ୍ୟର ବିବରଣୀ :** ତିନି ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର ଇଲେକ୍ଟ୍ରିକାଲ (ବ୍ରହ୍ମପୁର ଏବଂ ପଲାସା) ପରିସୀମା ଅଧୀନସ୍ଥ ଆନୁଷଙ୍ଗିକ ସଂସ୍ଥାପନଗୁଡ଼ିକ ସହିତ ଷ୍ଟେସନଗୁଡ଼ିକ ଠାରେ ସବ୍-ଷ୍ଟେସନ, କେବୁଲିଂ ସଂସ୍ଥାପନ, ଫିଡ଼ର ବାକ୍ସ, ଜଙ୍କ୍ସନ ବାକ୍ସ, ପମ୍ପିଙ୍ଗ୍ ସଂସ୍ଥାପନ, CLS ପ୍ୟାନେଲ ଏବଂ ଲେଭେଲ କ୍ରସିଙ୍ଗ୍ ଫାଟକ, IBs,ହାଇ ମାଷ୍ଟ, ଲିଫ୍ଟ, ଏସ୍କାଲେଟର, ବିଭିନ୍ନ ପ୍ରକାର ଆଲୋକ, ଫ୍ୟାନ, ଆର୍ଥିଙ୍ଗ ସଂସ୍ଥାପନ, ଏଚ୍‌ଟି ଏବଂ ଏଲ୍‌ଟି ଫିଡର ପ୍ୟାନେଲ ଭଳି ସମସ୍ତ ପ୍ରକାର ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟ ନିମନ୍ତେ ବିବିଧ ରକ୍ଷଣାବେକ୍ଷଣ ଚୁକ୍ତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 7,03,99,986.60, EMD (ଟଙ୍କାରେ): 5,02,000/-।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-55-25
**କାର୍ଯ୍ୟର ବିବରଣୀ :** ଦୁଇ ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସ୍ୱତନ୍ତ୍ର ଅବସର (Special Occasion) ସମୟରେ ଗୁରୁତ୍ୱପୂର୍ଣ୍ଣ ସେବା ଭବନ ଏବଂ ଷ୍ଟେସନଗୁଡ଼ିକ ଠାରେ ଅସ୍ଥାୟୀ ଆଲୋକ, ଫ୍ୟାନ, ମୋବାଇଲ ଟାଙ୍କିଙ୍ଗ ପଏଣ୍ଟ, ଏୟାର କଣ୍ଡିସନର, ପମ୍ପିଙ୍ଗ, ବୈକଳ୍ପିକ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଏବଂ ସାଜସଜ୍ଜା ତଥା ନନ୍ ଇଣ୍ଟରଲକିଙ୍ଗ (NI) କାର୍ଯ୍ୟ ନିମନ୍ତେ ଅତିରିକ୍ତ(Standby)ବିଦ୍ୟୁତ୍ ଯୋଗାଣ ସହିତ ଷ୍ଟେସନ ୟାର୍ଡଗୁଡ଼ିକରେ ଆଲୋକ ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 88,64,778.66, EMD (ଟଙ୍କାରେ): 1,77,300/-।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-56-25
**କାର୍ଯ୍ୟର ବିବରଣୀ :** ପୁରୀ ଏବଂ ଭୁବନେଶ୍ୱର କୋଚିଙ୍ଗ ଡିପୋ ଠାରେ LHB କୋଚ୍‌ଗୁଡ଼ିକରେ ବିଭିନ୍ନ କମ୍ପାନୀ ଦ୍ୱାରା ଲଗାଯାଇଥିବା ବ୍ରାଶଲେସ୍ ବିହାନ ତ୍ରୁଟିପୂର୍ଣ୍ଣ 4.5 KW ରେଗୁଲେଟେଡ୍ ବ୍ୟାଟେରୀ ଚାର୍ଜରଗୁଡ଼ିକର ମରାମତି/ରିକଣ୍ଡିସନିଙ୍ଗ୍।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 45,13,796/-, EMD (ଟଙ୍କାରେ): 90,300/-।

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-57-25
**କାର୍ଯ୍ୟର ବିବରଣୀ :** ପଲାସା ଷ୍ଟେସନର ଡାଉନ ପାର୍ଶ୍ୱରେ ହାଇ ଲେଭେଲ ପାସେଞ୍ଜର ପ୍ଲାଟଫର୍ମ ସହିତ ଗୋଟିଏ ଅତିରିକ୍ତ ଲାଇନ୍‌ର ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତୀକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 52,72,324.94, EMD (ଟଙ୍କାରେ): 1,05,500/-।

(5)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-58-25
**କାର୍ଯ୍ୟର ବିବରଣୀ :** ତିନି ବର୍ଷ ଅବଧି ନିମନ୍ତେ ଭୁବନେଶ୍ୱର କୋଚିଙ୍ଗ ଡିପୋ ଠାରେ ମେଲ/ଏକ୍ସପ୍ରେସ୍/ ସୁପରଫାଷ୍ଟ/ରାଜଧାନୀ ଟାଇପ୍ ଟ୍ରେନ୍‌ଗୁଡ଼ିକରେ ଏସି କୋଚ୍‌ଗୁଡ଼ିକର ମାର୍ଗଦର୍ଶନ ନିମନ୍ତେ କାର୍ଯ୍ୟବଳ (କୁଶଳୀ-08 ଗୋଟି, ଅର୍ଦ୍ଧ କୁଶଳୀ-116 ଗୋଟି) ର ବହିଃସ୍ରୋତ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 12,23,94,164.31, EMD (ଟଙ୍କାରେ): 7,62,500/-।

(6)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-59-25
**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଅମୃତ ଭାରତ ଷ୍ଟେସନଗୁଡ଼ିକରେ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀର ବିଶ୍ୱସନୀୟତା ଏବଂ ଜରୁରୀକାଳୀନ ବ୍ୟାକ୍ ଅପ୍ ନିମନ୍ତେ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ (BESS)ର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 3,96,12,600/-, EMD (ଟଙ୍କାରେ): 3,48,100/-।

ଶେଷ ହେବା ଅବଧି : 36 ମାସ (କ୍ରମ ସଂ.1 ଏବଂ 5 ପାଇଁ), 24 ମାସ (କ୍ରମ ସଂ.2 ପାଇଁ), 06 ମାସ (କ୍ରମ ସଂ.3 ଏବଂ 6 ପାଇଁ) ଏବଂ 04 ମାସ (କ୍ରମ ସଂ.4 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.12.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦିପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏଣୁକରି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(G), ଖୋର୍ଦ୍ଧା ରୋଡ଼

PR-821/Q/25-26


**AFFIDAVIT**

By virtue of an affidavit no5614, sworn before Executive Margistrate, Tirtol dated-19.09.2025 I, **Narendra Malik**, S/o Shatrughna Malik, resident of Vill- Sirasta, Po- Pailo, Ps- Tirtol, Dist- Jagatsinghpur, Pin- 754162, Odisha declare that I have changed my name from **Narotam Mallick** to **Narendra Malik.** Henceforth I shall be known as **Narendra Malik** for all purposes.
**Narendra Malik**

**AFFIDAVIT**

By virtue of an affidavit sworn before the Executive Magistrate, Keonjhar, dated-17.11.2025 I, **Binoda Kumar Pradhan**, S/o. Banabasi Pradhan, resident of Village/Po.- Gadaguda, PS.- G. Udayagiri, Dist.- Kandhamal, Odisha, PIN-762100 declare that I have changed my name from **Binod Kumar Pradhan** to **Binoda Kumar Pradhan.** Henceforth I shall be known as **BINODA KUMAR PRADHAN** for all purposes.
**Binoda Kumar Pradhan**

**NOTICE**

By virtue of an affidavit sworn before the Notary Public, Cuttack, dated 18.11.2025 I, Subhasish Satapathy, S/o - Santosh Kumar Satapathy, resident of QR. No. D/156, Sector-7, P.O.- Rourkela, P.S.-Sector-7, Dist- Sundargarh, Odisha, Pin-769003 have changed my name from Subhashit Satpathy to Subhasish Satapathy. Henceforth, I shall be known as Subhasish Satapathy for all purposes.
Sd/- Subhasish Satapathy

**AFFIDAVIT**

By virtue of an affidavit No- 2947 sworn before the Executive Magistrate, Sukinda, Jajpur on dtd-18/11/2025, I **Sk Badal**, S/o Late Sk Halli, resident of At/Po/Ps- Sukinda, Dist- Jajpur, Odisha. My D.L Card bearing Regd No- OR0420010031407, My Aadhar Card No- 420710768126. I have changed my name and address from Badal Saha, At- Merda,PO- Merda Katichhak, Mangalpur, Jajpur, Odisha (old name & address) to Sk Badal, At/Po/Ps- Sukinda, Dist- Jajpur, Odisha (new name & address). Henceforth, both the name **Badal Saha** and **Sk Badal** is one & same person & I will be known as **Sk Badal,** permanent resident of At/Po/Ps- Sukinda, Dist- Jajpur, Odisha for all future purposes.

**ଆଫିଡେବିଟ**

ମୁଁ ଶ୍ରୀ ରାମେଶ୍ୱର ମହାନ୍ତି, ପିତା- ନାଲୁ ମହାନ୍ତି, ଗ୍ରା- ଓଲାଚ, ପୋ- କୁଣ୍ଡିପଡ଼ା ଥାନା- ବସ୍ତା ଜିଲ୍ଲା- ବାଲେଶ୍ୱର ପିନ୍- 756029 ବାସିନ୍ଦା ଅଟେ। ମୁଁ ଗୋଟିଏ LIC କରିଥିଲି। ଯାହାର ପଲିସି ନମ୍ବର 588035598। ଏହି ପଲିସିଟି ସନ୍ୟାସୀ ମହାନ୍ତି ପି- ନାଲୁ ମହାନ୍ତି ନାମରେ କରାଯାଇଥିଲା। ବର୍ତ୍ତମାନ ସନ୍ୟାସୀ ମହାନ୍ତି ନାମରେ ଥିବା ସମସ୍ତ ଡକ୍ୟୁମେଣ୍ଟ ଯଥା ଆଧାର କାର୍ଡ, ଭୋଟର କାର୍ଡ ଓ ବ୍ୟାଙ୍କ ପାସ ବୁକ୍ ଇତ୍ୟାଦି ସବୁଥିରେ ରାମେଶ୍ୱର ମହାନ୍ତି ନାମରେ ପରିବର୍ତ୍ତନ ହୋଇସାରିଛି। ସନ୍ୟାସୀ ମହାନ୍ତି ଓ ରାମେଶ୍ୱର ମହାନ୍ତି ହେଉଛନ୍ତି ଜଣେ ଓ ଅଭିନ୍ନ। ତାହା ମୁଁ ନିଜେ ଏବଂ ମୁଁ ଏହାର ସତ୍ୟତା ପାଇଁ କୋର୍ଟରେ ଏକ ଏଫିଡେବିଟ କରିସାରିଛି। ଏଣୁ ବିନୀତ ଅନୁରୋଧ ମୋର ଏହି LIC ପଲିସିଟିରେ ସନ୍ୟାସୀ ମହାନ୍ତି ପରିବର୍ତ୍ତେ ରାମେଶ୍ୱର ମହାନ୍ତି ଅନ୍ତର୍ଭୁକ୍ତ କରିବାକୁ ଚାହୁଁଛି।

● ଶିକ୍ଷକ ନିଯୁକ୍ତି ଦାବି

## ବିଦ୍ୟାଳୟ ଫାଟକରେ ତାଲା, ବାହାରେ ବସିଲେ ଛାତ୍ରଛାତ୍ରୀ

ହାଟଡିହୀ,୨୪।୧୧(ସମିସ): ହାଟଡିହୀ ବ୍ଲକ୍ ଡଅଁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟାକୁ ନେଇ ସୋମବାର ପୂର୍ବାହ୍ନରେ ବିଦ୍ୟାଳୟ ଫାଟକରେ ତାଲା ପକାଯାଇଥିଲା। ଫଳରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ବିଦ୍ୟାଳୟ ବାହାରେ ଫାଟକ ସମ୍ମୁଖରେ ତଳେ ବସି ରହିଥିଲେ। ଏ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପର୍କରେ ହାଟଡିହୀ ବିଇଓ ରାଜୀବ ଦଳେଇଙ୍କୁ ପଚାରିବାରୁ ଏପରି ଘଟଣା ସମ୍ପର୍କରେ ସେ ଜାଣିନାହାଁନ୍ତି କି କେହି ତାଙ୍କୁ ଜଣାଇନାହାଁନ୍ତି ବୋଲି କହିଛନ୍ତି। ସୂଚନା ମୁତାବକ, ଡଅଁର ବିଦ୍ୟାଳୟରେ ୮ଟି ଶ୍ରେଣୀ ଓ ଶିଶୁବାଟିକାରେ ୨୧୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପୂର୍ବରୁ ଏଠାରେ ୯ ଜଣ ଶିକ୍ଷକ ଥିଲେ। ଏବେ ୪ ଜଣ ଶିକ୍ଷକରେ ଶିକ୍ଷାଦାନ ଚାଲିଛି। ଫଳରେ ଶିକ୍ଷାଦାନ ଠିକ୍ ଭାବେ ହୋଇପାରୁନି। ଅଭିଭାବକ ଓ ଗ୍ରାମବାସୀ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ଖବର ପାଇ ଏବିଇଓ ପ୍ରମୋଦ କୁମାର ନାୟକ ଓ ପୂର୍ଣ୍ଣଚନ୍ଦ୍ର ଜେନା ପହଞ୍ଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଆସନ୍ତା ୭ଦିନ ମଧ୍ୟରେ ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଚେଷ୍ଟା କରିବା ସହ ଆସନ୍ତାକାଲିଠାରୁ ସିଆରସିସି ଶ୍ରୀକାନ୍ତ ମିଶ୍ର ମଧ୍ୟାହ୍ନ ଭୋଜନ ଯାଏଁ ଶିକ୍ଷାଦାନ କରିବେ ବୋଲି ଏବିଇଓ ପ୍ରମୋଦ ନାୟକ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା।

# ତୀର୍ଥଯାତ୍ରାରେ ଯାଇ ବରିଷ୍ଠ ନାଗରିକ ନିଖୋଜ



➤ ସରନାଥର ଏକ ହୋଟେଲରୁ ରାତିରେ ନିଖୋଜ ସୂଚନା
➤ ୧୬ ଦିନ ହେଲା ମିଳୁନି ପତ୍ତା

କେନ୍ଦୁଝର,୨୪।୧୧(ସମିସ): କେନ୍ଦୁଝରରୁ ସରକାରୀ ତୀର୍ଥଯାତ୍ରା ଯୋଜନାରେ ବୁଲିବାକୁ ଯାଇଥିବା ଜଣେ ବରିଷ୍ଠ ନାଗରିକ ବିଗତ ୧୬ ଦିନ ଧରି ନିଖୋଜ ରହିଥିବା ଖବର ମିଳିଛି। ସାଥୀରେ ଯାଇଥିବା ନିଖୋଜ ବରିଷ୍ଠ ନାଗରିକଙ୍କ ପତ୍ନୀଙ୍କଠାରୁ ଶୁଣିବା ପରେ ତାଙ୍କ ପରିବାରବର୍ଗ ଆଶା ଆଶଙ୍କାରେ ରହିଛନ୍ତି। ଏହି ଘଟଣା ଜିଲ୍ଲା ପ୍ରଶାସନକୁ ମଧ୍ୟ ଆଡୁଆରେ ପକାଇଛି।

ସୂଚନା ମୁତାବକ, ଗତ ୬ ତାରିଖରେ ଆଇଆରସିଟି ସି ଦ୍ୱାରା ପରିଚାଳିତ ୩ ଗୋଟି ବସ ଯୋଗେ କେନ୍ଦୁଝର ଜିଲ୍ଲାରୁ ୧୪୦ ଜଣ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ବୁଲିବାକୁ ଯାଇଥିଲେ। ବସ୍ ଗୁଡିକ ୮ ତାରିଖରେ ଉତ୍ତରପ୍ରଦେଶ ରାଜ୍ୟର ବନାରସ ଜିଲ୍ଲା ସରନାଥରେ ପହଞ୍ଚିବା ପରେ ରାଜଶାନ୍ତି ନାମକ ହୋଟେଲରେ ଏମାନଙ୍କୁ ରଖାଯାଇଥିଲା। ସେଦିନ ରାତ୍ରିରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଯାଇଥିବା ତେଲକୋଇ ବ୍ଲକ ବିମଳା ପଞ୍ଚାୟତ ଟାଙ୍ଗିରିଗାଁର ଜଗନ୍ନାଥ ନାଏକ (୬୫) କେଉଁଆଡ଼େ ନିଖୋଜ ହୋଇଯାଇଥିବା କୁହାଯାଉଛି। ତାଙ୍କ ସହିତ ଯାଇଥିବା ତାଙ୍କ ପତ୍ନୀ ମଧ୍ୟ ସେ କେଉଁଆଡେ ଗଲେ ଜାଣିପାରି ନ ଥିଲେ। ତୀର୍ଥଯାତ୍ରା ବସ ଛାଡ଼ିବା ପୂର୍ବରୁ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା ଓ ବସ୍‌ରେ ୪ ଜଣ ସରକାରୀ କର୍ମଚାରୀ ଓ ଆଇଆରସିଟିସି କର୍ମଚାରୀ ମଧ୍ୟ ଯାଇଥିଲେ। ଏଭଳି ପରିସ୍ଥିତିରେ ବରିଷ୍ଠ ନାଗରିକ ଜଣଙ୍କ କିଭଳି ହୋଟେଲରୁ ନିଖୋଜ ହେଲେ ତାହା ଚିନ୍ତାର କାରଣ ସାଜିଛି। ତାଙ୍କୁ ଖୋଜାଖୋଜି ପରେ ନ ପାଇବାରୁ ଅନ୍ୟ ସାଥି ଅନେକ ଦିନ ହେଲା ଫେରିସାରିଲେଣି। କିନ୍ତୁ ଜଗନ୍ନାଥଙ୍କର ଖୋଜ ଖବର ମିଳିନାହିଁ। କେନ୍ଦୁଝର ଜିଲ୍ଲା ପ୍ରଶାସନକୁ ଏ ଘଟଣା ଚିନ୍ତାରେ ପକାଇଥିବାବେଳେ କେନ୍ଦୁଝର ଜିଲ୍ଲା ସଂସ୍କୃତି ଅଧିକାରୀ ଦାୟିତ୍ୱରେ ଥିବା ରମେଶ ନାୟକଙ୍କ ନେତୃତ୍ୱରେ ତିନିଜନ କର୍ମଚାରୀ ଗତ କିଛିଦିନ ହେବ ବନାରସର ସରନାଥକୁ ଯାଇ ଅନେକ ଖୋଜାଖୋଜି କରିବା ପରେ ତାଙ୍କର କୌଣସି ପତ୍ତା ମିଳି ନ ଥିବା ଅଧିକାରୀ ଜଣଙ୍କ ସୂଚନା ଦେଇଛନ୍ତି। ଏଭଳି ସ୍ଥିତିରେ ପ୍ରଶାସନ ପକ୍ଷରୁ ସରନାଥ ଥାନାରେ ତାଙ୍କର ନିଖୋଜ ସମ୍ପର୍କରେ ଏତେଲା ଦାୟର ହୋଇଛି। ସେଠାକାର ପୁଲିସ ଥାନା କେଶ ନଂ ୦୦୯୬/୨୦୨୫ ଅନୁସାରେ ତଦନ୍ତ ଚଲାଇଥିବା ସଂସ୍କୃତି ଅଧିକାରୀ କହିଛନ୍ତି। ସବୁଠୁ ବଡ଼ କଥା ହେଲା ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ନେବାବେଳେ ସାଙ୍ଗରେ ଯାଉଥିବା କର୍ମଚାରୀଙ୍କ ଦାୟିତ୍ୱହୀନତା ସମ୍ପର୍କରେ ସବୁବେଳେ ଅଭିଯୋଗ ହେଉଥିଲେ ମଧ୍ୟ ଏହାର ସୁଧାର ହେଉ ନ ଥିବା କୁହାଯାଉଛି। ତାଙ୍କର ନିଖୋଜ ପରେ ପରିବାର ଚିନ୍ତାରେ ରହିଥିବାବେଳେ ଏଥିପାଇଁ କାହାକୁ ଦୋଷୀ କରାଯିବ ନା ନିଖୋଜ ବ୍ୟକ୍ତିଙ୍କ ଦୋଷ କହି ପ୍ରଶାସନ ନିଜର ଦାୟିତ୍ୱକୁ ଏଡାଇଯିବ, ତାହା ଆଲୋଚନାର ବିଷୟ ହୋଇଛି।

## ଗୟଲମୁଣ୍ଡାରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ



ଆନନ୍ଦପୁର, ୨୪।୧୧(ସମିସ): ଆନନ୍ଦପୁର ବ୍ଲକ୍‌ର ଉପାନ୍ତ ଅଞ୍ଚଳ ଗୟଲମୁଣ୍ଡାରେ ଉପଖଣ୍ଡ ପ୍ରଶାସନ ଓ ଆନନ୍ଦପୁର ବ୍ଲକ୍ ପକ୍ଷରୁ ଜନଶୁଣାଣି ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୟଲମୁଣ୍ଡା ବିଡ଼ିଓ ମନୋଜ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ନୀଳମାଧବ ସୁନା ଯୋଗଦେଇ ଆଖପାଖ ଅଞ୍ଚଳବାସୀଙ୍କ ଅଭିଯୋଗ ଓ ସମସ୍ୟାର ଶୁଣାଣି କରିଥିଲେ। ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ହରିଶ୍ଚନ୍ଦ୍ର ଯୋଜନା, ଅନ୍ତୋଦୟ ଅନ୍ନ ଯୋଜନା, ଅଙ୍ଗନବାଡି ସମସ୍ୟାର ବିଚାର କରିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଆନନ୍ଦପୁର ବ୍ଲକ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଥାନାରେ ୩ ଅଟୋ, ୭ ଗୋରୁ ଅଟକ

ତୁରୁମୁଙ୍ଗା, ୨୪।୧୧(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ବାଉଁଶୁଳି ନିକଟରୁ ରବିବାର ସକାଳୁ ୩ ଗୋରୁ ବୋଝେଇ ଅଟୋକୁ ବଜରଙ୍ଗ ଦଳ କର୍ମୀ ଅଟକ ରଖି ତୁରୁମୁଙ୍ଗା ପୁଲିସ ଜିମା ଦେଇଥିଲେ। ୩ଟି ଅଟୋ ସହ ୪ଟି ବଳଦ ଓ ୩ ଗାଈକୁ ଥାନାରେ ଅଟକ ରଖି ପୁଲିସ ଘଟଣାର ତଦନ୍ତ କରୁଛି। ଏ ନେଇ ଥାନାରେ ୨୯୯/୨୫ରେ ମାମଲା ରୁଜୁ କରାଯାଇଛି। ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଗୋଶାଳାକୁ ସ୍ଥାନାନ୍ତର କରାଯିବ ବୋଲି ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା




କେନ୍ଦୁଝର, ୨୪।୧୧(ସମିସ): ରାଜ୍ୟ ଆଇନସେବା ପ୍ରାଧିକରଣ, ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କୋର୍ଟ ପରିସରରେ ଶିଶୁ ଦିବସ ପାଳନ ଉପଲକ୍ଷେ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ପରିଚାଳନା କରିଥିଲେ। ସପ୍ତମ, ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ବିଭିନ୍ନ ସ୍କୁଲରୁ ଆସି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ଗୋଟିଏ ଗ୍ରୁପ କରାଯାଇଥିବାବେଳେ ନବମ ଓ ଦଶମ ଛାତ୍ରଛାତ୍ରୀଙ୍କୁ ନେଇ ଆଉ ଗୋଟିଏ ଗ୍ରୁପ କରାଯାଇଥିଲା। ଉଭୟ ଗ୍ରୁପ ଛାତ୍ରଛାତ୍ରୀଙ୍କୁ ଭିନ୍ନ ଭିନ୍ନ ବିଷୟରେ ଚିତ୍ରାଙ୍କନ ବିଷୟବସ୍ତୁ ଦିଆଯାଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲରୁ ୬୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଭଗବାନ ପ୍ରଧାନ, ବରିଷ୍ଠ ସିଭିଲ ଜଜ୍ ତଥା ମହିଳା ବିଚାରପତି ନେହା ଦାସ, ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅମ୍ବିକେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଉପସ୍ଥିତ ରହି ସହାୟତା କରିଥିଲେ। ଏଥିସହ ଆନନ୍ଦପୁର, ଚମ୍ପୁଆ, ବଡବିଲ, ହାଟଡିହୀ ତାଲୁକ ଆଇନସେବା କମିଟି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜିଲ୍ଲାର ସମସ୍ତ ପ୍ରତିଯୋଗୀଙ୍କ ମୂଲ୍ୟାଙ୍କନ ପରେ ଉଭୟ ଗ୍ରୁପରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଆଗାମୀ ୨୬ ତାରିଖ ସମ୍ବିଧାନ ଦିବସରେ ପୁରସ୍କୃତ କରାଯିବା ସହ ଉଭୟ ଗ୍ରୁପର ପ୍ରଥମ ୩ ଜଣ ପ୍ରତିଯୋଗୀଙ୍କ ଚିତ୍ରାଙ୍କନ ରାଜ୍ୟସ୍ତରୀୟ ମୂଲ୍ୟାଙ୍କନ ପାଇଁ ରାଜ୍ୟ ଆଇନସେବା ପ୍ରାଧିକରଣ କଟକ ପାଖକୁ ପଠାଯିବ ବୋଲି ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ପ୍ରକାଶ କରିଛନ୍ତି।

## ବାଇକ୍ ଦୁର୍ଘଟଣାଗ୍ରସ୍ତ; ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ତୁରୁମୁଙ୍ଗା,୨୪।୧୧(ସମିସ):କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା ହାଟରୁ ରବିବାର ସନ୍ଧ୍ୟାରେ ସ୍ୱାମୀ-ସ୍ତ୍ରୀ ବାଇକ୍ ଯୋଗେ ଫେରୁଥିବା ସମୟରେ ଭାଲିଆଡିହା ଛକ ନିକଟରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥଲା। ଗୁରୁତର ସ୍ୱାମୀ ଓ ସ୍ତ୍ରୀଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ସ୍ତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସ୍ତ୍ରୀ ହେଲେ ପିଙ୍ଗୁପାଟଣା ଗ୍ରାମର ସୁରେନ୍ଦ୍ର ଟୁଡୁଙ୍କ ସ୍ତ୍ରୀ ସୁରୁମଣି ଟୁଡୁ (୪୫)। ସୋମବାର ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ୨୮୪/୨୫ରେ ଏକ ମାମଲା ରୁଜୁ ହୋଇଛି।

## ଗାୟତ୍ରୀ ଶକ୍ତିପୀଠର ବାର୍ଷିକ ଉତ୍ସବ ଓ ପଞ୍ଚକୁଣ୍ଡଳୀ ଗାୟତ୍ରୀ ମହାଯଜ୍ଞ



ବଡ଼ବିଲ,୨୪।୧୧(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରାଞ୍ଚଳର କଳିଙ୍ଗନଗରଠାରେ ଥିବା ଗାୟତ୍ରୀ ଶକ୍ତିପୀଠର ୧୬ତମ ବାର୍ଷିକ ଉତ୍ସବ ଓ ପଞ୍ଚକୁଣ୍ଡଳୀ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି। କଳିଙ୍ଗ ଲୌହ କାରଖାନାର ମୁଖ୍ୟ ପରିଚାଳକ ରଞ୍ଜନ ବେହେରା ଗାୟତ୍ରୀ ଧ୍ୱଜା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ ସମାଜସେବୀ ପ୍ରଣବ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୫ ଶହରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନେଇ ଏକ ବିଶାଳ କଳସ ଶୋଭାଯାତ୍ରାର ଆୟୋଜନ କରାଯାଇ ସ୍ଥାନୀୟ ଚମ୍ପକେଶ୍ୱର ମନ୍ଦିର ନାଳରୁ ଜଳ ଅଣାଯାଇଥିଲା। ଶୋଭାଯାତ୍ରା ଯଜ୍ଞସ୍ଥଳରେ ପହଞ୍ଚି ଜଳାଭିଷେକ କରିବା ପରେ ପରେ ପଞ୍ଚକୁଣ୍ଡଳୀ ଯଜ୍ଞର ଆହୂତି ଦିଆଯାଇ ଯଜ୍ଞର ଶୁଭାରମ୍ଭ କରାଯାଇଥିଲା। ଏହି ଯଜ୍ଞ ଅବସରରେ ଗାୟତ୍ରୀ ଶକ୍ତି ପୀଠ ପରିବାର ପକ୍ଷରୁ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏ ଅବସରରେ ପ୍ରବଚକ ଗୁରୁ ରାଜେଶ ପଣ୍ଡାଙ୍କ ପ୍ରବଚନ କାର୍ଯ୍ୟକ୍ରମ କରାଯାଉଛି। ଯଜ୍ଞସ୍ଥଳରେ କୌଣସି ବ୍ୟକ୍ତି ନିଜ ପିଲାର ନାମକରଣ ଓ ମୁଣ୍ଡନ ବିଧି ନିଃଶୁଳ୍କ ଭାବେ କରିପାରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି ସୁବଳ ସାହୁ, ସଭାପତି ପ୍ରଶାନ୍ତ ସାହୁ, ଉପସଭାପତି ଗିରିଧାରୀ ଲାଲଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

## ସାହାରପଡ଼ା ବ୍ଲକ୍‌ରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର



ତୁରୁମୁଙ୍ଗା, ୨୪।୧୧(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ସଭାଗୃହରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଜିଲ୍ଲାପାଳ କିମ୍ବା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜନଶୁଣାଣିରେ ଅନୁପସ୍ଥିତ ଥିଲେ। ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ କୁମାର ନାଗ ଭୂଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିନୋଦ ବିହାରୀ ମିଶ୍ର, ଘଟଗାଁ ଏସ୍‌ଡ଼ିପିଓ ବିଜୟ କୃଷ୍ଣ ମହାପାତ୍ର ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ସାହାରପଡା ବିଡିଓ ରଣଜିତ ମହାନ୍ତ ଓ ତହସିଲଦାର ଲୀଳାବତୀ ନାୟକଙ୍କ ସମେତ ବ୍ଲକ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ୧୪୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ବିଶେଷ କରି ଭତ୍ତା, ରାସନ କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ବନ୍ଧୀୟ ଥିଲା। ଜିଲ୍ଲାପାଳ ଆସି ନ ଥିବାରୁ କିଛି ଲୋକ ଅଭିଯୋଗ ନ କରି ଚାଲିଯାଇଥିବା ଦେଖିବାକୁ ମିଳିଥିଲା।

## ଝାଡ଼େଶ୍ୱର ଅପେରା କମିଟି ବୈଠକ



ଆନନ୍ଦପୁର,୨୪।୧୧(ସମିସ):ଘସିପୁରା ବାବା ଝାଡ଼େଶ୍ୱର ଅପେରା କମିଟି ପକ୍ଷରୁ ସ୍ଥାନୀୟ ବ୍ଲକ୍ ପଡ଼ିଆରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅପେରା କମିଟି ଉପଦେଷ୍ଟା ଯଦୁନାଥ ଓଝା, ଦୀପକ ଜେନା, ରଶ୍ମିରଞ୍ଜନ ନନ୍ଦ, ପଙ୍କଜ ସାହୁ, ଅମୂଲ୍ୟ ସାହୁ, କ୍ଷମାକର ସାହୁ, ଆଶୁତୋଷ ପୁହାଣ, ଆନନ୍ଦ ସା, କାଠିଆ ସାହୁ, ମଙ୍ଗଳ ପ୍ରସାଦ ନାୟକଙ୍କ ସଂଯୋଜନାରେ ନୂତନ ଅପେରା କମିଟି ଗଠନ କରାଯାଇ ସଭାପତି ଭାବେ ପୋଲସ୍ତ୍ୟ ସାହୁ, ସମ୍ପାଦକ ଆଶିଷ ବେହେରା, ସହସମ୍ପାଦକ ଦୀପକ ସାହୁ, କୋଷାଧ୍ୟକ୍ଷ ଦିଲ୍ଲୀପ ବେହେରାଙ୍କୁ ନୂତନ ଭାବେ ଚୟନ କରାଯାଇଛି। ଅପେରା କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅପେରା ପାର୍ଟି ବାରୁଣୀ ମେଳାରେ ତିନିଦିନ ଧରି ଶାନ୍ତିଶୃଙ୍ଖଳା ଓ ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କମିଟି ସଦସ୍ୟ ଦୀନକୃଷ୍ଣ ସାହୁ, ମାନସ ରଞ୍ଜନ ସାହୁ, ଦେବେନ୍ଦ୍ର ବେହେରା, ଚକ୍ରଧର ସାହୁ, ମାନସ କୁମାର ସାହୁ, ପ୍ରଳୟ ସାହୁ, ଅମୀୟ ମିଶ୍ର, ପିନୁ ସାହୁ, ଲାଲଟୁ ନାହାକ, ସଦାଶିବ ସାହୁ, ମନ୍ମଥ ସାହୁ, ସରୋଜ ସାହୁ, ରମେଶ ବାରିକ, ରଜତ ଖଟୁଆ, ସିଦ୍ଧାର୍ଥ ସାହୁ, ତପନ ସାହୁ, ସଞ୍ଜୟ ସାହୁ, ମଳୟ ସାହୁ, ଦୀପକ କୁମାର ସାହୁ, ଓମକାର ନାରାୟଣ, ସତ୍ୟ ନାରାୟଣ ସାହୁ, ଚିନ୍ମୟ ସାହୁ, ମିଲୁ ନାହାକ ସମେତ ୧୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

## ଆନନ୍ଦପୁର କଲେଜରେ ଏନସିସି ଦିବସ ପାଳିତ

ଆନନ୍ଦପୁର,୨୪।୧୧(ସମିସ): ଆନନ୍ଦପୁର ମହାବିଦ୍ୟାଳୟରେ ୭୮ତମ ଏନସିସି ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ୭ ଓଡ଼ିଶା ବାଟାଲିୟନର କମାଣ୍ଡିଂ ଅଫିସର କର୍ଣ୍ଣେଲ ଏସ୍‌ଏସ୍ ରଘୁ ବଂଶୀସ ଓ ଓଡ଼ିଶା ନାଭାଲ ୟୁନିଟର କମାଣ୍ଡିଂ ଅଫିସର କମାଣ୍ଡର ସୁଦୀପ କୁମାର ସାହୁ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନାରାୟଣ ମିଶ୍ର ସଭାପତିତ୍ୱ କରିଥିଲେ ଓ ଏନସିସି ଅଫିସର ଲେଫ୍ଟନାଣ୍ଟ ରଘୁଦୀପ୍ତି ନାୟକ ସଭା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ଏନସିସି ଅଫିସର ମେଜର ଡ. ଦିଲ୍ଲୀପ କୁମାର ଦାସ ଯୋଗ ଦେଇଥିଲେ। ଏ ଅବସରରେ ଆନନ୍ଦପୁର ମହାବିଦ୍ୟାଳୟ ଏନସିସିର ପୂର୍ବତନ ଛାତ୍ର ତଥା ଆନନ୍ଦପୁର ମାଟିର ବୀରପୁତ୍ର ସହିଦ ସୁଶାନ୍ତ କୁମାର ଖୁଣ୍ଟିଆଙ୍କ ପତ୍ନୀ ପୂର୍ଣ୍ଣିମା ପୃଷ୍ଟିଙ୍କୁ ସମ୍ମାନିତ କରାଯାଇଥିଲା। ବିଶ୍ୱଜିତ ରାଉତ ସଭା ପରିଚାଳନା କରିଥିବାବେଳେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।




### ଅଧା କାମ କରି ଠିକାଦାର ଛୁ'

# ୧୧ ଏକର ପରିମିତ ଜଳାଶୟ ଏବେ ଶୁଖିଲା

ଯୋଡ଼ା, ୨୪।୧୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୧ ନମ୍ବର ୱାର୍ଡ କମାରଯୋଡ଼ାଠାରେ ଥିବା ୧୧ ଏକର ଜମିରେ ବିସ୍ତୃତ ଏକ ପୂର୍ଣ୍ଣ ଜଳାଶୟ ଏବେ ଶୁଖିଲା ପଡ଼ିଛି। ଏହି ଜଳାଶୟ ଉପରେ ନିର୍ଭର କରୁଥିବା ପ୍ରାୟ ୫୦୦୦ ଲୋକ ଏବେ ନିତ୍ୟବ୍ୟବହାର, ପନିପରିବା ଚାଷ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଜଳାଶୟର ପୁନରୁଦ୍ଧାର ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ହେଁ ଠିକାଦାର ଅଧା କାମ କରି ୨ କୋଟି ଟଙ୍କା ଉଠାଇ ଛୁ ମାରିଛି। ଫଳରେ ଅବଶିଷ୍ଟ ଟଙ୍କା ଫେରିଯାଇଛି ଓ ଜଳାଶୟ କାମ ଅସମ୍ପୂର୍ଣ୍ଣ ରହିଛି। ଏହି ଜଳାଶୟ କାମ ଶେଷ କରାଯିବାକୁ ଦାବି ହେଉଛି। ଉକ୍ତ ଜଳାଶ୍ରୟଟି ଆଜି କିମ୍ବା କାଲିର ନୁହେଁ। ପ୍ରାୟ ୫୦/୬୦ ବର୍ଷର ଜଳାଶ୍ରୟ। ପ୍ରାକୃତିକ ଝରଣା ସାଙ୍ଗକୁ ବର୍ଷା ପାଣି ଦ୍ୱାରା ପରିପୂର୍ଣ୍ଣ ଜଳାଶୟ ଉପରେ କମାର ଯୋଡ଼ା, ବାଂଶପାଣି, ଭୂୟାଁ ବସ୍ତି ଅଞ୍ଚଳର ପ୍ରାୟ ୫୦୦୦ରୁ ୭୦୦୦ ଲୋକ ଦୈନିକ ଗାଧୁଆ ନିମନ୍ତେ ବ୍ୟବହାର କରିବା, ବାହାଘର, ବ୍ରତଘର, ଶୁଦ୍ଧିକ୍ରିୟା ନିମନ୍ତେ ବ୍ୟବହାର କରିବା ସହ ନିକଟରେ ଥିବା ଭୂୟାଁ ବସ୍ତିର ଲୋକେ ଜଳାଶୟ ପାଣିକୁ ପନିପରିବା, ଧାନଚାଷରେ ବ୍ୟବହାର କରନ୍ତି। ଟାଟା କମ୍ପାନୀ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇ କିଛି ବର୍ଷ ବ୍ୟବଧାନରେ ପୁନରୁଦ୍ଧାର କରି ଆସୁଥିଲା। ତେବେ ୨୦୧୬ରେ ଉକ୍ତ ଜଳାଶ୍ରୟର ନବୀକରଣ ପାଇଁ ସରକାରୀ ଯୋଜନାରେ ସାମିଲ କରାଯାଇ ଓଡ଼ିଶା ଖଣିଜ ବିୟରିଂ ଏରିଆ ଡେଭେଲପମେଣ୍ଟ ସୋସାଇଟିରୁ ୬.୩୧ କୋଟି ଟଙ୍କା ଆବଣ୍ଟିତ ହୋଇ ଇ-ଟେଣ୍ଡର ମାଧ୍ୟମରେ କଟକର ଠିକାଦାର ହରି ସ୍ୱାଇଁ କାର୍ଯ୍ୟାଦେଶ ପାଇ କାମ ଆରମ୍ଭ କରିଥିଲେ। ଉକ୍ତ ଜଳାଶୟର ନବୀକରଣ ସାଙ୍ଗକୁ ଜଳାଶୟର ଚାରି ପାର୍ଶ୍ୱରେ ସୁନ୍ଦର ବଗିଚା ସହ ଆଲୋକ ବ୍ୟବସ୍ଥା କରାଯିବାକୁ ଥିବାବେଳେ ଠିକାଦାର ୬ ମାସ ଭିତରେ କେବଳ ଜଳାଶୟରୁ ମାଟି ଓ ପଙ୍କ ଉଦ୍ଧାର କରି ୨ କୋଟି ଟଙ୍କା ଉଠାଇ ଛୁ ମାରିବା ଓ ପରେ କାର୍ଯ୍ୟ ନ କରିବାରୁ କାର୍ଯ୍ୟ ଅବଧି ଶେଷ ହୋଇଯାଇଥିଲା। ବାକି ଥିବା ୪ କୋଟି ଟଙ୍କା ଫେରିଯାଇଥିଲା। ଯଦ୍ୱାରା ବ୍ୟବହାରଯୋଗ୍ୟ ଜଳାଶୟଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଆଜି ପଡ଼ିରହିଛି। ଏ ନେଇ କମାର ଯୋଡ଼ାବାସୀ ବାରମ୍ବାର ପୌରପାଳିକାର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ପୁନରୁଦ୍ଧାର ହୋଇପାରିଲେ ପାଖାପାଖି ୫୦୦୦ରୁ ୭୦୦୦ ଲୋକ ପୁଣି ଏହାକୁ ବ୍ୟବହାର କରିପାରିବେ ବୋଲି କମାର ଯୋଡ଼ା ଅଞ୍ଚଳର ରାମଚନ୍ଦ୍ର ପାତ୍ର, କରୁଣାକର ପାତ୍ର, ବରୁଣ ଆପଟ, କାଳୀପଦ ଆପଟ, ବଳରାମ ଆପଟ, ଶୁଭେନ୍ଦୁ ମିଶ୍ର, ରମା ପାତ୍ର, ଶ୍ୟାମ ପାତ୍ର ପ୍ରମୁଖ କହିଛନ୍ତି।



କାମ ନ ହୋଇ ଫେରିଗଲା ଟଙ୍କା

▶▶ ବୈଧ ମାପ ବିଜ୍ଞାନ ବିଭାଗ ପକ୍ଷରୁ ହେଉନି ରେନ୍ୟୁ

# ସାପ୍ତାହିକ ହାଟରେ ଖାଉଟି ଓଜନରେ ଠକେଇର ଶିକାର

ଚମ୍ପୁଆ,୨୪।୧୧(ସମିସ): ଚମ୍ପୁଆ ବ୍ଲକ୍ ଅଧୀନସ୍ଥ ବିଭିନ୍ନ ପଞ୍ଚାୟତରେ ହେଉଥିବା ସାପ୍ତାହିକ ହାଟ ପଞ୍ଚାୟତବାସୀଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଠାରୁ ପନିପରିବା ପର୍ଯ୍ୟନ୍ତ ଆବଶ୍ୟକତା ପୂରଣ କରୁଛି। ତେବେ ଓଜନ ମାପ କ୍ଷେତ୍ରରେ ଖାଉଟି ଠକେଇର ସମ୍ମୁଖୀନ ହେଉଛନ୍ତି। ବୈଧ ମାପ ବିଜ୍ଞାନ ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ହେଉ ନ ଥିବାରୁ ଖାଉଟି ଠକେଇର ଶିକାର ହେଉଥିବା ଅଭିଯୋଗ ହେଉଛି। ସପ୍ତାହିକ ହାଟରେ କେତେକ ବ୍ୟବସାୟୀ ନୂତନ ଇଲେକ୍ଟ୍ରନିକ୍ସ ଓଜନ ମାପ କଣ୍ଟା ବ୍ୟବହାର କରୁଥିବାବେଳେ କେତେକ ପୂର୍ବରୁ ପ୍ରଚଳିତ ହୋଇଆସୁଥିବା ସାଧାରଣ ନିକିତିକୁ ବ୍ୟବହାର କରିଆସୁଛନ୍ତି। ଫଳରେ ଓଜନ ମାପରେ ବ୍ୟାପକ ଠକେଇ ହେଉଛି। ଏପରିକି ବେପାରୀ ମାନେ ବଟକରା ରେନ୍ୟୁ କରୁନଥିବା ତଥା ରେନ୍ୟୁ ବଟକରାକୁ ବ୍ୟବହାର ନ କରି ବ୍ୟବସାୟ ପସରା ମେଲାଇ ଚାଲିଛନ୍ତି। ଚମ୍ପୁଆ ବ୍ଲକ୍ ଅଧୀନରେ ଥିବା ୨୨ଟି ପଞ୍ଚାୟତରେ ପ୍ରାୟତଃ ସପ୍ତାହକୁ ଗୋଟାଏ ବା ଦୁଇଦିନ ଧରି ହାଟ ବସିଥାଏ। ଏହି ହାଟରେ ପନିପରିବାଠାରୁ ଆରମ୍ଭ କରି କୁକୁଡା, ବତକ, ଧାନ, ଚାଉଳ ଓ ଗ୍ରୋସରୀ ସାମଗ୍ରୀ ବିକ୍ରି ହୋଇଥାଏ। ଗ୍ରାହକ ବା ଖାଉଟି ସପ୍ତାହର ଆବଶ୍ୟକତାକୁ ଲକ୍ଷ୍ୟ କରି ଆବଶ୍ୟକ ସାମଗ୍ରୀ ହାଟରୁ ପ୍ରାୟତଃ କ୍ରୟ କରିଥା'ନ୍ତି। ଫଳରେ ଏମାନେ ବହୁ ସମୟରେ ଠକାମିର ଶିକାର ହୋଇଥା'ନ୍ତି। ବିକ୍ରେତାଙ୍କ ପ୍ରତି କୌଣସି ଅଙ୍କୁଶ ନ ଥିବାରୁ ଅନ୍ୟାୟସରେ ସେମାନେ ଗ୍ରାହକଙ୍କୁ ଠକି ଚାଲିଛନ୍ତି। ଏ ନେଇ ବୈଧ ମାପ ବିଜ୍ଞାନ ବିଭାଗ ସହକାରୀ ନିୟନ୍ତ୍ରକ ଉତ୍କଳ କେଶରୀ ମହାନ୍ତିଙ୍କୁ ପଚାରିବାରୁ ଆଗାମୀ ଦିନରେ ଏହା ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତ ଦେଇଛନ୍ତି।



## ସମସ୍ତ ପ୍ରସ୍ତୁତି ସତ୍ତ୍ୱେ ଆସିଲେନି ମୁଖ୍ୟମନ୍ତ୍ରୀ

# ଫିକା ପଡ଼ିଲା ବିଦ୍ୟାଳୟ ପ୍ଲାଟିନମ ଜୁବୁଲି

ଆନନ୍ଦପୁର,୨୪।୧୧(ସମିସ):





ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲେ ହେଁ ଶେଷ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନ ଆସିବାରୁ କେନ୍ଦୁଝର ଜିଲ୍ଲା ଅଳତାପୁରରେ ଅବସ୍ଥିତ ଦରିଦ୍ରନାରାୟଣ ଉଚ୍ଚବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବ ଫିକା ପଡ଼ିଯାଇଛି। ଏହି ଉତ୍ସବ ପାଇଁ ସମସ୍ତ ପ୍ରକାର ପ୍ରଶାସନିକ ପ୍ରସ୍ତୁତି ସରିଥିଲେ ମଧ ଶେଷ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ବାତିଲ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ତେବେ କେଉଁ କାରଣରୁ ଏହି ଉଦଯାପନ ଉତ୍ସବକୁ ମୁଖ୍ୟମନ୍ତ୍ରୀ ଆସିଲେ ନାହିଁ ସେନେଇ କୌଣସି ସ୍ପଷ୍ଟ କାରଣ ଜଣାପଡ଼ିନାହିଁ। ରାମଚନ୍ଦ୍ରପୁରଠାରେ ହେଲିପ୍ୟାଡ୍ ଅପେକ୍ଷାର ମୂକସାକ୍ଷୀ ହୋଇଯାଇଛ। ତେବେ ପ୍ଲାଟିନମ ଜୁବୁଲି କାର୍ଯ୍ୟକ୍ରମକୁ ରାଜନୈତିକ କରଣ ନାଁ ସଭାରେ ଲୋକ ନ ହେବା ପରିସ୍ଥିତି ନା ଆୟୋଜକ କମିଟିର ଯୋଗାସୂତ୍ର ଅଭାବ ଯୋଗୁଁ ଏପରି ଭଣ୍ଡୁର ପରିସ୍ଥିତି ହେଲା, ସେନେଇ ବିଭିନ୍ନ ମହଲରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଉଛି। ଅପେକ୍ଷାର ଅନ୍ତ ଘଟିବା ପରେ ରାତି ୮ଟା ପରେ ଉଦଯାପନୀ ଉତ୍ସବ ଆୟୋଜିତ ହୋଇଥିବା ଜଣାପଡ଼ିଛି।

ତେବେ ଦରିଦ୍ରନାରାୟଣ ଉଚ୍ଚବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ସେ କହିଥିଲେ, ଦରିଦ୍ରନାରାୟଣ ଉଚ୍ଚବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନ ଆମ ଶିକ୍ଷା ବ୍ୟବସ୍ଥାକୁ ସୁଧାରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ଏଥିଏକ ମଣିଷ ତିଆରି କାରଖାନା ଏବଂ ମଣିଷ ତିଆରି କରିବା କେବଳ ଶିକ୍ଷକଙ୍କ ନୁହେଁ, ସମସ୍ତଙ୍କର ଦାୟିତ୍ୱ ବ୍ୟକ୍ତି ନିର୍ମାଣ ଦ୍ୱାରା ରାଷ୍ଟ୍ର ସମ୍ଭବ। ତେଣୁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଗଢ଼ି ତୋଳିବା ପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ଅନେକ ଯୋଜନା ହାତକୁ ନେଇଛନ୍ତି। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା। ଏହି ବିଦ୍ୟାଳୟରେ ଅନେକ ସମସ୍ୟା ରହିଛି। କେନ୍ଦୁଝରେ ଅନେକ ଦେଇଛି, କିନ୍ତୁ କିଛି ପାଉନି। ଅନ୍ୟତମ ଅତିଥି ଭାବେ ପୁରାତନ ଛାତ୍ର ସଂସଦର ସଭାପତି ସମାଜସେବୀ ପ୍ରଭାତ ବରାଳ ଯୋଗ ଦେଇଥିଲେ। ଦରିଦ୍ରନାରାୟଣ ଉଚ୍ଚବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଏକ ଉଜ୍ଜ୍ୱଳ ତାରକା। ପୁରାତନ ଛାତ୍ର କିଶୋର ଦାସ ୨୫ ଲକ୍ଷ ଟଙ୍କା ଦାନ କରିଥିବାବେଳେ ସୁରଜ କୁମାର ଦାଶ ତାଙ୍କ ବାପା ସ୍ୱର୍ଗତ ଗୋଲକ ବିହାରୀ ଦାଶଙ୍କ ସ୍ମୃତିରେ ଏକଲକ୍ଷ ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରିବାକୁ ଘୋଷଣା କରିଥିଲେ। ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଜେନା ବିବରଣୀ ପାଠ କରିବା ସହ ସ୍କୁଲର ସଫଳତା ଓ ସମସ୍ୟା ସମ୍ପର୍କରେ ମୁଖ୍ୟଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଷ୍ଣୁ ନାରାୟଣ ସାମଲ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଶାପୁରିରେ ଶିଶୁ ମହୋତ୍ସବ




ଆନନ୍ଦପୁର, ୨୪।୧୧(ସମିସ): ଘସିପୁରା ବ୍ଲକ ବାଉଁଶୁଳିଦେଇପୁର ଗ୍ରାମରେ ଭିଆରଓ ସଂସ୍ଥା ପକ୍ଷରୁ ଆଞ୍ଚଳିକ ସ୍ତରରେ କାର୍ଯ୍ୟରତ ଗ୍ରାମ ପୁନଃନିର୍ମାଣ ସଂସ୍ଥା ଆଶାପୁରି ଦ୍ୱାରା ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଦ୍ରିତା ମିଶ୍ର, କୋମଳ ଅଗ୍ରୱାଲ ମୁଖ୍ୟଅତିଥି, ଫାଦର ଜର୍ଜ ଆଛୋନି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ମହୋତ୍ସବର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ୮୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା, ସଂଗୀତ, ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଶେଷରେ ମୁଖ୍ୟଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କେନ୍ଦ୍ର ପରିଚାଳକ ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ।

## ବ୍ୟାଙ୍କରୁ ଟଙ୍କା ନ ମିଳିବାରୁ ଯୁବକଙ୍କ ଉନ୍ମତ୍ତକାଣ୍ଡ

ବଡ଼ବିଲ,୨୪।୧୧(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଭଦ୍ରାସାହିଠାରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ଟଙ୍କା ଉଠାଇବାକୁ ଆସି ଟଙ୍କା ନ ମିଳିବାରୁ ବ୍ୟାଙ୍କ ପରିସରରେ ଉନ୍ମତ୍ତକାଣ୍ଡ ଭିଆଇଛନ୍ତି ଯୁବକ। ଗରୁଡ଼ି ଥାନା ଅନ୍ତର୍ଗତ ଭୂଇଁଗୋଗୋଡା ଗ୍ରାମର ଦେବ ଆପଟ ଭଦ୍ରାସାହିଠାରେ ଥିବା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାକୁ ଟଙ୍କା ଉଠାଇବାକୁ ଯାଇଥିଲେ। ସେଠାରେ ବ୍ୟାଙ୍କ କର୍ମଚାରୀ ତାଙ୍କୁ ଅଧ ଘଣ୍ଟା ଅପେକ୍ଷା କରାଇବା ପରେ ଟଙ୍କା ନାହିଁ କହିବାରୁ ଯୁବକ ଜଣକ ଉତ୍ତେଜିତ ହୋଇ ସେଠାରେ ଥିବା ଏକ ଚେଳଚା ସାହାଯ୍ୟରେ ବ୍ୟାଙ୍କରେ ଲାଗିଥିବା କମ୍ପ୍ୟୁଟର ଓ କାଚଗୁଡ଼ିକୁ ଭାଙ୍ଗିଚୁରି କରିବା ସହ ବ୍ୟାଙ୍କରେ ଥିବା ଗ୍ରାହକଙ୍କୁ ଭୟଭୀତ କରିଥିଲେ। ଏହି ଘଟଣାରେ ଜଣେ ମହିଳା କର୍ମଚାରୀ ସମେତ ଦୁଇଜଣ ଆହତ ହୋଇଥିବାବେଳେ ଉକ୍ତ ଯୁବକ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ଖବର ପାଇ ବଡ଼ବିଲ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକକୁ କାବୁ କରି ତାଙ୍କୁ ଚିକିତ୍ସା ପାଇଁ ବଡ଼ବିଲ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଚଳାଇଥିବା ଜଣାପଡିଛି।

## ସତ୍ୟସାଇ ବାବାଙ୍କ ଶହେତମ ଜୟନ୍ତୀ ପାଳିତ

ଆନନ୍ଦପୁର,୨୪।୧୧ (ସମିସ): ଆନନ୍ଦପୁର ସତ୍ୟସାଇ ସେବା ସମିତି ପକ୍ଷରୁ ଶହେତମ ଜୟନ୍ତୀ ଭାବଭକ୍ତିରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସମିତିର ଆବାହକ ନିତ୍ୟାନନ୍ଦ ସାମଲଙ୍କ ତତ୍ତ୍ୱାବଧାନରେ ଶହେ ପରିବାରରେ ଭଜନ କରାଯାଇ ଅର୍ପଣ କରାଯାଇଥିଲା। ରବିବାର ପ୍ରତ୍ୟୁଷରୁ ନଗର ସଂକୀର୍ତ୍ତନ ପରେ ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇଥିଲା। ମନ୍ଦିରରେ ଷୋଡଶ ଉପଚାର ପୂଜା ପରେ ଆନନ୍ଦପୁର ଡାକ୍ତରଖାନାରେ ରୋଗୀ ଓ କାରାଗାରରେ ବନ୍ଦୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପୂର୍ବାହ୍ନରେ ନାରାୟଣ ସେବା ଓ ବସ୍ତ୍ର ବଣ୍ଟନ ପରେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ସନ୍ଧ୍ୟାରେ ସମୂହ ଭଜନ ଓ ସତସଙ୍ଗରେ ଡାକ୍ତର ଶିଶିର କୁମାର ଦାସ ବାବାଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରମୋଦ ରାଜ ତନୁଶ କୁମାର ବାରିକ ଦିଲୀପ ଧଳ ଅସିତକୁମାର ନାୟକ ନନ୍ଦକିଶୋର ଦଳେଇ ହାଡିବନ୍ଧୁ ସି ତପନ କୁମାର ବେହେରା ସୁରେଶ କୁମାର ପୃଷ୍ଟି ପ୍ରଦୀପ୍ତ କୁମାର ଦାଶ ସତ୍ୟରଞ୍ଜନ ନାୟକ ବିଶ୍ୱନାଥ ନାୟକ ପୂର୍ଣଚନ୍ଦ୍ର ମିଶ୍ର ରାଜେନ୍ଦ୍ର ସାହୁ ଗୋପରଞ୍ଜନ ପାଣିମନରଞ୍ଜନ ପାତ୍ର ଦୟାନିଧି ନାୟକ ସହଯୋଗ କରିଥିଲେ।

## ଶିକ୍ଷୟିତ୍ରୀଙ୍କ ବିରୋଧରେ ଜାଲ ସହ କର୍ମଚାରୀଙ୍କ ଅଭିଯୋଗ ବିଭ୍ରାନ୍ତିକର ଓ ତ୍ରୁଟିପୂର୍ଣ୍ଣ

ଠାକୁରମୁଣ୍ଡା, ୨୪।୧୧(ସମିସ): ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ପଞ୍ଚାୟତ ନୂଆଗାଁ ସ୍ଥିତ ଆରଏନ ଉଚ୍ଚ ବାଳିକା ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ସାହୁଙ୍କ ବିରୋଧରେ ନିଜ ସହଯୋଗୀ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଆଣିଥିବା ଅଭିଯୋଗ ବିଭ୍ରାନ୍ତିକର ଏବଂ ତ୍ରୁଟିପୂର୍ଣ୍ଣ ବୋଲି ଜଣାପଡିଛି। କିଛିଦିନ ପୂର୍ବରୁ ନିଜକୁ ସହ ଶିକ୍ଷକ ଦାବି କରି କାହ୍ନୁ ପଣ୍ଡା ଆଣିଥିବା ସମସ୍ତ ଅଭିଯୋଗକୁ ଶିକ୍ଷୟିତ୍ରୀ ପ୍ରମିଳା ସାହୁ ମଧ ଖଣ୍ଡନ କରିଛନ୍ତି। ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ଦେ ଏବଂ ସହକାରୀ ଶିକ୍ଷକ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ମଦନ ମୋହନ ପତିଙ୍କ ଉପସ୍ଥିତିରେ କାହ୍ନୁ ପଣ୍ଡା ଶିକ୍ଷୟିତ୍ରୀ ପ୍ରମିଳା ସାହୁଙ୍କ ବିରୋଧରେ ଆଣିଥିବା ଅଭିଯୋଗ ପଛରେ ସେମାନଙ୍କର ମନ୍ଦ ଉଦ୍ଦେଶ୍ୟ ଥିବା ପ୍ରମାଣ କରୁଛି। ପ୍ରମିଳା ସାହୁଙ୍କ କହିବାନୁଯାୟୀ ଯେଉଁ ଶିକ୍ଷକମାନେ ଏହି ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି, ସେମାନେ ନିଜର ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପାଇଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷକଙ୍କ ଉପସ୍ଥିତିରେ ପ୍ରମିଳା ସାହୁ ଶିକ୍ଷକଙ୍କ ନିଯୁକ୍ତିରେ ବ୍ୟାପକ ଅର୍ଥ ବାଟମାରଣା କରିବା ଏବଂ ବିଦ୍ୟାଳୟର ସମସ୍ତ ରେକର୍ଡ ପତ୍ରରେ ଜାଲିଆତି କରିଥିବା ଅଭିଯୋଗ କେବଳ ବିଭ୍ରାନ୍ତିକର ଏବଂ ତ୍ରୁଟିପୂର୍ଣ୍ଣ। କାହ୍ନୁ ପଣ୍ଡା ଚାକିରି ପାଇଁ ବିଦ୍ୟାଳୟକୁ ଆବେଦନ କରିଥିଲେ; ମାତ୍ର ତାଙ୍କର ବିଏସସିରେ ଗଣିତ ନ ଥିବାରୁ ନିଯୁକ୍ତି ଦିଆଯାଇନାହିଁ ଏବଂ ତାଙ୍କ ଦାବି ଅମୂଳକ। ପ୍ରମିଳାଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଅନୁଦାନ ଦେଇଥିବା ଦାବି ଉଦ୍ଭଟ ଏବଂ କପୋଳକଳ୍ପିତ। ପୂର୍ବରୁ ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପଛରେ କୌଣସି ଠିକ ତଥ୍ୟ ଯୋଗାଇବାରେ କାହ୍ନୁ ପଣ୍ଡା ଏବଂ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିବା କର୍ମଚାରୀ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି।

## କଳାବ୍ୟାଜ ପିନ୍ଧି ରୋଗୀସେବା କଲେ ଡାକ୍ତର




ବାରିପଦା, ୨୪।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରମାନେ କଳା ବ୍ୟାଜ ପିନ୍ଧି ବିରୋଧ କରିବା ସହିତ ରୋଗୀସେବା କରୁଛନ୍ତି। ଦେଢ଼ ବର୍ଷ ଧରି ରାଜ୍ୟ ସରକାରଙ୍କୁ ନିଜ ୧୮ ଦଫା ଦାବି ଜଣେଇଥିଲେ ସୁଦ୍ଧା ପୂରଣ ହେଉନାହିଁ। ଏହାକୁ ବିରୋଧ କରି ଡାକ୍ତରମାନେ ସୋମବାର କଳା ବ୍ୟାଜ ପିନ୍ଧି ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଚିକିତ୍ସା କରିଛନ୍ତି। ମୁଖ୍ୟ ଦାବୀ ଗୁଡ଼ିକ ମଧ୍ୟରେ କେନ୍ଦ୍ରୀୟ ହାରରେ ବେତନ ବୃଦ୍ଧି, ରୋଗୀ ସେବା ବେଳେ ସୁରକ୍ଷା ପ୍ରଦାନ, ନିୟମ ଅନୁସାରେ ଠିକ୍ ସମୟରେ ପ୍ରମୋଶନ୍ ସହିତ ଦନ୍ତ ଚିକିତ୍ସକଙ୍କୁ ପ୍ରବୀଣ ଡାକ୍ତରଙ୍କ ସୂଚୀରେ ସାମିଲ କରିବା ଇତ୍ୟାଦି ରହିଛି। ଆଗକୁ ସରକାର ଦାବୀ ପୂରଣ ନକଲେ ଡାକ୍ତର ମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେପଟେ ଡାକ୍ତରଙ୍କ ଦାବି ଗୁଡ଼ିକୁ ଯୁକ୍ତିଯୁକ୍ତ କହି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିରୋଧ ପ୍ରଦର୍ଶନରେ ସାମିଲ ହୋଇଥିଲେ।

## ପୋଚ ନଷ୍ଟ, ମହୁଲି ମଦ ଜବତ; ୨ ଗିରଫ



ମହୁଲଡିହା,୨୪।୧୧(ସମିସ): ଠାକୁରମୁଣ୍ଡା ଅବକାରୀ ଥାନା ଅଧିନସ୍ଥ ଏକାଧିକ ଗ୍ରାମରେ ସୋମବାର ଚଢ଼ଉ କରି ୧୫୨ ଲିଟର ମହୁଲି ଜବତ କରିବା ସହ ୫୩ କ୍ୱିଣ୍ଟାଲ ପୋଚ ନଷ୍ଟ କରିଛି ଅବକାରୀ ବିଭାଗ। ଠାକୁରମୁଣ୍ଡା ଓ କରଞ୍ଜିଆ ଅବକାରୀ ଥାନାର ସମସ୍ତ କର୍ମଚାରୀ ମିଳିତ ଭାବେ ହାତୀଗୋଡା, ପୁରୁଣାପାଣି ଓ ନୁଆସାହି ଗ୍ରାମରେ ଚଢ଼ଉ କରିଥିଲେ। ହାତୀଗୋଡା ଗ୍ରାମର ମାଙ୍ଗୁରାମ ବାନ୍ଦିଆ (୬୫) ନିକଟରୁ ୧୩ ଲିଟର ମହୁଲି, ଅନ୍ୟ ଜଣେ ମହିଳା ଫୁଲ ମାଝୀ(୩୭) ନିକଟରୁ୧୪ ଲିଟରମହୁଲିଜବତ ହୋଇଛି। ସେହିପରି ପୁରୁଣାପାଣି ନଦୀ କୂଳରୁ ୨୧୦୦ କିଗ୍ରା. ମହୁଳ ପୋଚ ନଷ୍ଟ ଓ ୫୦ ଲିଟର ଏବଂ ଦିଗଧର ଗ୍ରାମପଞ୍ଚାୟତ ନୂଆସାହି ଗ୍ରାମରୁ ୭୫ ଲିଟର ମହୁଲି ସହ ୩୨୦୦ କିଗ୍ରା ପୋଚ ନଷ୍ଟ ବିନା ଆସାମୀରେ ଜବତ କରିଥିଲେ। ଅବକାରୀ ବିଭାଗ ଏକ ମାମଲା ରୁଜୁକରି ୨ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସରକାରୀ ସହାୟତାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ

ଖୁଣ୍ଟ, ୨୪।୧୧(ସମିସ): ଦୁଇ ବଖରା ମାଟି କାନ୍ଥ ଉପରେ ହୋଇଛି ଟାଇଲ ଛାଉଣୀ। ସେଇ ଭଙ୍ଗାଦଦରା ଘରେ ରୋଷେଇ, ଖିଆପିଆ, ଶୁଆବସା ଏବଂ ଗାଈ, ଛେଳିଙ୍କ ପାଇଁ ଗୁହାଳ। ବର୍ଷା ଦିନେ ଚାଳରୁ ପାଣି ଗଳୁ ଥିବାରୁ ରୋଷେଣ ପ୍ରାୟ ବନ୍ଦ ହୁଏ। ଏମିତି ବିପଦ ସଂକୁଳ ଅବସ୍ଥାରେ ଥିବା



ବାସଗୃହରେ ଦୟନୀୟ ଜୀବନ ବିତାଉଛନ୍ତି ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକ ଅନ୍ତର୍ଗତ ଘିଖଲି ଗ୍ରାମର ପ୍ରବୀଣ କୁମାର ମୁଖୀ (୫୮)ଙ୍କ ତିନି ପ୍ରାଣୀ କୁଟୁମ୍ବ। ପ୍ରଧାନମନ୍ତ୍ରୀ ଅନ୍ତୋଦ୍ୟୟ ଯୋଜନାରେ ମାସକୁ ମିଳେ ୩୫ କିଲୋ ଚାଉଳ। ନିଜସ୍ୱ ଚାଷ ଜମି ୨୦ ଡେସିମିଲରୁ କମ। ଶାରିରିକ ଅସୁସ୍ଥତା କାରଣରୁ କାମଧନ୍ଦା କରି ରୋଜଗାର କରିବାକୁ ସମ୍ପୂର୍ଣ୍ଣ ଅସାମର୍ଥ୍ୟ ଯୋଗୁଁ ପାରିବାରିକ ଭରଣ ପୋଷଣ ପାଇଁ ଧାର କରଜ କରି ଅନେକ ଦିନରୁ ଆରମ୍ଭ କରିଛନ୍ତି ଛେଳି ସହିତ ଗୋ ପାଳନ। ବର୍ତ୍ତମାନ ଏହି ପ୍ରାଣୀ ସମ୍ପଦ ସଂଖ୍ୟା ୫୦ ପହଞ୍ଚିଲାଣି। ଅତ୍ୟନ୍ତ ପରିତାପର ବିଷୟ, ଦରିଦ୍ର ହରିଜନ ସମ୍ପ୍ରଦାୟର ଜଣେ ଯୋଗ୍ୟ ହିତାଧିକାରୀ ହୋଇଥିଲେ ବି ଆଜି ପର୍ଯ୍ୟନ୍ତ ତାଙ୍କ ନାମକୁ ଆବାସ ଯୋଜନା କିମ୍ବା 'ମୋ ଗୁହାଳ'ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ ବୋଲି ସେ ଅତ୍ୟନ୍ତ ଦୁଃଖର ସହିତ ପ୍ରକାଶ କରିଛନ୍ତି। ସ୍ଥାନୀୟ ବ୍ଲକ ପ୍ରଶାସନ ଏହି ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ତରଫରୁ ଦାବି ହେଉଛି।

## ଗାଁ ସାଥୀ ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର ପ୍ରଦାନ



ତୁରୁମୁଙ୍ଗା,୨୪।୧୧(ସମିସ): ପାଟଣା ଗାଁ ସାଥୀ(ମେଟ୍) ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମନରେଗା କାର୍ଯ୍ୟର ସୁପରିଚାଳନା ନିମନ୍ତେ ବାର୍ଷିକ ସାକ୍ଷାତ ଓ ଆଲୋଚନାଚକ୍ର ସୋମବାର ପାଟଣା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ କରିବା, ପ୍ରତି ଗାଁ ସାଥି ମେଟଙ୍କୁ ମାସିକ ୨୦ ଦିନରୁ ଉର୍ଦ୍ଧ୍ୱ କାର୍ଯ୍ୟ ଯୋଗାଇବା, ସରକାରଙ୍କ ତରଫରୁ ମେଟ୍‌ଙ୍କୁ ପରିଚୟ ପତ୍ର ପ୍ରଦାନ, ଏନ୍‌ଏମ୍‌ଏମ୍‌ଏସ୍‌ର ସଦ୍ ଉପଯୋଗ ଆଦି ୭ ଦଫା ଦାବି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗାଁ ସାଥି ମେଟ୍ ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲ୍ଲା ଉପଦେଷ୍ଟା ଅଜିତ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ପାଟଣା ବ୍ଲକ ଏପିଇଓ ଦୀପକ ବେହେରା ଯୋଗଦେଇ ବ୍ଲକ ପ୍ରଶାସନ ତରଫରୁ ଗାଁ ସାଥି ମେଟ୍‌ଙ୍କ ଦାବି କିପରି ସମାଧାନ ହୋଇପାରିବ, ସେ ସଂପର୍କରେ ଆଲୋଚନା କରିଥିଲେ। ପାଟଣା ବନ ବିଭାଗ କାର୍ଯ୍ୟାଳୟର ପ୍ରତିନିଧି ଶ୍ରୀ ପାତ୍ର ଯୋଗଦେଇ ବନବିଭାଗ ପକ୍ଷରୁ ସମସ୍ତ ମନରେଗା କାର୍ଯ୍ୟରେ ମେଟ୍‌ଙ୍କୁ କିପରି ନିୟୋଜିତ କରାଯିବ ସେ ସମ୍ପର୍କରେ ଉପରସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ବୋଲି ପ୍ରକାଶ କରିଥିଲେ। ଏଥିରେ ପାଟଣା ବିଧାୟକଙ୍କ ପାଟଣା ବ୍ଲକ ମନରେଗା ପ୍ରତିନିଧି ମୋହନ ମହାନ୍ତ, ଝୁମ୍ପୁରା ବ୍ଲକ ପ୍ରତିନିଧି ମାଟୁରାମ ମୁଣ୍ଡା, ସାହାରପଡା ବ୍ଲକ ପ୍ରତିନିଧି ମାନସ ପଣ୍ଡା, ବ୍ଲକ ସଭାପତି ଅର୍ଜୁନ ଚରଣ ସେଠୀ, ଉପସଭାପତି ଦାଶରଥି ନାଏକ, ୨୧ନଂ ଜୋନ ପ୍ରମୁଖ ରମେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## ବଡ଼ଖମଣ ହାଇସ୍କୁଲରେ ତାଲା



ଉଦଳା,୨୪।୧୧(ସମିସ): ସୋମବାର ବଡ଼ଖମଣ ହାଇସ୍କୁଲ ଫାଟକରେ ଅଭିଭାବକ ଓ ଛାତ୍ରଛାତ୍ରୀ ତାଲା ପକାଇଥିଲେ। ସୂଚନା ମୁତାବକ କିଛି ଦିନ ପୂର୍ବରୁ ଇଂରାଜୀ ଶିକ୍ଷକଙ୍କ ପାଠପଢାକୁ ନେଇ କପ୍ତିପଦା ଉପଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଆଧାରରେ ଇଂରାଜୀ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିଲା। ବଡ଼ଖମଣ ହାଇସ୍କୁଲରେ ଇଂରାଜୀ ଶିକ୍ଷକ ଏବଂ ପ୍ରଧାନ ଶିକ୍ଷକ କେହି ନ ଥିବା କାରଣରୁ ଅଭିଭାବକ ଓ ଛାତ୍ରଛାତ୍ରୀ ଆଜି ଫାଟକରେ ତାଲା ପକାଇଥିଲେ। ଉଦଳା ଏବିଓ ମିନତୀ ମଞ୍ଜରୀ ପଣ୍ଡା ପହଞ୍ଚିବା ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯିବ ପ୍ରତିଶ୍ରୁତି ଦେବା ପରେ ତାଲା ଖୋଲିଥିଲା।

## ଶାଗୁଆନ ପଟା ବୋଝେଇ ପିକଅପ ଜବତ; ଜଣେ ଗିରଫ

କରଞ୍ଜିଆ, ୨୪।୧୧(ସମିସ): କରଞ୍ଜିଆ ଫରେଷ୍ଟର ସୁରମୋହନ ବେହେରାଙ୍କ ନେତୃତ୍ୱରେ ବନବିଭାଗର ଏକ ଟିମ କରଞ୍ଜିଆ ସହରର ଘୋଡାଘାଗୁରି ଛକ ନିକଟରୁ ଏକ ଚୋରା ପିଆଶାଳ ପଟା ବୋଝେଇ ପିକଅପ ଜବତ କରିବା ସହିତ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ଝାଡ଼ଖଣ୍ଡ ରାଜ୍ୟର ମଝିଗାଁ କୋଲପୋଷ ଅଞ୍ଚଳରୁ ଏକ ପିକଅପରେ କରଞ୍ଜିଆ ଅଞ୍ଚଳକୁ ଚୋରା କାଠ ଚାଲାଣ ହେଉଥିବା ବେଳେ ଅତର୍କିତ ଚଢ଼ଉ କରାଯାଇଥିଲା। ପରେ ଗାଡିରୁ ୪୧ ଖଣ୍ଡ ଶାଗୁଆନ ପଟା ସହିତ ଗାଡିକୁ ଜବତ କରାଯାଇଛି। ଚାଳକ ଓ ହେଲପର ଫେରାର ହୋଇଯାଇଥିବା ବେଳେ ଚୋରା କାଠ ଚାଲାଣ କାରୀ ଫାୟାଜ ହୁସେନକୁ ଅଟକ ରଖି ପଚରାଉଚରା ଚାଲିଛି। ଜବତ କାଠର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଫରେଷ୍ଟର ସୁରମୋହନ ବେହେରା ସୂଚନା ଦେଇଛନ୍ତି।

### ● ରେଳପଥ ନିର୍ମାଣ ପାଇଁ ୫୦ରୁ ଉର୍ଦ୍ଧ୍ୱ ପରିବାର ବେଘର

## ଥଇଥାନ ଦାବିରେ ଉଚ୍ଛଡିହାରେ ବୈଠକ

କଳାବାଡିଆ, ୨୪।୧୧(ସମିସ): ବୁଢାମରା-ଚାକୁଳିଆ ରେଳ ସଂଯୋଗ ପାଇଁ ବାଙ୍ଗିରିପୋଷି ଥାନା ବୁଢାମରା, ଉଚ୍ଛଡିହା ଗ୍ରାମବାସୀଙ୍କ ୫୦ରୁ ଉର୍ଦ୍ଧ୍ୱ ଭଙ୍ଗାଯାଉଛି। ଏଥିପାଇଁ ଗ୍ରାମବାସୀଙ୍କ ମନରେ କୋକୁଆ ଭୟ ଖେଳିଯାଇଛି। ଗତ୨୦୧୩ ମସିହା ଆକ୍ଟ ଅନୁସାରେ ହିତାଧିକାରୀଙ୍କୁ



ପ୍ରାପ୍ୟ ଦେବା ପାଇଁ ସୋମବାର ସଂଧ୍ୟା ବୁଢାମରା ଦୁର୍ଗା ମଣ୍ଡପଠାରେ ଗ୍ରାମବାସୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କୁ ଜମି ଓ ଘର ଦେବା ପାଇଁ ଗ୍ରାମବାସୀ କୁଣ୍ଠାବୋଧ କରୁ ନାହୁଁ। ମାତ୍ର ଘରର ଉଚିତ୍ ମୂଲ୍ୟ ସହିତ ଘରଡିହ ବଦଳରେ ଘରଡିହ, ଚାକିରି, ଭୂମିହୀନଙ୍କୁ ଚାରି ଡେସିମିଲ ଜାଗା, ଉଚିତ ମୂଲ୍ୟ ସହିତ ଥଇଥାନ ବ୍ୟବସ୍ଥା କରିବାପାଇଁ ଦାବି ଉଠିଥିଲା। ବୈଠକରେ ଅମୃତ କୁମାର ପାଣି, ମୋନରଞ୍ଜନ ସାହୁ, ଲୋକନାଥ ପୁଟୀ, ବାନୁ ସେଠୀ, ଚକ୍ରଧର ପୁଟୀ, ସୁନାଥ ପୁଟୀ, ପରମେଶ୍ୱର ଗୋଛାୟତ, ବୁଲୁ ସରଘରିଆ, ସୁମନ୍ତ ଗୋଛାୟତ, କୀର୍ତ୍ତିବାସ ପୁରୀ, ଲୁଟୁ ପୁରୀ, ଶିବଶଙ୍କର ପୁଟୀ, ଜଗଦିଶ ଟୁଡୁ ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

### ● ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

## ୱେଷ୍ଟ ବେଙ୍ଗଲ ନାଇନ ଷ୍ଟାର୍ ଚାମ୍ପିଅନ୍

କରଞ୍ଜିଆ, ୨୪।୧୧(ସମିସ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ଚିତ୍ରପୋଷି ପଞ୍ଚାୟତ ଭାଲୁଗୋଡାସାହିଠାରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ସୋମବାର ଉଦଯାପିତ ହୋଇଯାଇଛି। ଏଥିରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ୱେଷ୍ଟ ବେଙ୍ଗଲ ନାଇନ ଷ୍ଟାର ଏଫସି ଓ ଗଳା ହ୍ୟାଟି ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୱେଷ୍ଟ ବେଙ୍ଗଲ ନାଇଟ ବିଜୟ ହୋଇ ଚାମ୍ପିୟନ ହୋଇଛି। କ୍ଲବ ସଭାପତି ଲଛମନ ସମୁରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଚିତ୍ରପୋଷି ସରପଞ୍ଚ ଗୀତାଞ୍ଜଳି ନାଏକ, ସମ୍ମାନିତ ଅତିଥି ସମାଜସେବୀ ଜଗନ୍ନାଥ ହେମ୍ବ୍ରମ, ଯୁବନେତା ବୃଷକେତୁ ନାଏକ ଯୋଗ ଦେଇ ଖେଳାଳିଙ୍କ ସହିତ ପରିଚିତ ହୋଇ ଫାଇନାଲ ମ୍ୟାଚ ଆରମ୍ଭ କରିଥିଲେ। ଫାଇନାଲ ମ୍ୟାଚରେ ପ୍ରାଥମାର୍ଦ୍ଧରେ ୱେଷ୍ଟ ବେଙ୍ଗଲ ନାଇନ ଷ୍ଟାର ଏଫସି ୧ ଗୋଲରେ ଆଗୁଆ ରହିଥଲା। ଦ୍ୱିତୀୟାର୍ଦ୍ଧରେ ଗଳାହ୍ୟାଟି ଏଫସି ୧ ଗୋଲ ଦେଇ ସମାନ ସ୍ଥିତିକୁ ଆସିଥିଲା। ଖେଳ ଶେଷ ପର୍ଯ୍ୟନ୍ତ ସମାନ ଗୋଲ ସ୍ଥିତି ରହିବାରୁ ଶେଷରେ ପେନାଲଟି ସୁଟଆଉଟରେ ସମାନ ସମାନ ଗୋଲ ହେବାରୁ ଟସ ଯୋଗେ



ବିଜେତା ଚୟନ କରାଯାଇଥିଲା। ଟସ ଜିତି ୱେଷ୍ଟ ବେଙ୍ଗଲ ନାଇନ ଷ୍ଟାର ଏଫସି ୧ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଗଳା ହ୍ୟାଟି ଏଫସି ଦଳ ଦ୍ୱିତୀୟ ସ୍ଥାନରେ ରହି ଉପବିଜେତା ହୋଇଥିଲା। ଶେଷରେ ପୁରସ୍କାର ବିତରଣୀ ସଭାରେ ଅତିଥିମାନେ ବିଜେତା ଦଳକୁ ଟ୍ରଫି ସହିତ ନଗଦ ୧୦ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହିତ ୭ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।

## କଚେରୀ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା

ଉଦଳା,୨୪।୧୧(ସମିସ): ଉଦଳା କଚେରୀ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଖଣ୍ଡର ସମସ୍ତ ସରକାରୀ ବେସରକାରୀ ବିଦ୍ୟାଳୟରୁ ଆସିଥିବା ପିଲାଙ୍କ ମଧ୍ୟରେ ତାଲୁକ ଆଇନ୍ ସହାୟତା କକ୍ଷର ଅଧ୍ୟକ୍ଷ ଓ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଦୀପ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ଅଧିକାରୀ ଅନୁରାଗ ଦେହୁରୀଙ୍କ ସହାୟତାରେ ଦୁଇଟି ବିଭାଗର ମୋଟ ୫୭ ଜଣ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ତାଲୁକ୍ ଆଇନ୍ ସହାୟତା କକ୍ଷ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ବିଭାଗରେ ସପ୍ତମ ଓ ଅଷ୍ଟମ ଶ୍ରେଣୀର ୩୫ ଜଣ ଏବଂ ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ନେଇ ଦ୍ୱିତୀୟ ବିଭାଗରେ ୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦଳା କୋର୍ଟର କର୍ମଚାରୀ ରୁବି ଦଳେଇ, ସସ୍ମିତା ପାତ୍ର, ପ୍ରକାଶ ସିଂ, ରୂପସାଗର ସିଂ, ଶିବମ୍ ମାଝୀ, ତାଲୁକ୍ ଆଇନ୍ ସହାୟତା କକ୍ଷର କର୍ମଚାରୀ ସନତ୍ କୁମାର ସେଠୀ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

# ସରପଞ୍ଚଙ୍କ ଧାରଣା ପ୍ରତ୍ୟାହୃତ; ସ୍ୱାଭାବିକ ହେଲା ବ୍ଲକ୍ କାର୍ଯ୍ୟ

ବହଳଦା, ୨୪।୧୧ (ସମିସ):




ବିଭିନ୍ନ ଅଭିଯୋଗରେ ବହଳଦା ବିଡିଓଙ୍କ ବଦଳି ଦାବି ନେଇ ସରପଞ୍ଚମାନେ ୨୦ ତାରିଖ ରୁ ତାଲାବନ୍ଦ ଆନ୍ଦୋଳନରେ ବସିଥିଲେ। ଗୁରୁବାର, ଶୁକ୍ରବାର ତାଲାବନ୍ଦ ଧର୍ମଘଟ ଜାରି ରହିଥିବାବେଳେ ଶନିବାର ଓ ରବିବାର କାର୍ଯ୍ୟାଳୟ ଛୁଟି ରହିଥିଲା। ଲଗାତାର ବ୍ଲକ କାର୍ଯ୍ୟାଳୟ ବନ୍ଦ ରହିବା ଫଳରେ ସାଧାରଣ ଲୋକେ ବହୁ ହୋଇରାଣ ହରକତ ହୋଇଥିଲେ। ତେବେ ଆଜି ସମବାର ଦିନ ମଧ ଧର୍ମଘଟ ଜାରି ରହିଥିବା ବେଳେ ପ୍ରଶାସନର ଉଦ୍ୟମ ଫଳରେ ସରପଞ୍ଚଙ୍କ ଧର୍ମଘଟ ପ୍ରତ୍ୟାହୃତ ହେବା ସହିତ ବ୍ଲକ କାର୍ଯ୍ୟାଳୟ ସ୍ୱାଭାବିକ ହୋଇଛି। ସୋମବାର ମଧ ବହଳଦା ବ୍ଲକରେ ସରପଞ୍ଚଙ୍କ ଧର୍ମଘଟ ଜାରି ରହିଥିବା ବେଳେ ଅପରାହ୍ନ ୧ ଘଟିକା ପରେ ପରେ ବହଳଦା ତହସିଲଦାର ଶିବ ପ୍ରସାଦ ମୁର୍ମୁ ଓ ଆଇଆଇସି ଭାସ୍କର ପ୍ରଧାନଙ୍କ ଉପସ୍ଥିତିରେ ବହଳଦା ବିଡିଓ ଶ୍ରୀ ମଲ୍ଲିକ ବ୍ଲକ କାର୍ଯ୍ୟାଳୟ ପରିସରକୁ ପହଞ୍ଚି ଧର୍ମଘଟରେ ବସିଥିବା ସରପଞ୍ଚଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଭିଯୋଗକାରୀ ସମସ୍ତ ସରପଞ୍ଚଙ୍କ ସହିତ ବହଳଦା ବିଡିଓ ଶ୍ରୀ ମଲ୍ଲିକ, ବହଳଦା ତହସିଲଦାର ଶ୍ରୀ ମୁର୍ମୁ ଓ ବହଳଦା ଆଇଆଇସି ଭାସ୍କର ପ୍ରଧାନଙ୍କ ଉପସ୍ଥିତିରେ ଆଲୋଚନା ପରେ ତାଲାବନ୍ଦ ଧର୍ମଘଟ ପ୍ରତ୍ୟାହୃତ ହୋଇଥିଲା ଏବଂ ବ୍ଲକ କାର୍ଯ୍ୟାଳୟ ସ୍ୱାଭାବିକ ହୋଇଥିଲା। ତେବେ ଉନ୍ନୟନ ମୂଳକ କାର୍ଯ୍ୟରେ ଅହେତୁକ ହସ୍ତକ୍ଷେପ କରାଗଲେ ପୁଣି ଆନ୍ଦୋଳନ କରାଯିବ ବୋଲି ସରପଞ୍ଚଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।






# ୨.୫ ଲକ୍ଷ ଛଟେଇ ପରେ ଟ୍ରମ୍ପଙ୍କ 'ଡୋଜ୍' ବିଭାଗ ବନ୍ଦ

ୱାଶିଂଟନ, ୨୪।୧୧ (ଏଜେନ୍ସି): ଶିଳ୍ପପତି ଏଲନ ମସ୍କଙ୍କ ନେତୃତ୍ୱରେ ଗଠିତ ଆମେରିକାର ଡିପାର୍ଟମେଣ୍ଟ ଅଫ ଗମେଣ୍ଟ ଏଫିସିଏନ୍ସି (ଡୋଜ) ବିଭାଗକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବନ୍ଦ କରିଦେଇଛନ୍ତି। ଆମେରିକାର ଅଢେଇ ଲକ୍ଷ ଚାକିରି ଖାଇବା ପରେ ନିର୍ଦ୍ଧାରିତ ସମୟର ୮ ମାସ ପୂର୍ବରୁ ଏହି ବିଭାଗରେ ତାଲା ଲଗାଇ ଦିଆଯାଇଛି। ବହୁ ପୂର୍ବରୁ ଏହି ବିଭାଗର ମୁଖ୍ୟ ହୋଇଥିବା ଶିଳ୍ପପତି ମସ୍କ ଇସ୍ତଫା ଦେଇ ସାରିଛନ୍ତି। ବନ୍ଧୁ ଟ୍ରମ୍ପଙ୍କ ସହ ଝଗଡ଼ା ହେବା ପରେ ସେ ଏହି ନିଷ୍ପତ୍ତି ନେଇଥିଲେ। ଏପରିକି ସରକାରଙ୍କଠାରୁ ଦୂରେଇ ଯାଇ ନିଜର ଏକ ଦଳ ମଧ୍ୟ ଗଢ଼ିଥିଲେ। ମାତ୍ର କିଛି ଦିନ ତଳେ ସେ ପୁଣି ଟ୍ରମ୍ପଙ୍କ ଗୋଷ୍ଠୀକୁ ଫେରି ରାଜନୈତିକ ଦଳକୁ ବନ୍ଦ କରିଦେଇଥିଲେ।



ଗତ ଜାନୁଆରୀ ୨୦ରେ ଟ୍ରମ୍ପଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ପରେ ଡୋଜ୍ ବିଭାଗର ଗଠନ ହୋଇଥିଲା। ଏହା ୨୦୨୬ ଜୁଲାଇ ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିଥାନ୍ତା। ରିପୋର୍ଟ ଅନୁଯାୟୀ ଏହି ବିଭାଗ ଅଢ଼େଇ ଲକ୍ଷରୁ ଅଧିକ ,ସରକାରୀ କର୍ମଚାରୀଙ୍କୁ ସିଧାସଳଖ ଚାକିରିରୁ ହଟାଯାଇଛି କିମ୍ବା ଭିଆରଏସ ଦେଇ ବାହାର କରିଦିଆଯାଇଛି। ପ୍ରଥମେ ଏହି ବିଭାଗ ଖୁବ ସକ୍ରିୟ ଥିଲା। କିନ୍ତୁ ଏବେ ଏହାର ପ୍ରମୁଖ ଅଧିକାରୀଙ୍କୁ ଅଲଗା ଅଲଗା ସରକାରୀ ଅଫିସରେ କାମ କରୁଛନ୍ତି। ସରକାରଙ୍କ ଅର୍ଥ ସଞ୍ଚୟ ଏବଂ କାର୍ଯ୍ୟଶୈଳୀ ଦ୍ରୁତ କରିବା ଏହାର ଉଦ୍ଦେଶ୍ୟ ଥିଲା। ଏହି ବିଭାଗ ଟ୍ରମ୍ପଙ୍କ 'ପ୍ରୋଜେକ୍ଟ ୨୦୨୫'ର ଅଂଶବିଶେଷ ଥିଲା। ପ୍ରାରମ୍ଭରେ ଏଲନ ମସ୍କ ଏବଂ ଭାରତୀୟ ବ୍ୟବସାୟୀ ବିବେକ ରାମାସ୍ୱାମୀ ଏହାର ମୁଖ୍ୟ ହୋଇଥିଲେ। କିନ୍ତୁ ବିଭାଗ ଆରମ୍ଭ ହେବା ପୂର୍ବରୁ ରାମାସ୍ୱାମୀ ଅଲଗା ହୋଇ ଯାଇଥିଲେ। ସେ ହଟିବା ପଛରେ ମସ୍କଙ୍କ ବଡ଼ ଭୂମିକା ଥିଲା। ଏହି ବିଭାଗ ସରକାରଙ୍କ ୨ ଟ୍ରିଲିୟନ ଡଲାର (୧୭୦ ଲକ୍ଷ କୋଟି ଟଙ୍କା) ସଞ୍ଚୟ କରିବ ବୋଲି କହିଥିଲେ। ତେବେ ଡୋଜ୍ ୱେବସାଇଟରେ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ବିଭାଗ ୨୧୪ ବିଲିୟନ ଡଲାର ସଞ୍ଚୟ କରିଥିଲା। କିନ୍ତୁ ଏକ ସଂସ୍ଥାର ଯାଞ୍ଚରୁ ଅର୍ଥକୁ ବଢ଼େଇ ଚଢ଼େଇ ଦର୍ଶାଯାଇଥିବା ଜଣା ପଡ଼ିଥିଲା। ଏହି ବିଭାଗ ସରକାରୀ ଖର୍ଚ୍ଚରେ ନିୟନ୍ତ୍ରଣ ଲଗାଇବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରଥମେ ଭଲ ଦ୍ରୁତ ଗତିରେ ପଦକ୍ଷେପ ମଧ୍ୟ ନିଆଯାଇଥିଲା। କିନ୍ତୁ ଗତ ମେ'ରେ ମସ୍କ ନିଜେ ଏହି ବିଭାଗ ଛାଡ଼ି ଦେଇଥିଲେ। ତେବେ ନ୍ୟାସନାଲ ନ୍ୟୁକ୍ଲିୟର ସିକ୍ୟୁରିଟି ଆଡମିନିଷ୍ଟ୍ରେସନ (ଏନଏନଏସଏ)ରୁ ୩୫୦ ଲୋକଙ୍କୁ ହଟାଇବାକୁ ନେଇ ଡୋଜ୍‌କୁ ତୀବ୍ର ସମାଲୋଚନା କରାଯାଇଥିଲା। ଏହି ନିଷ୍ପତ୍ତି ଏତେ ବିବାଦୀୟ ଥିଲା ଯେ ଶକ୍ତି ବିଭାଗ ପଛଘୁଞ୍ଚା ଦେଇଥିଲା। ଏବଂ ୩୨୨ କର୍ମଚାରୀଙ୍କୁ ପୁଣି ଡକାଇ ଥିଲା। ଡୋଜ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କ କୌଣସି ଅଭିଜ୍ଞତା ନ ଥିଲା। ସେମାନେ ଡାଟା ସିଷ୍ଟମରେ ମୁଣ୍ଡ ପୁରାଇ ଡିଇଆଇ ପ୍ରୋଗ୍ରାମ ବନ୍ଦ କରିଥିଲେ। କିଛି ଏଜେନ୍ସିକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ମଧ୍ୟ ପ୍ରୟାସ କରିଥିଲେ।

# ଆଜି ଅଯୋଧ୍ୟା ରାମ ମନ୍ଦିରରେ ଧ୍ୱଜାରୋହଣ କରିବେ ପ୍ରଧାନମନ୍ତ୍ରୀ

ଅଯୋଧ୍ୟା, ୨୪।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନଭେମ୍ବର ୨୫ରେ ରାମ ମନ୍ଦିରର ମୁଖ୍ୟ ଶିଖରରେ ଧ୍ୱଜାରୋହଣ କରିବେ। ଏହି ଐତିହାସିକ ସମାରୋହରେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଧୁ-ସନ୍ଥ, ଧର୍ମାଚାର୍ଯ୍ୟ ଓ ଶ୍ରଦ୍ଧାଳୁ ଯୋଗ ଦେବେ। ଏହି ସମାରୋହକୁ ସଫଳ କରିବା ପାଇଁ ସମ୍ପୂର୍ଣ୍ଣ ସହରକୁ ୧୦୦୦ କ୍ୱିଣ୍ଟାଲ ଫୁଲରେ ସଜ୍ଜିତ କରାଯାଇଛି। ମୋଦୀ ୧୬୧ ଫୁଟ ଉଚ୍ଚ ଶିଖରରେ ପ୍ରଥମଥର ପାଇଁ ଧ୍ୱଜା ଉଡାଇବେ। ଏହି ମୂହୁର୍ତ୍ତକୁ ଏବେ ସମସ୍ତେ ଅପେକ୍ଷା କରି ରହିଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆରଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ସୋମବାର ରାମ ମନ୍ଦିର ପହଞ୍ଚିଛନ୍ତି। ରାମ ଜନ୍ମଭୂମିର ଆଖାପାଖ ଅଞ୍ଚଳରେ ସୁରାକ୍ଷ ଓ ନିରାପତ୍ତା ବ୍ୟବସ୍ଥାକୁ କଡ଼ା କରାଯାଇଛି। ସାରା ସହରକୁ ହେଲିକପ୍ଟରରେ ନୀରିକ୍ଷଣ କରାଯାଉଛି। ଏଟିଏସ ଓ ଏନ୍‌ଏସ୍‌ଜି କମାଣ୍ଡୋ ମନ୍ଦିରକୁ ଘେରାଉ କରି ରଖିଛନ୍ତି। ଏହାକୁ ବାଦ୍ ଦେଲେ ଏସ୍‌ପିଜି, ସିଆରପିଏଫ୍ ଓ ପିଏସି ଯବାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ମନ୍ଦିର ପାଇଁ ପଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହି ସମାରୋହରେ ୧୦୦ ଜଣ ଦାନ ଦେଇଥିବା ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଛି। ଏମାନେ ରାମ ମନ୍ଦିର ନିର୍ମାଣ ପାଇଁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦାନ ଆକାରରେ ଦେଇଥିଲେ। କିନ୍ତୁ ଶଙ୍କରାଚାର୍ଯ୍ୟମାନଙ୍କୁ ଏହି ସମାରୋହକୁ ଡକାଯାଇନାହିଁ।

# ଉତ୍ତରାଖଣ୍ଡରେ ଖାଇକୁ ବସ୍ ଖସି ୫ ମୃତ

ତେହରୀ, ୨୪।୧୧(ଏଜେନ୍ସି): ଉତ୍ତରାଖଣ୍ଡର ତେହେରୀ ଜିଲ୍ଲାରେ ଏକ ଯାତ୍ରୀବାହି ବସ୍ ୭୦ ମିଟର ଖାଇକୁ ଖସି ଦୁର୍ଘଟଣା ସମ୍ମୁଖୀନ ହୋଇଛି। ଏଥିରେ ୫ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୩ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି ବୋଲି ତେହରୀ ଏସ୍‌ପି ଆୟୁଷ ଅଗ୍ରୱାଲ ସୂଚନା ଦେଇଛନ୍ତି। ସୋମବାର ଦ୍ୱିପହର ପାଖାପାଖି ସାଢ଼େ ୧୨ଟାରେ ଘଟିଥିବା ଏହି ଦୁର୍ଘଟଣା ଘଟିଥିଲା। ୭ଜଣ ଆହତ ବ୍ୟକ୍ତିଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଇଛି। ଏହି ବସ୍ ଋଷିକେଶର ଦୟାନନ୍ଦ ଆଶ୍ରମରୁ ୨୯ ଶ୍ରଦ୍ଧାଳୁଙ୍କୁ ନେଇ କୁଞ୍ଜାପୁରୀ ମନ୍ଦିର ନେଇ ଯାଇଥିଲା। କିନ୍ତୁ ବସ୍ ଫେରିବା ବେଳେ କୁଞ୍ଜାପୁରୀ-ହିଣ୍ଡୋଲାଖାଲ୍ ନିକଟ୍‌ରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଅଚାନକ ବ୍ରେକ୍ ଫେଲ୍ ହେବା କାରଣରୁ ଡ୍ରାଇଭର ବସ୍ ଉପରୁ ନିୟନ୍ତ୍ରଣ ହରାଇଥିଲେ। ମୃତଦେହଗୁଡ଼ିକୁ ବସ୍‌ରୁ ବାହାର କରାଯାଇଛି। ଗୁରୁତର ଭାବେ ଆହତ ହୋଇଥିବା ୪ ଜଣ ଯାତ୍ରୀଙ୍କୁ ଋଷିକେଶସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଛି। ବାକି ୧୦ଜଣ ଆହତ ବ୍ୟକ୍ତିଙ୍କୁ ନରେନ୍ଦ୍ରନଗର ଶ୍ରୀ ଦେବ ସୁମନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୫ ଜଣ ମୃତକଙ୍କ ମଧ୍ୟରେ ୪ ଜଣ ମହିଳା ଓ ଜଣେ ଯୁବକ ସାମିଲ ରହିଛନ୍ତି।

# ବାନ୍ଧବୀଙ୍କୁ କମାଣ୍ଡୋ ସୁରକ୍ଷା ଦେଲେ ଏଫ୍‌ବିଆଇ ମୁଖ୍ୟ କାଶ୍ ପଟେଲ

ୱାଶିଂଟନ, ୨୪।୧୧(ଏଜେନ୍ସି): ଆମେରିକୀୟ ଗୁପ୍ତଚର ସଂସ୍ଥା ଏଫ୍‌ବିଆଇ ମୁଖ୍ୟ ଭାରତୀୟ ବଂଶୋଦ୍ଭବ କାଶ ପଟେଲ ନିଜ ବାନ୍ଧବୀ ଆଲେକ୍ସିଜ୍ ୱିଲ୍‌କିନ୍ସଙ୍କ ପାଇଁ କମାଣ୍ଡୋ ତାଥା ସରକାରୀ ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରିବା ନେଇ ବିବାଦ ସୃଷ୍ଟି ହୋଇଛି। ସେ ଆଲେକ୍ସିଜ୍‌ଙ୍କୁ ଏସ୍‌ଡବ୍ଲୁଏଟି କମାଣ୍ଡୋ (ସ୍ପେଶାଲ ୱିପନ ଆଣ୍ଡ ଟାକ୍ଟିସ୍) ସୁରକ୍ଷା ପ୍ରଦାନ କରିଛନ୍ତି ଓ ଏଥିପାଇଁ ସେ ସରକାରଙ୍କ ସଂସାଧନର ଦୂରୁପଯୋଗ କରିଛନ୍ତି ବୋଲି ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ ସେ ସରକାରୀ ଜେଟ୍‌ରେ ୧୨ଟି ବ୍ୟକ୍ତିଗତ ଭ୍ରମଣ କରିଥିବାର ମଧ୍ୟ ଅଭିଯୋଗ ହୋଇଛି। ସରକାରୀ ଜେଟ୍‌ରେ ସେ ସ୍କଟଲାଣ୍ଡର ଗଲ୍ ରିସୋର୍ଟ କାନେଗିଁ କ୍ଲବ, ଟେକ୍ସାସର ହଟିଂ ରେଞ୍ଜ ଓ ପେନସିଲଭାନିଆର ଷ୍ଟେଟ କଲେଜରେ କୁସ୍ତି ଇଭେଣ୍ଟରେ ସାମିଲ ହୋଇଥିଲେ। ଏହି ଇଭେଣ୍ଟରେ ଆଲେକ୍ସିଜ୍ ଗୀତ ଗାଇଥିଲେ। ସେ ଜଣେ କଣ୍ଟ୍ରି ଗାୟିକା ଭାବେ ଖ୍ୟାତି ଅର୍ଜନ କରିଛନ୍ତି।

# ଇନ୍ଦୋରରେ ୨୭ ବର୍ଷ ହେବ ବିନା ଭିସାରେ ରହୁଥିଲେ କେନିଆ ନାଗରିକ

ଇନ୍ଦୋର, ୨୪।୧୧(ଏଜେନ୍ସି): କେନିଆ ନାଗରିକ ରିଚାର୍ଡ ଏସ୍ ମାଇକା ଗତ ୨୭ ବର୍ଷ ହେବା ବିନା ଭିସାରେ ମଧ୍ୟପ୍ରଦେଶର ଇନ୍ଦୋରରେ ରହିଆସୁଥିଲେ। ଏକଥା କେହି ଜାଣିପାରି ନଥିଲେ। କିନ୍ତୁ ଇନ୍ଦୋର ପୁଲିସ ଏବେ ତାଙ୍କୁ ଚିହ୍ନଟ କରିବାରେ ସଫଳ ହୋଇଛି। ଦିଲ୍ଲୀର ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ଇନ୍ଦୋର ପୁଲିସ ସହର ସାରା ଭଡାଟିଆଙ୍କ ବିବରଣୀ ସଂଗ୍ରହ କରୁଛି। ଫଳରେ ପୁଲିସ ମାଇକାଙ୍କ ସମ୍ପର୍କରେ ବିଶେଷ ତଥ୍ୟ ହାସଲ କରିଛି। ମାଇକାଙ୍କ ଭିସା ମିଆଦି ଶେଷ ହୋଇଥିଲେ ମଧ୍ୟ ଗତ କେତେ ଦଶନ୍ଧି ଧରି ସେ ଇନ୍ଦୋରରେ ରହିଆସୁଛନ୍ତି। ଆଶ୍ଚର୍ଯ୍ୟଜନକ ଭାବେ ୭ ବର୍ଷ ତଳେ ତାଙ୍କ ବିରୋଧରେ ପୁଲିସ ଏଫ୍‌ଆଇଆର ଦାଏର କରିଥିଲା। ଭାରତରେ ଆବଶ୍ୟକୀୟ କାଗଜପତ୍ର ବିନା ସେ ରହୁଥିଲେ ବୋଲି ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏହା ସତ୍ତ୍ୱେ ତାଙ୍କୁ କେନିଆ ପଠାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଏହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେ ଭାରତୀୟ ମୋବାଇଲ ନମ୍ବର ବ୍ୟବହାର କରୁଥିଲେ। ସେ ମଧ୍ୟ ସାମାଜିକ ଗଣମାଧମରେ ଉତ୍ତେଜକ ପୋଷ୍ଟ କରି ବିବାଦ ସୃଷ୍ଟି କରିଥିଲେ।

# ବଢ଼ି ଚାଲିଛି କର୍ଣ୍ଣାଟକ କଂଗ୍ରେସ କଳି

# ବଦଳିପାରନ୍ତି ମୁଖ୍ୟମନ୍ତ୍ରୀ

- ଗୃହମନ୍ତ୍ରୀ ନୂଆ ଦାବିଦାର
- ହାଇକମାଣ୍ଡ ନେବେ ଚୂଡ଼ାନ୍ତ ନିଷ୍ପତ୍ତି: ଖଡ୍‌ଗେ



ନୂଆଦିଲ୍ଲୀ, ୨୪।୧୧ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ କଳି ଥମିବା ପରିବର୍ତ୍ତେ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଅଢେଇ ବର୍ଷ କାର୍ଯ୍ୟକାଳ ପୂରଣ ହେବା ପରେ ମୁଖ୍ୟମନ୍ତ୍ରୀ ବଦଳାଇବା ଚର୍ଚ୍ଚା ଦଳରେ ଗୋଷ୍ଠୀ କନ୍ଦଳ ସୃଷ୍ଟି କରିଛି। କଥା କର୍ଣ୍ଣାଟକରୁ ଯାଇ ଦିଲ୍ଲୀରେ ପହଞ୍ଚିଛି। ତଥାପି ଅଙ୍କ ଛିଡ଼ି ପାରୁନି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଏକ ଗୋଷ୍ଠୀ ଦାବି କରୁଥିବାବେଳେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ପଦ ଛାଡ଼ିବାକୁ ଚାହୁଁନାହାନ୍ତି। ସେ ନିଜ କାର୍ଯ୍ୟକାଳ ପୂରଣ କରିବେ ବୋଲି କହି ସାରିଛନ୍ତି। ଶିବକୁମାର ଏବଂ ସେ ହାଇକମାଣ୍ଡଙ୍କ ନିଷ୍ପତ୍ତି ମାନିବା ଉଚିତ ବୋଲି କହି ସେ ନୂଆ ଚର୍ଚ୍ଚାକୁ ଖୋରାକ ଯୋଗାଇଛନ୍ତି। ତେବେ କିଛି ଦିନ ହେଲା ଡିକେ ଦେଇ ଚାଲିଥିବା ବୟାନ ମଧ୍ୟ ସଂଶୟକୁ ଅଧିକ ଘନୀଭୂତ କରୁଛି। ରାଜ୍ୟର ସବୁ ବିଧାୟକ ମୋର ଏବଂ ହାଇକମାଣ୍ଡଙ୍କ ନିଷ୍ପତ୍ତି ମାନିବୁ କହି ସେ ଦ୍ୱନ୍ଦ୍ୱ ବଢ଼ାଇଛନ୍ତି। କର୍ଣ୍ଣାଟକର କିଛି ବିଧାୟକ ଦିଲ୍ଲୀ ଯାଇ ଦଳୀୟ ନେତୃତ୍ୱଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ପନ୍ଥା ଆପଣାଇଛନ୍ତି। ସେ ରବିବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଭେଟି ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଆଲୋଚନା କରିଛନ୍ତି। ଏହି ବୈଠକରେ କି ନିଷ୍ପତ୍ତି ନିଆଯାଇଥିଲା ତାହା ଏ ପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ। କିନ୍ତୁ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଦାବିଦାର ବଢ଼ିବାରେ ଲାଗିଛନ୍ତି। ଗୃହମନ୍ତ୍ରୀ ଜି. ପରମେଶ୍ୱର ନିଜକୁ ମୁଖ୍ୟମନ୍ତ୍ରୀ ଦାବିଦାର ବୋଲି କହିଛନ୍ତି। ଏବେ ମୁଖ୍ୟମନ୍ତ୍ରୀ ବଦଳାଇବାକୁ ନେଇ ଖଡଗେ ମୁହଁ ଖୋଲିଛନ୍ତି। ଏହା ଉପରେ ହାଇକମାଣ୍ଡ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। କିନ୍ତୁ ସେ ଏନେଇ ଆଉ କିଛିବାକୁ ଚାହୁଁ ନ ଥିବା ଉଲ୍ଲେଖ କରିଛନ୍ତି।

ଆଜି ସିଦ୍ଧରମୈୟାଙ୍କ ସହ ବୈଠକରେ କି ଚର୍ଚ୍ଚା ହେଲା ବୋଲି ସାମ୍ବାଦିକ ପ୍ରଶ୍ନ କରିବାରୁ ଖଡଗେ ଚିଡ଼ି ଯାଇଥିଲେ। ଯାହା ହେବ ତାହା ହାଇକମାଣ୍ଡ କରିବେ, ଆପଣଙ୍କୁ ଚିନ୍ତା କରିବାର ଆବଶ୍ୟକତା ନାହିଁ ବୋଲି କହିଥିଲେ। ଖଡ୍‌ଗେଙ୍କ ଏହି ବୟାନକୁ ନେଇ ବିଜେପି ନିଶାଣ କରିଛି। ଯଦି କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦଳର ହାଇକମାଣ୍ଡ ନୁହଁନ୍ତି,ତେବେ ସେ ଆଉ କିଏ ବୋଲି ବିଜେପି ବିଧାୟକ ସୁରେଶ କୁମାର ପଚାରିଛନ୍ତି। ଖଡ଼ଗେଙ୍କ ସ୍ଥିତି କଂଗ୍ରେସର ବାସ୍ତବିକ ସ୍ଥିତିକୁ ଦେଖାଉଛି। ନକଲି ଗାନ୍ଧୀ ପରିବାର କଂଗ୍ରେସର ସବୁ କ୍ଷମତା ନିଜ ପାଖରେ ରଖିଛି ବୋଲି କର୍ଣ୍ଣାଟକ ବିରୋଧୀ ଦଳ ନେତା ଆର ଅଶୋକ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ଗୃହମନ୍ତ୍ରୀ ଜି ପରମେଶ୍ୱର ନିଜକୁ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା ନେତା ଭାବେ ଉପସ୍ଥାପନ କରିଛନ୍ତି। ତେବେ ହାଇକମାଣ୍ଡଙ୍କ ସହ କିମ୍ବା ବିଧାୟକ ଦଳ ବୈଠକରେ ମୁଖ୍ୟମନ୍ତ୍ରୀ ବଦଳାଇବାକୁ କୌଣସି ଚର୍ଚ୍ଚା ହୋଇନାହିଁ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ବଦଳାଇବାର ଚର୍ଚ୍ଚାକୁ ନେଇ ଆଜି ସିଦ୍ଧରମୈୟା କହିଛନ୍ତି ଯେ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ମୁଁ ଏବଂ ଡିକେ ପାଳନ କରିବା ଉଚିତ। ଯାହା ନିଷ୍ପତ୍ତି ଆସିବ ସେଥିରେ ସହମତ ହେବା ଆବଶ୍ୟକ। ସେହିପରି ସିଦ୍ଧରମୈୟାଙ୍କ ଘନିଷ୍ଠ ମନ୍ତ୍ରୀ ଏଚ.ଚି ମହାଦେବପା ଏବଂ କେ ଭେଙ୍କଟେଶ ମଧ୍ୟ ଖଡଗେଙ୍କୁ ଭେଟିଛନ୍ତି।

# ପାକ୍ ସେନା ଉପରେ ଆତ୍ମଘାତୀ ଆକ୍ରମଣ; ୩ କମାଣ୍ଡର, ୩ ଆକ୍ରମଣକାରୀ ନିହତ

ଇସଲାମାବାଦ୍, ୨୪।୧୧(ଏଜେନ୍ସି): ପାକିସ୍ତାନର ପେଶାୱରରେ ସୋମବାର ସକାଳେ ଫ୍ରଣ୍ଟିୟର କନଷ୍ଟାଲବ୍ୟୁରୀ ମୁଖ୍ୟାଳୟରେ ଦୁଇଟି ଆତ୍ମଘାତୀ ଆକ୍ରମଣ ହୋଇଛି। ଏଥିରେ ୬ ଜଣ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୩ ଜଣ କମାଣ୍ଡର ଓ ୩ ଜଣ ଆକ୍ରମଣକାରୀ ସାମିଲ ରହିଛନ୍ତି। ଏଥିରେ ଏକାଧିକ ଲୋକ ଆହତ ହୋଇଛନ୍ତି। ଆକ୍ରମଣକାରୀ ମାନେ ଗୁଳିମାରିବା ସହ ସେନା କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ। ଏହାପରେ ବଡ଼ ଧରଣର ଅପରେସନ୍ କରାଯାଇଥିଲା। ସକାଳ ୮ଟାରେ ଏହି ଆକ୍ରମଣ ହୋଇଥିଲା। ପାରାମିଲିଟାରୀ ବିଲ୍ଡିଂର ଦ୍ୱାରରେ ଦୁଇଟି ବିସ୍ଫୋରଣ ହୋଇଥିଲା ବୋଲି ପୁଲିସ କହିଛି। ଏହାପରେ ଆକ୍ରମଣକାରୀମାନେ ଭିତରକୁ ପସିଥିଲେ। ଫଳରେ ସୁରକ୍ଷକର୍ମୀଙ୍କ ସହ ସେମାନଙ୍କର ଗୁଳି ବିନିମୟ ହୋଇଥିଲା। କମାଣ୍ଡୋ ଓ ପୁଲିସର ପ୍ରତି ଆକ୍ରମଣରେ କ୍ୟାମ୍ପସ ଭିତରେ ୩ ଆକ୍ରମଣକାରୀ ନିହତ ହୋଇଥିଲେ। ଏହି ଘଟଣାରେ ଦୁଇଜଣ ଆକ୍ରମଣକରୀ ସାମିଲ ଥିଲେ। ଏବେ ସେନା ଓ ପୁଲିସ ପୂରା ଅଞ୍ଚଳକୁ ଘେରାଉ କରିଛନ୍ତି। ମୁଖ୍ୟ କାର୍ଯ୍ୟାଳୟରେ ଏବେ ମଧ୍ୟ କେତେକ ଆତଙ୍କବାଦୀ ଲୁଚିଛନ୍ତି ବୋଲି ଆଶଙ୍କା କରାଯାଉଛି।

# ୯ ସେନା ଅଧିକାରୀଙ୍କୁ ବରଖାସ୍ତ କଲା ଇସ୍ରାଏଲ୍

ତେଲ ଅଭିଭ୍, ୨୪।୧୧(ଏଜେନ୍ସି): ଇସ୍ରାଏଲ ୯ ଜଣ ଆଗଧାଡିର ସେନା ଅଧିକାରୀଙ୍କୁ ବରଖାସ୍ତ କରିଛି। ଦୁଇବର୍ଷ ତଳେ ୨୦୨୩ ଅକ୍ଟୋବର ୭ରେ ହୋଇଥିବା ହମାସ ଆକ୍ରମଣକୁ ରୋକିବାରେ ଏହି ଅଧିକାରୀମାନେ ବିଫଳ ହୋଇଥିଲେ ବୋଲି ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଚିଫ୍ ଅଫ୍ ଷ୍ଟାଫ୍ ଲେଫ୍ଟନାଣ୍ଟ ଜେନେରାଲ ଇଆଲ ଜମିର କହିଛନ୍ତି। ହମାସର ଏହି ଆକ୍ରମଣରେ ୧, ୨୦୦ ଇସ୍ରାଏଲ ନାଗରିକ ମୃତ୍ୟୁବରଣ କରିଥିଲେ। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଯୋଗୁଁ ହମାସ ଏହି ଆକ୍ରମଣ କରିବାର ସୁଯୋଗ ପାଇଥିଲା। ଏହାକୁ ନେଇ ରବିବାର ଇସ୍ରାଏଲ୍‌ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାର ନିରପେକ୍ଷ ତଦନ୍ତ ପାଇଁ ବିକ୍ଷୋଭକାରୀମାନେ ଦାବି କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନରେ ୫୦୦, ୦୦୦ ଲୋକ ଅଂଶଗ୍ରହଣ କରିଥିଲେ। ଫଳରେ ଏହି ଅଧିକାରୀମାନଙ୍କ ବରଖାସ୍ତ କରିବା ପାଇଁ ସରକାରଙ୍କ ଉପରେ ଚାପ ବୃଦ୍ଧି ପାଇଥିଲା। କିନ୍ତୁ ବରଖାସ୍ତ ହୋଇଥିବା ଅଧିକାଂଶ ଅଧିକାରୀ ସେନ ଚାଡି ସାରିଛନ୍ତି ବୋଲି ଜଣାଯାଇଛି। ସେନାର ଏହି ନିଷ୍ପତ୍ତି କଷ୍ଟକର ବୋଲି ଆଇଡିଏଫ୍ ମୁଖ୍ୟ ଜମିର କହିଛନ୍ତି।

# ଦିଲ୍ଲୀରେ ଭୁଲ୍ ରନୱେରେ ଅବତରଣ କଲା ଆଫଗାନ୍ ବିମାନ



ନୂଆଦିଲ୍ଲୀ, ୨୪।୧୧(ଏଜେନ୍ସି): ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବମାନ ବନ୍ଦରରେ ଏକ ବଡ଼ ଧରଣର ଦୁର୍ଘଟଣା ଟଳି ଯାଇଛି। ଆଫଗାନିସ୍ତାନର ଏକ ବିମାନ ଭୁଲ ରନ୍‌ୱେରେ ଅବତରଣ କରିଥିଲା। ଉଡାଣ ଭରିବାକୁ ଥିବା ରନୱେରେ ଏହି ବିମାନ ଅବତରଣ କରିଥିଲା। ସୌଭାଗ୍ୟ ବଶତଃ ଏହି ରନୱେରେ କୌଣସି ବିମାନ ଠିଆ ହୋଇ ନଥିଲା। ନହେଲ ଏକ ବଡ଼ ଦୁର୍ଘଟଣା ଘଟିବା ନିଶ୍ଚିତ ଥିଲା। ରବିବାର ଦ୍ୱିପହର ୧୨.୦୬ରେ ଏହି ଘଟଣା ଘଟିଥିଲା। କିନ୍ତୁ ସୋମବାର ଏନେଇ ଗଣମାଧମରେ ଖବର ପ୍ରକାଶ ପାଇଥିଲା। ଆଫଗାନିସ୍ତାନର ଏରିଆନା ଏୟାର ଲାଇନ୍ସର ଏଫ୍‌ଜି ୩୧୧ ବିମାନର କାବୁଲରୁ ଆସୁଥିଲା। ବିମାନକୁ ରନୱେ ୨୯ ଲେଫ୍ଟରେ ଅବତରଣ କରିବାକୁ ଅନୁମତି ଦିଆଯାଇଥିଲା। କିନ୍ତୁ ପାଇଲଟ ଭୁଲ୍‌ରେ ଏହାକୁ ୨୯ ରାଇଟ୍‌ରେ ଅବତରଣ କରିଥିଲା। ଏହି ରନୱେରେ ସାଧାରଣତଃ ବିମାନ ଟେକ୍‌ଅଫ୍ କରିଥାଏ। ସେତେବେଳେ ଏହି ରେନ୍‌ୱେରେ କୌଣସି ବିମାନ ଉଡାଣ ଭରିବାକୁ ଠିଆ ହୋଇ ନଥିଲା। ବିମାନ ବନ୍ଦର କର୍ତ୍ତୁପକ୍ଷ ଏହି ଘଟଣାର ଯାଞ୍ଚ ଆରମ୍ଭ କରିଛି। ଏହି ଗମ୍ଭୀର ତ୍ରୁଟି ନେଇ ଆଫଗାନିସ୍ତାନ କର୍ତ୍ତୁପକ୍ଷକୁ ରିପୋର୍ଟ ଦିଆଯିବ ବୋଲି କୁହାଯାଇଛି। ଏହି ତ୍ରୁଟି କାରଣରୁ ଦୁର୍ଘଟଣା ନ ହେବା ଏକ ଚମତ୍କାର ବୋଲି କୁହାଯାଇଛି।

# ସ୍ୱଦେଶୀ ଯୁଦ୍ଧପୋତ 'ଆଇଏନ୍‌ଏସ୍ ମାହେ' ନୌସେନାରେ ସାମିଲ



ନୂଆଦିଲ୍ଲୀ, ୨୪।୧୧(ଏଜେନ୍ସି): ସ୍ୱଦେଶୀ ଜ୍ଞାନ କୌଶରେ ନିର୍ମିତ ଯୁଦ୍ଧପୋତ ଆଇଏନ୍‌ଏସ୍ ମାହେ ସୋମାବାର ଭାରତୀୟ ନୌସେନାରେ ସାମିଲ ହୋଇଛି। ଏହା ମାହେ- କ୍ଲାସର ପ୍ରଥମ ଆଣ୍ଟି ସବମେରିନ ଓ ଅପେକ୍ଷାକୃତ କମ୍ ଗହୀର ପାଣିରେ ଚାଲୁଥିବା ଯୁଦ୍ଧପୋତ। ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ଏହାକୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ପୁଡୁଚେରୀ ମାହେ ସହର ନାମ ଅନୁସାରେ ଏହାର ନାମକରଣ ହୋଇଛି। ମୁମ୍ବଇର ନୌସେନା ଡକୟାର୍ଡରେ ଆୟୋଜିତ କମିଶନିଙ୍ଗ୍ ସମାରୋହରେ ଭାରତୀୟ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସେ ୩ଟି ସେନାର ସଯୁକ୍ତ ସାମର୍ଥ୍ୟ ଓ ଶକ୍ତି ଉପରେ ଜୋର ଦେଇଥିଲେ। ସିନର୍ଜି ଅର୍ଥାତ ତାଳମେଳ ହିଁ ସଶସ୍ତ୍ର ବଳର ପ୍ରକୃତ ଶକ୍ତି। ଅପରେସନ ସିନ୍ଦୂରର ଉଦାହରଣ ଦେଇ ସେ ଏହି କଥା କହିଥିଲେ। ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଆଇଏନ୍‌ଏସ୍ ମାହେ ଓ ତା'ର କ୍ରୁ ମେମ୍ବରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା କେବଳ ନୌସେନା ନୁହଁ ପୂରା ଦେଶର ବିଶ୍ୱାସ ନେଇ ସାଥିରେ ଚାଲିବ। ଆଧୁନିକ ଯୁଗରେ ଯୁଦ୍ଧ କେବଳ ଗୋଟିଏ ସ୍ଥାନରେ ହେଉନାହିଁ। ଏହା ଜଳ, ସ୍ଥଳ, ଆକାଶ, ଅନ୍ତରୀକ୍ଷ ଓ ସାଇବର ସବୁ ସ୍ଥାନରେ ଯୁଦ୍ଧ ହେଉଛି। ୩ଟି ସେନା ସାଥି ହୋଇ ତାଳମେଳ ରକ୍ଷା କରିବା ସହ ନିଜ ରଣନୀତ ଅନୁସାରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏହି ଜାହାଜ କମ୍ ଗଭୀର ଜଳରେ ଅପରେସନ, କୋଷ୍ଟାଲ ପାଟ୍ରୋଲିଂ, ସାମୁଦ୍ରିକ ରାସ୍ତାର ସୁରକ୍ଷା ଓ ଶତ୍ରୁ ଦେଶରୁ ବୁଡ଼ା ଜାହଜକୁ ଖୋଜିବା ପ୍ରକ୍ରିୟାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ। ବିନା କୌଣସି ଶବ୍ଦରେ ଅତି ଶାନ୍ତ ଭାବେ ଏହି ଜାହଜ ତା'ର କାର୍ଯ୍ୟ କରିବ। ସେଥିପାଇଁ ଏହି ଜାହଜକୁ 'ସାଇଲେଣ୍ଟ ହଣ୍ଟର' ବୋଲି କୁହାଯାଇଛି। ଆଇଏନ୍‌ଏସ୍ ମାହେର ୮୦ ପ୍ରତିଶତ ଅଂଶ ଭାରତରେ ନିର୍ମିତ ହୋଇଛି। ଏହାକୁ କୋଚିନ ସିପ୍‌ୟାର୍ଡ ଲିମିଟେଡ (ସିଏସ୍‌ଏଲ୍)ରେ ପ୍ରସ୍ତୁତ କରାଯାଇଛି। ଏହା ନୌସେନାର ଆତ୍ମ ନିର୍ଭର ଭାରତ ଅଭିଯାନ ପାଇଁ ଏକ ବଳିଷ୍ଠ ପଦକ୍ଷେପ ବୋଲି ବିବେଚନା କରାଯାଉଛି।


# ଅରୁଣାଚଳରେ ଜନ୍ମିତ ମହିଳାଙ୍କ ପାସ୍‌ପୋର୍ଟକୁ ଅବୈଧ କହିଲା ଚୀନ

ବେଜିଂ, ୨୪।୧୧(ଏଜେନ୍ସି): ବ୍ରିଟେନରେ ରହୁଥିବା ଜଣେ ଭାରତୀୟ ମହିଳା ପେମ୍ ୱାଙ୍ଗଜଙ୍ଗ୍‌ଙ୍କୁ ଚୀନର ସାଂଘାଇ ବିମାନ ବନ୍ଦରରେ ଇମ୍ମିଗ୍ରେସ୍ ଅଧିକାରୀମାନେ ଘଣ୍ଟା ଘଣ୍ଟା ଧରି ଅଟକ ରଖିବା ସହ ଅସୁବିଧାରେ ପକାଇଥିଲେ ବୋଲି ଅଭିଯୋଗ କରିଛନ୍ତି। ଏକ ଗଣମାଧ୍ୟମ ଏଜେନ୍ସିକୁ ସେ କଥାବାର୍ତ୍ତା ବେଳେ ଏହି କଥା କହିଛନ୍ତି। ଚୀନ୍ ଅଧିକାରୀମାନେ ତାଙ୍କ ଭାରତୀୟ ପାସପୋର୍ଟକୁ ମାନିବାକୁ ମନା କରିଦେଇଥିଲେ। ପାସ୍‌ପୋର୍ଟରେ ତାଙ୍କ ଜନ୍ମସ୍ଥାନ ଅରୁଣାଚଳ ପ୍ରଦେଶ ଲେଖାଯାଇଥିବାରୁ ଅଧିକାରୀମାନେ ତାଙ୍କ ପାସ୍‌ପୋର୍ଟକୁ ଗ୍ରହଣ କରି ନଥିଲେ ବୋଲି ସେ କହିଛନ୍ତି। ନଭେମ୍ବର ୨୧ରେ ସେ ଲଣ୍ଡନରୁ ଜାପାନ ଯାଉଥିଲେ। କିନ୍ତୁ ସାଙ୍ଘାଇ ବିମାନ ବନ୍ଦରରେ ତାଙ୍କର ୩ ଘଣ୍ଟାର ଟ୍ରାନଜିଟ୍ ଥିଲା। ଅଧିକାରୀମାନେ ମୋ ପାସ୍‌ପୋର୍ଟକୁ ଅବୈଧ ବୋଲି କହିଥିଲେ। ଅରୁଣାଚଳ ପ୍ରଦେଶ ଚୀନ୍‌ର ଅଂଶ ବୋଲି ସେମାନେ କହିଥିବା କଥା ପେମ୍ ଗଣମାଧମକୁ କହିଛନ୍ତି। ମୋତେ ୧୮ ଘଣ୍ଟା ଧରି ପଚରା ଉଚରା କରିବା ସହ ପରିହାସ କରାଯାଇଥିଲା ବୋଲି ପେମ୍ କହିଛନ୍ତି। ଏହି ଅବସରରେ ମୋତେ କୌଣସି ସଠିକ ସୂଚନା ଦିଆଯାଇ ନଥିଲା ଓ ଖାଇବାକୁ ମଧ୍ୟ ଦିଆଯାଇ ନଥିଲା। କେବଳ ସେତିକି ନୁହଁ ବିମାନ ବନ୍ଦରର ସୁବିଧା ସୁଯୋଗ ବ୍ୟବହାର କରିବାକୁ ଦିଆଯାଇ ନଥିଲା ବୋଲି ସେ କହିଛନ୍ତି। ପେମ୍ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ନିକଟକୁ ଅଭିଯୋଗ କରି ଚିଠି ଲେଖିଛନ୍ତି। ଏହା ଦ୍ୱାରା ଭାରତର ସାର୍ବଭୌମତ୍ୱ ଓ ଅରୁଣାଚଳ ପ୍ରଦେଶ ନାଗରିକଙ୍କର ଅପମାନ ହୋଇଛି ବୋଲି ପେମ୍ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ସେମାନେ ପାସ୍‌ପୋର୍ଟକୁ ଜବତ କରିବା ସହ ଲିଗାଲ ଭିସା ସତ୍ତ୍ୱେ ଜାପାନ ଯିବାକୁ ଥିବା ଫ୍ଲାଇଟ୍‌ରେ ଚୀନ୍ ଅଧିକାରୀମାନେ ତାଙ୍କୁ ଚଢ଼ିବାକୁ ଦେଇ ନଥିଲେ। ଭାରତୀୟ ଦୂତାବାସର ସହାୟତାରେ ସେ ଏହି ସମସ୍ୟାରୁ ବାହାରିବା ସହ ଜାପାନ ଯାଇଥିଲେ।

# ପାକିସ୍ତାନକୁ ଅଣଦେଖା କରିବାର ଫଳ ଭୋଗୁଛି ଆମେରିକା

ୱାଶିଂଟନ, ୨୪।୧୧ (ଏଜେନ୍ସି): ଆମେରିକା ଗୁଇନ୍ଦା ଏଜେନ୍ସି ସିଆଇଏର ପୂର୍ବତନ ବରିଷ୍ଠ ଅଧିକାରୀ ଜେମ୍ସ ଲଲାର ପାକିସ୍ତାନ କଳାକାରନାମାର ମୁଖା ଖୋଲି ଦେଇଛନ୍ତି। ପୁଣିଥରେ ବିଶ୍ୱରେ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବା ଏହି ଦେଶ ନିନ୍ଦିତ ହୋଇଛି। ପାକିସ୍ତାନ କେମିତି ପରମାଣୁ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ କରୁଥିଲା, ଆଉ ଏହା ପଛରେ କିଏ କିଏ ରହିଥିଲେ ତାହାର ଗୁମର ଖୋଲି ଯାଇଛି। ପାକିସ୍ତାନୀ ବୈଜ୍ଞାନିକ ଡ.ଅବଦୁଲ କାଦିର ଖାନଙ୍କ 'ପରମାଣୁ ଚୋରାଚାଲାଣ ନେଟୱର୍କ'କୁ ନେଇ ଲଲାର ଅନେକ ସୂଚନା ଦେଇଛନ୍ତି। ପାକିସ୍ତାନକୁ ପ୍ରଥମେ ଅଣଦେଖା କରିବାର ଭଳ ଆଜି ଯାଏଁ ଆମେରିକା ଭୋଗୁଛି ବୋଲି ସେ କହିଛନ୍ତି।

ଏକ ସାକ୍ଷାତକାରରେ ଜେମ୍ସ କହିଛନ୍ତି ଯେ କାଦିର ଖାନ୍ କେବଳ ଆମେରିକା ପାଇଁ ପରମାଣୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବା ଆମେରିକା ଭାବୁଥିଲା। କିନ୍ତୁ ପରେ ସେ ଲିବିୟା, ଇରାନ ଭଳି ଅନେକ ଦେଶ ପାଇଁ ପରମାଣୁ ଜ୍ଞାନକୌଶଳ ଏବଂ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରିବାର ସାମଗ୍ରୀ ବେଆଇନ ଭାବେ ବିକ୍ରି କରୁଥିବା ଜଣାପଡ଼ିଥିଲା। ବହୁତ ବିଳମ୍ବରେ ଆମେରିକାର ନିଦ ଭାଙ୍ଗି ଥିଲା। କାଦର ଏତେ ବଡ଼ ଚୋର ବୋଲି ଆମେ ସ୍ୱପ୍ନରେ ସୁଧା ଭାବି ନ ଥିଲୁ। ସେ କିଛି ନେତା ଏବଂ ସେନା ଅଧିକାରୀଙ୍କ ସହ ମିଶି ଏପରି କରୁଥିଲା। ସେମାନଙ୍କୁ ମୋଟା ଅଙ୍କର ଲାଞ୍ଚ ଦେଉଥିଲେ। ସିଆଇଏର ପୂର୍ବତନ ମୁଖ୍ୟ ଜର୍ଜ ଟେନେଟ ଏ ବିଷୟରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ପରଭେଜ ମୁଶାରଫଙ୍କୁ ସୂଚନା ଦେଇଥିଲେ। ସେ ଏହା ଶୁଣି ରାଗି ଯାଇଥିଲେ ଏବଂ କାଦର ଖାନଙ୍କୁ ଗାଳି ଦେଇ ମାରି ଦେବେ ବୋଲି ଧମକ ଦେଇଥିଲେ।



କାଦିର ପାକିସ୍ତାନ ପରମାଣୁ କାର୍ଯ୍ୟକ୍ରମର ଜନକ ଭାବେ ପରିଚିତ। ସେହିପରି ତାଙ୍କ ନେଟୱର୍କକୁ ଭୁଶୁଡ଼ାଇବାର ଶ୍ରେୟ ଜେମ୍ସଙ୍କୁ ଯାଉଛି। ସିଆଇଏର ପୂର୍ବତନ ଅଧିକାରୀ ଏହି କାଦିରଙ୍କୁ ମୃତ୍ୟୁର ସୌଦାଗର କହୁଥିଲେ। ତାଙ୍କ ନେଟୱର୍କ ବହୁତ ବଡ଼ ଥିଲା। ସାରା ବିଶ୍ୱରେ ପରମାଣୁ ବୋମା ପ୍ରସ୍ତୁତିର ମେସିନ, ବ୍ଲୁ-ପ୍ରିଣ୍ଟ, ସେଣ୍ଟ୍ରିଫ୍ୟୁଜ ଏବଂ ୟୁରାନିୟମ ବିଶୁଦ୍ଧ କରିବାର ଜ୍ଞାନକୌଶଳକୁ ବେଆଇନ ଭାବେ ଅନ୍ୟ ଦେଶକୁ ପଠା ଯାଉଥିଲା। ସେ ବିଶ୍ୱର ସବୁଠୁ ବିପଜ୍ଜନକ ପରମାଣୁ ବ୍ଲାକ ମାର୍କେଟ ଚଳାଉ ଥିଲେ। ଏହା ୧୯୯୦ରେ ଜଣା ପଡ଼ିଥିଲା। ଏହି ନେଟୱର୍କରେ ସାମିଲ ହେବାର କାମ ଲଲାରଙ୍କୁ ଦିଆଯାଇଥିଲା। ସ୍ୱିଜରଲାଣ୍ଡ, ଜର୍ମାନୀ, ମାଲେସିଆ ଏବଂ ଦୁବାଇରେ ଜାଲ କମ୍ପାନୀ ଗଢ଼ା ଯାଇଥିଲା। ଏହା ମାଧ୍ୟମରେ ପରମାଣୁ ଡିଭାଇସ ବିକ୍ରି କରାଯାଉଥିଲା। ଖାନ୍‌ଙ୍କ ଲୋକ ଏହି କମ୍ପାନୀ ମାଧ୍ୟମରେ ସାମଗ୍ରୀ ଅର୍ଡର କରୁଥିଲେ। ଚୋରଙ୍କୁ ହରାଇବା ପାଇଁ ଆମକୁ ଚୋର ହେବାକୁ ପଡ଼ିଥିଲା। ଏହି ଜାଲ୍ କମ୍ପାନୀରୁ ଖରାପ ଯନ୍ତ୍ରାଂଶ ପଠା ଯାଉଥିଲା। ସେଥିପାଇଁ ଇରାନ ଏବଂ ଲିବିୟା ଭଳି ଦେଶର ସେଣ୍ଟ୍ରିଫ୍ୟୁଜ ବାରମ୍ବାର ଖରାପ ହେଉଥିଲା। ୨୦୦୩ରେ ଧରା ପଡ଼ିବାରୁ ଇରାନ ନିଜ ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିଥିଲା। ଇରାନକୁ ପରମାଣୁ ବୋମା ଜ୍ଞାନକୌଶଳ ଦିଆଯାଇଥିଲା। ଏହା ଉପରେ ଏବେ ବି ଇରାନ କାମ କରୁଛି। ଲଲାର କହିଛନ୍ତି ଯେ ୧୯୮୦ରେ ଆଫଗାନିସ୍ତାନରେ ସୋଭିଏତ ସଂଘ ସହ ଲଢିବା ପାଇଁ ଆମେରିକାକୁ ପାକିସ୍ତାନର ଆବଶ୍ୟକତା ଥିଲା। ତେଣୁ ଜାଣିଶୁଣି କାଦିରଙ୍କୁ ଆମରିକା ଅଣଦେଖା କରିଥିଲା। ଏହା ଏକ ବଡ଼ ଭୁଲ୍ ଥିଲା। ଆମେରିକା ଏହାର ଫଳ ଆଜି ଯାଏଁ ଭୋଗୁଛି। ଭାରତ ଏବଂ ଆମେରିକା ମିଶି ପରମାଣୁ ଚୋରାଚାଲାଣକୁ ରୋକିବା ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ସେ କହିଛନ୍ତି।

# ତାମିଲନାଡୁ: ଦୁଇ ବସ୍ ମୁହାଁମୁହିଁ ଧକ୍କାରେ ୬ ମୃତ

ତେନକାସୀ, ୨୪।୧୧(ଏଜେନ୍ସି): ତାମିଲନାଡୁର ତେନକାସି ଜିଲ୍ଲାରେ ସୋମାବାର ଦୁଇଟି ବସ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ବଡ଼ ଦୁର୍ଘଟଣା ଘଟିଛି। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ଜଣ ମହିଳା ଓ ଜଣେ ପୁରୁଷ ସାମିଲ ଅଛନ୍ତି। ଗୋଟିଏ ବସ ମଦୁରାଇରୁ ସେନକୋଟାଇ ଓ ଅନ୍ୟ ବସ୍‌ଟି ଟେନ୍‌କାସିରୁ କୋଭିଲପାଟି ଯାଉଥିବା ବେଳେ ସୋମବାର ସକାଳ ୧୧ଟାରେ ଏହି ଦୁର୍ଘଟଣା ଘଟିଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଡ୍ରାଇଭରର ତ୍ରୁଟି ଥିଲା ବୋଲି ପୁଲିସ କହିଛି। ମଦୁରାଇରୁ ସେନକୋଟାଇ ଯାଉଥିବା ବସ୍‌ର ଡ୍ରାଇଭର ବେପରୁଆ ଭାବେ ଓ ଦ୍ରୁତ ଗତିରେ ଗାଡ଼ି ଚଳାଉଥିଲେ। ଆହତ ଯାତ୍ରୀଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କର ଚିକିତ୍ସା ଚାଲିଛି। କିଛି ପୀଡିତଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଇଛି। ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ପୁଲିସ ଆଶଙ୍କା ପ୍ରକଟ କରିଛି। ୨୫ଟି ଆମ୍ବୁଲାନ୍ସରେ ଆହତଙ୍କୁ ହସ୍ପିଟାଲ ନିଆଯାଇଥିଲା। ବସରେ ଫସି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରିବା ପାଇଁ ଜେସିବିର ସହାୟତା ନିଆଯାଇଥିଲା। ବସ୍‌ର କ୍ଷତିଗ୍ରସ୍ତ ହୋଇଥିବା ଅଂଶକୁ କାଟି ଯାତ୍ରୀମାନଙ୍କୁ ବାହାରକୁ ନିଆଯାଇଥିଲା। ଦୁର୍ଘଟଣା ବେଳେ ଦୁଇଟି ବସ୍‌ରେ ମୋଟ୍ ୫୫ ଯାତ୍ରୀ ରହିଥିଲେ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମକ୍ଷେତ୍ର ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ବିନିଟ ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପ୍ରେମୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୮୬୬- ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ଉଦ୍‌ଘାଟନ।
- ୧୯୪୮- ଭାରତରେ ରାଷ୍ଟ୍ରୀୟ କ୍ୟାଡେଟ୍ କୋର୍ (ଏନ୍‌ସିସି)ର ସ୍ଥାପନା।
- ୧୯୬୦- ଭାରତରେ ପ୍ରଥମେ କାନପୁର ଓ ଲକ୍ଷ୍ନୌ ମଧ୍ୟରେ ଏସ୍‌ଟିଡି ସେବା ଆରମ୍ଭ ହେଲା।
- ୧୯୬୫- ଫ୍ରାନ୍ସ ପ୍ରଥମ ସାଟେଲାଇଟ୍ ଲଞ୍ଚ କଲା।
- ୨୦୦୧- ପାକିସ୍ତାନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋ ପାଞ୍ଚଦିନିଆ ଯାତ୍ରାରେ ଭାରତ ପହଞ୍ଚିଲେ।
- ୨୦୧୪: ପ୍ରସିଦ୍ଧ କଥକ ନୃତ୍ୟଶିଳ୍ପୀ ସିତାରା ଦେବୀଙ୍କ ପରଲୋକ।

# ଦୀର୍ଘ ଜୀବନର ରହସ୍ୟ କାମ



ଦୀର୍ଘାୟୁ ହେବା ତଥା ସୁସ୍ଥ ଜୀବନ କଥା ଉଠିଲେ ଅଧିକାଂଶ ଶାରୀରିକ ଓ ମାନସିକ ସୁସ୍ଥତା ସହ ହେଲଦି ଡାଏଟ୍ କଥା ଭାବିଥାନ୍ତି। ହେଲେ ଦୀର୍ଘାୟୁ ହେବାର ବି ଆଉ ଏକ ରହସ୍ୟ ଅଛି। ଯାହା ସମ୍ପର୍କରେ ଲୋକେ ଖୁବ୍ କମ୍ ଆଲୋଚନା କରିଥାନ୍ତି। ଦୀର୍ଘାୟୁ ହେବାର ଅନ୍ୟତମ ରହସ୍ୟ କାମକୁ କୁହାଯାଉଛି। ତେବେ ଏ ଲାଗି କାମକୁ ବୋଝ ବୋଲି ଭାବିବା ଉଚିତ ନୁହେଁ ବରଂ ଏହାର ମଜା ନେବାକୁ ପଡ଼ିଥାଏ। ଅନେକଙ୍କ ପାଇଁ କାମ ଚାପ ଓ ଥକ୍କାଯୁକ୍ତ ଲାଗେ। ହେଲେ ଜାପାନର ଲୋକପ୍ରିୟ ସୁଶୀ ସେଫ୍ ଜିରୋ ଓନୋ କାମକୁ ଜୀବନର ଶକ୍ତି ବୋଲି କହିଛନ୍ତି। ଜିରୋ ତାଙ୍କର ଶହେ ତମ ଜନ୍ମ ଦିବସ ଅକ୍ଟୋବର ୨୭ରେ ପାଳନ କରିଛନ୍ତି। ୧୦୦ଟି ବସନ୍ତ ଅତିକ୍ରମ କରିଥିବା ଜିରୋ ଏବେ ବି କାମରୁ ଅବସର ନେଇ ନାହାନ୍ତି। ତାଙ୍କ ସ୍ୱାସ୍ଥ୍ୟର ରହସ୍ୟ କ'ଣ ବୋଲି ପଚରାଯିବାରୁ ଜିରୋ କୁହନ୍ତି, ସବୁଦିନ ସେ ଏବେ ରେଷ୍ଟୋରାଁ ଯାଇପାରୁ ନାହାନ୍ତି। ହେଲେ ଯଥା ସମ୍ଭବ କାମ କରିବାକୁ ଚେଷ୍ଟା କରୁଛନ୍ତି। ତାଙ୍କ ମତରେ ମଣିଷ ପାଇଁ ମହୌଷଧି ହେଉଛି କାମ କରିବା। ଯଦିଓ ବୟସାଧିକ ଯୋଗୁ ତାଙ୍କ କାମ କରିବାର ବେଗ ପୂର୍ବ ଭଳି ନାହିଁ। ହେଲେ ତାଙ୍କ ଇଚ୍ଛାଶକ୍ତି ପୂର୍ବଭଳି ରହିଛି। ସେହିପରି ସୁଶୀ ତିଆରି କରିବା ତାଙ୍କ ପାଇଁ କେବଳ ଏକ କାମ ନୁହେଁ, ବରଂ ଜୀବନ ପ୍ରତି ଭଲପାଇବା ବୋଲି ସେ କହିଛନ୍ତି। ଆଜିର ବ୍ୟସ୍ତତାପୂର୍ଣ୍ଣ ଜୀବନରେ ଲୋକେ ଶୀଘ୍ର ଥକ୍କି ଯାଉଛନ୍ତି ଏବଂ ଅବସର ଅପେକ୍ଷାରେ ରହୁଛନ୍ତି। ନିଜ କାମକୁ ଭଲପାଇଲେ କେହି ଥକ୍କିବେ ନାହିଁ, ବରଂ ଏହା ଜଣକୁ ଜୀବନ ଜିଇଁବା ପାଇଁ ଉତ୍ସାହିତ କରିଥାଏ ବୋଲି ସେ କହିଛନ୍ତି। ତେଣୁ ଏ ଦୃଷ୍ଟିରୁ ଦୀର୍ଘାୟୁ ହେବାର ଜୀବନର ମୂଳ ରହସ୍ୟ କେବଳ ଖାଦ୍ୟ ଓ ବ୍ୟାୟାମ ନୁହେଁ, ବରଂ ଏମିତି କିଛି କାର୍ଯ୍ୟ କରିବା ଯାହା ମନକୁ ଆନନ୍ଦ ଦେଉଥିବ। ସେହିପରି ଚାପ ଗ୍ରସ୍ତ ହୋଇ କାମ କରୁଥିଲେ ଏମିତି ନ କରି ଏବେଠୁ ତାକୁ ଉପଭୋଗ କରିବାକୁ ଚେଷ୍ଟା କରନ୍ତୁ ବୋଲି ସେ କହିଛନ୍ତି।

# ନିଖୋଜଙ୍କୁ ଖୋଜିବାର ନିଆରା ଉପାୟ

ଦକ୍ଷିଣ କୋରିଆରେ ମାନବ ଚାଲାଣ ଚିନ୍ତାର ବିଷୟ ପାଲଟିଛି। କାରଣ ଗତ କିଛି ବର୍ଷ ମଧ୍ୟରେ ଏଠାରେ ମାନବ ଚାଲାଣ ମାମଲା ବଢ଼ି ଚାଲିଛି। ତେବେ ଏହି ଚାଲାଣରେ ଅଧିକାଂଶ ପିଲା ସାମିଲ ଅଛନ୍ତି। ଏଭଳି ସ୍ଥଳରେ ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ ନିଆରା ଉପାୟ ବାହାର କରାଯାଇଛି। ଏହି ଉପାୟ ମାଧ୍ୟମରେ ଅନେକ ନିଖୋଜ ମାମଲାର ସମାଧାନ ମଧ୍ୟ କରାଗଲାଣି। ସାଧାରଣତଃ ନିଖୋଜ ପିଲାମାନଙ୍କୁ ଖୋଜିବା ଲାଗି ପୋଷ୍ଟର ବଣ୍ଟାଯାଏ, ଟିଭିରେ ମଧ୍ୟ ସୂଚନା ପ୍ରଦାନ କରାଯାଏ। ଏହିସବୁ ଉପାୟ କାମ ନ କରିବା ପରେ କୋରିଆନ ନେସନାଲ ପୁଲିସ୍ ଏଜେନ୍ସି (କେନ୍‌ପିଏ) ହାର୍ ମାନିଲା ନାହିଁ। ଏଥିପାଇଁ କେନ୍‌ପିଏ ପକ୍ଷରୁ 'ହୋପ ଟେପ୍' ଅଭିଯାନ ଆରମ୍ଭ କରାଯାଇଥିଲା। ଏହା ହେଉଛି ଏକ ସାଧାରଣ ପ୍ୟାକେଜିଂ ଟେପ୍ ଯାହାକି ଡେଲିଭରି ସେବାକୁ ଏକ ସର୍ଚ୍ଚ ମିଶନରେ ପରିଣତ କରିଥିଲା। ତେବେ ଏଭଳି ଏକ ପରିକଳ୍ପନା ଚେଲ୍ ୱାର୍ଲଡ୍‌ୱାଇଡ୍ ଏଜେନ୍ସିର ଥିଲା। କରୋନା ମହାମାରୀ ଏହାକୁ ସୁଯୋଗ ଦେଇଥିଲା। ଲୋକେ ଏହି ସମୟରେ ଘରେ ବସି ସପିଂ କରୁଥିଲେ। ହୋପ୍ ଟେପ୍‌ରେ ଦୀର୍ଘଦିନ ପର୍ଯ୍ୟନ୍ତ ନିଖୋଜ ଥିବା ୨୮ ଜଣ ପିଲାଙ୍କ ବିବରଣୀ ପ୍ରିଣ୍ଟ କରାଯାଇଥିଲା। କେବଳ ସେତିକି ନୁହେଁ ପୁରୁଣା ଫଟୋ ସହ ଏଆଇ ଦ୍ୱାରା ବୟସ ବଢ଼ିବା ପରେ ସେମାନେ କିପରି ଦେଖାଯାଉଥିବେ ତା'ର ଫଟୋ ଲଗାଯାଇଥିଲା। ତା'ସହ ସେମାନଙ୍କ ଶାରୀରିକ ବୈଶିଷ୍ଟ୍ୟ ମଧ୍ୟ ଉଲ୍ଲେଖ କରାଯିବା ସହ କ୍ୟୁଆର କୋଡ୍ ବି ପ୍ରଦାନ କରାଯାଇଥିଲା। ତେବେ ଏହି ଅଭିଯାନ ସଫଳ ସାବ୍ୟସ୍ତ ହୋଇଛି ଏବଂ ଅନେକ ପିଲାଙ୍କୁ ଚିହ୍ନଟ ବି କରାଯାଇଛି। ଏହି ଟେପ୍ ୨୨ଟି ସେଣ୍ଟ୍ରାଲ ଅଫିସ୍‌ରେ ମାଗଣାରେ ମିଳୁଛି। ଡେଲିଭରି ପ୍ୟାକେଜ୍‌ରୁ ଏହି ଟେପ୍‌କୁ ଖୋଲିବା ମାତ୍ରେ ଲୋକେ ନିଖୋଜ ପିଲାମାନଙ୍କୁ ଦେଖିପାରନ୍ତି।



# 'ଦ ରାଜା ସାବ୍'ର ଗୀତ ରିଲିଜ୍



ସାଉଥ୍ ସୁପରଷ୍ଟାର୍ ପ୍ରଭାସ 'ବାହୁବଳି' ଫିଲ୍ମ ପରେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ହୋଇସାରିଛନ୍ତି। ଏବେ ପ୍ରଭାସ ତାଙ୍କ ହରର୍-କମେଡି ଫିଲ୍ମ 'ଦ ରାଜା ସାବ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ପୂର୍ବରୁ ଟିଜର୍ ଓ ଟ୍ରେଲର୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିବାବେଳେ ଏବେ ଏହି ଫିଲ୍ମର ପ୍ରଥମ ଗୀତ 'ରିବେଲ୍ ସାବ୍' ରିଲିଜ୍ ହୋଇଛି। ଏହି ଗୀତକୁ ରବିବାରଦିନ ହାଇଦ୍ରାବାଦସ୍ଥିତ ବିମଲ ଥିଏଟରରେ ଓ ଅନ୍‌ଲାଇନ୍‌ରେ ଲଞ୍ଚ କରାଯାଇଛି। ଏହାକୁ ତାମିଲ, କନ୍ନଡ଼, ମାଲାୟଲମ୍ ଓ ହିନ୍ଦୀରେ ରିଲିଜ୍ କରାଯାଇଛି। ଏଥିରେ ପ୍ରଭାସ ରଙ୍ଗୀନ ପୋଷାକ ପିନ୍ଧି ଜବରଦସ୍ତ ନାଚୁଥିବାର ଦେଖାଯାଉଛି। ଦର୍ଶକଙ୍କୁ ଏହି ଗୀତ ବେଶ୍ ପସନ୍ଦ ଆସିଛି। 'ଦ ରାଜା ସାବ୍' ଆସନ୍ତା ଜାନୁଆରୀ ୯ରେ ପରଦାକୁ ଆସିବ। ଏଥିରେ ମାଳବିକା ମୋହନନ୍, ନିଧି ଅଗ୍ରୱାଲ, ରିଦ୍ଧି କୁମାର, ଯୋଗୀ ବାବୁ, ଜରିନା ବହାବ ଲିଡ୍ ରୋଲରେ ନଜର ଆସିବେ। ୪୫୦ କୋଟି ବଜେଟ୍‌ରେ ନିର୍ମିତ 'ଦ ରାଜା ସାବ୍' ନିର୍ଦ୍ଦେଶନା ଦେଇଛନ୍ତି ମାରୁତି ଦସାରି। ଏହି ଫିଲ୍ମ ପାଇଁ ପ୍ରଭାସ ୧୦୦ କୋଟି ନେଇଥିବା ଚର୍ଚ୍ଚା ହେଉଛି।



# ସୁ ବର୍ଣ୍ଣା

## କୃଷି ପାଠଶାଳା

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନ କେଣ୍ଡାରେ ଶତକଡ଼ା ୮୫ ଭାଗ ପାଚିଯାଇଥିଲେ କାଟି ନିଅନ୍ତୁ।
- ମୁଗ ଓ ବିରି ବିହନ ବୁଣିବାର ଦୁଇ ଦିନ ମଧ୍ୟରେ ଘାସ ନିୟନ୍ତ୍ରଣ ପାଇଁ ମାଟି ଓଦା ଥିବା ଅବସ୍ଥାରେ ଏକର ପ୍ରତି ୧ ଲିଟର ପେଣ୍ଡିମିଥାଲିନ୍ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଶୀତଦିନିଆ ପନିପରିବା ତଳିଘରାରେ ବିହନ ବୁଣିବା କାର୍ଯ୍ୟ ସମାପ୍ତ କରନ୍ତୁ। ସକାଳ ଓ ସନ୍ଧ୍ୟା ସମୟରେ ପନିପରିବା ତଳିଘରାରେ ଜଳସେଚନ କରନ୍ତୁ।
- ୨୫ରୁ ୩୦ ଦିନର ପନିପରିବା ଚାରା ଯଥା -ଟମାଟୋ, ବାଇଗଣ, ଲଙ୍କା ଆଦିକୁ ମୁଖ୍ୟ ଜମିରେ ରୋପଣ କରିଦିଅନ୍ତୁ।
- କୋବି ଫସଲରେ ଠିକିରି ପିଠିଆ ପୋକର ପରିଚାଳନା ପାଇଁ ଏକର ପ୍ରତି ୬ରୁ ୮ଟି ଆଲୋକଯନ୍ତା ଲଗାନ୍ତୁ।
- କଦଳୀ କାନ୍ଦି ଅମଳ ଯୋଗ୍ୟ ହୋଇଥିଲେ, ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଶୀତଋତୁରେ ଗାଈଗୋରୁମାନଙ୍କୁ ବାୟୁ ଚଳାଚଳ ଗୁହାଳରେ ରଖନ୍ତୁ। ଗୁହାଳର ଚଟାଣ ସଫା ଓ ଶୁଖିଲା ରଖନ୍ତୁ। ସେମାନଙ୍କୁ ପ୍ରତିଦିନ ମିନେରାଲ ମିକ୍ସର ସହ ଲୁଣ, ଚୋକଡ଼ ଓ ଗୁଡ଼ ୧୦ରୁ ୨୦ ଶତକଡ଼ା ମିଶାଇ ଖାଇବାକୁ ଦିଅନ୍ତୁ।

## ଅନନ୍ୟ ଚାଷୀ

# ବର୍ଜ୍ୟରୁ କୃଷିଯନ୍ତ୍ର ନିର୍ମିତ



ବର୍ଜ୍ୟ ଭଙ୍ଗା ଲୁହାକୁ ବ୍ୟବହାର କରି ହରିୟାଣା, ହିସାର ଜିଲ୍ଲା, ସାତରୋଡ଼ର ଚାଷୀ ରାଜେନ୍ଦ୍ର ପୁନିଆ ତିନିଟି କୃଷି ଯନ୍ତ୍ର ବନାଇଛନ୍ତି। ଡିଏସ୍‌ଆର୍ ଯନ୍ତ୍ର ଡିଜାଇନ୍ କରି ଏଥିରେ ରୋଟାଭେଟର୍‌କୁ ସଂଯୋଗ କରି ସେ ଧାନ ଧାଡ଼ି ବୁଣା କରିଥିଲେ। ଏହା ଦ୍ୱାରା ଜମିପ୍ରସ୍ତୁତ ସହିତ ବିହନ ବୁଣା କାମ ଏକାସାଙ୍ଗରେ ହୋଇଥିଲା। ଏହି ଯନ୍ତ୍ରଟି ବିହନକୁ ମାଟିରେ ସମାନ୍ତରାଳ ଭାବେ ଖୋଳି ବିହନ ପୋତିଥାଏ। ତେଣୁ ପାରମ୍ପରିକ ବୁଣା ତୁଳନାରେ ଏହି ଯନ୍ତ୍ରରେ ପାଣି ଓ ଡିଜେଲ ଖର୍ଚ୍ଚ କମ୍ ହୋଇଥିଲା। ସେହିପରି ସେ 'ଟାର୍ଜନ' ନାମକ ଦେଶୀ ଯୋଗାଡ ବିକଶିତ କରିଛନ୍ତି। ଏହା ବିନା ଟ୍ରାକ୍ଟରରେ ଚାଲିପାରିବ। ହାଲୁକା ଏବଂ ସ୍ୱୟଂଚାଳିତ ଏହି ଯନ୍ତ୍ରଟି ଜମିରେ ହଳ କରେ, ପଥରକୁ ଭାଙ୍ଗେ, ଘାସନିୟନ୍ତ୍ରଣ, ଖତକୁ ପ୍ରୟୋଗ କରିବା କାମ କରିଥାଏ। ଏତିକିରେ ଅଟକିନି ରାଜେନ୍ଦ୍ରଙ୍କ ସୃଜନଶୀଳତା। ଶସ୍ୟକୁ ସଫା କରିବାକୁ ସେ ବର୍ଜ୍ୟରୁ ଏକ ସ୍ୱତନ୍ତ୍ର ପଙ୍ଖା ବିକଶିତ କରିଛନ୍ତି। ଏହି ପଙ୍ଖା ଏତେ ଶକ୍ତିଶାଳୀ ଯେ, ଘଣ୍ଟାକରେ ୧୨୦ରୁ ୧୫୦ କି.ଗ୍ରା ଶସ୍ୟ ଯଥା- ଗହମ, ଧାନ, ଗୁଆର, ବାଜରା ଆଦିକୁ ସଫା କରିପାରିଥାଏ।

# ମାଛଙ୍କ ଖାଦ୍ୟପେୟରେ ସତର୍କତା

ଶୀତଋତୁରେ ପୋଖରୀର ପାଣି ଶୀଘ୍ର ଥଣ୍ଡା ହୋଇଥାଏ। ଥଣ୍ଡା ପାଣି ମାଛମାନଙ୍କ ଶରୀରକୁ ଅଧିକ ପ୍ରଭାବିତ କରିଥାଏ। ତେଣୁ ଏହି ସମୟରେ ନିୟମିତ ପାଣିର ତାପମାତ୍ରା ଓ ଅମ୍ଳଜାନ ଚେକ୍ କରିବା ସହ ମାଛଙ୍କ ଖାଦ୍ୟପେୟରେ ବିଶେଷ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।

- ଶୀତଦିନେ ପୋଖରୀର ଥଣ୍ଡା ପାଣି ଯୋଗୁ ମାଛ ବିଭିନ୍ନ ରୋଗରେ ପୀଡ଼ିତ ହୁଅନ୍ତି। ତେଣୁ ପାଣିର ତାପମାତ୍ରା ସନ୍ତୁଳିତ ରଖିବାକୁ ସକାଳ ଏବଂ ସନ୍ଧ୍ୟା ସମୟରେ ମଟର ଚଳାଇ ପୋଖରୀ ପାଣିରେ ନଳକୂପ ପାଣି ମିଶାଇ ପାରିବେ। ପାଣିର ସ୍ୱଚ୍ଛତାକୁ ଧ୍ୟାନ ଦିଅନ୍ତୁ।
- ତାପମାତ୍ରା କମିବା ଦ୍ୱାରା ମାଛଙ୍କ ପାଚନ ଶକ୍ତି ଧୀମା ହୋଇଯାଏ। ସେମାନଙ୍କ ଖାଇବା ପରିମାଣ କମିଯାଏ। ମାଛଙ୍କୁ ଉଚ୍ଚମାନ ତଥା ପୌଷ୍ଟିକ ଖାଦ୍ୟ ଦେଇ ପାରିବେ। ଖାଦ୍ୟରେ ପ୍ରୋଟିନ୍ ମାତ୍ରା ୨୮%ରୁ ୩୦% କରି ରଖନ୍ତୁ। ଦିନରେ ଗୋଟିଏ ଥର ଅପରାହ୍ନ ୩ଟା ସମୟରେ ମାଛଙ୍କୁ ଖାଇବାକୁ ଦେବା ଉଚିତ। କାରଣ ସେହି ସମୟରେ ପୋଖରୀ ପାଣିର ଉତ୍ତାପ ସର୍ବାଧିକ ରହିଥାଏ। ଫ୍ଲୋଟ୍ ଫିଡିଂ ମାଧ୍ୟମରେ ମାଛଙ୍କୁ ଉଚ୍ଚମାନ ଖାଦ୍ୟ ଖାଇବାକୁ ଦେବା ଉଚିତ।
- ପାଣିର ତାପମାତ୍ରା ୨୪ ଡିଗ୍ରୀ ତଳକୁ ଖସିଲେ ଦାନା ପକାଇବା ପରିମାଣ କମ୍ କରିବା ଆବଶ୍ୟକ। ମାଛ ଅଧଘଣ୍ଟାରେ ଯେତିକି ଖାଦ୍ୟ ଖାଇବେ ସେତିକି ଖାଦ୍ୟ ଦିଅନ୍ତୁ। ଅଧଘଣ୍ଟା ପରେ ଯଦି ଖାଦ୍ୟ ବଳକା ରୁହେ ଖାଦ୍ୟ ପରିମାଣ କମ୍ କରନ୍ତୁ। ସେହିପରି ଅଧଘଣ୍ଟା ଭିତରେ ଯଦି ଖାଦ୍ୟ ସରିଯାଉଛି, ତାହେଲେ ଖାଦ୍ୟ ପରିମାଣକୁ ସେହି ଅନୁପାତରେ ବଢ଼ାଇ ପାରିବେ।



# ଫସଲକୁ ପ୍ରଭାବିତ କରିପାରେ ପ୍ରଦୂଷିତ ବାୟୁ

ଅଧୁନା ଭାରତର ଦିଲ୍ଲୀ ସମେତ ପ୍ରମୁଖ ସହରରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଚାରିଆଡ଼େ ଧୂଆଁମୟ ପରିସ୍ଥିତି। ହେଲେ ଜାଣନ୍ତିକି, ପ୍ରଦୂଷିତ ବାୟୁ ଫସଲକୁ ପ୍ରଭାବିତ କରିଥାଏ। ତେଣୁ ବାୟୁ ପ୍ରଦୂଷଣରୁ ଫସଲକୁ କେମିତି ସୁରକ୍ଷା ଦେବେ ଜାଣନ୍ତୁ।



ବାୟୁରେ ବିଷାକ୍ତମାତ୍ରା ବୃଦ୍ଧି ପାଇଲେ ଗଛ ଏବଂ ପତ୍ରରେ ଏକ ପରସ୍ତ ଭଳି ବସିଯାଏ। ଏହାଦ୍ୱାରା ଗଛକୁ ସୂର୍ଯ୍ୟକିରଣ ପହଞ୍ଚି ପାରେ ନାହିଁ। ଗଛକୁ ଆଲୋକ ଏବଂ ଅମ୍ଳଜାନ ମିଳିପାରୁନଥିବାରୁ ଗଛର ବିକାଶ ହୁଏନି। ଗଛରେ କଳା ଦାଗ ପଡ଼ି ପତ୍ର ମଉଳିଯାଏ। ପତ୍ରଜନିତ ରୋଗ ସୃଷ୍ଟି ହୁଏ। ଫସଲ ପ୍ରଭାବିତ ହୁଏ। ଫୁଲ ଓ ଫଳ ଆସିବାରେ ମଧ୍ୟ ସମସ୍ୟା ହୁଏ।

**କେଉଁ ଫସଲକୁ କ୍ଷତି:** ମୁଖ୍ୟତଃ ବାୟୁ ପ୍ରଦୂଷଣର ପ୍ରଭାବ ତୁଳସୀ, ମନିପ୍ଲାଣ୍ଟ, ଗୋଲାପ, ଘି-କୁଆଁରୀ, ଟମାଟୋ, ବାଇଗଣ, ଲଙ୍କା, କଖାରଜାତୀୟ ଗଛକୁ ନଷ୍ଟ କରିଥାଏ। ସେହିପରି ରୋପଣଶାଳା ବଗିଚାରେ ବାଇଗଣ, ଲଙ୍କା, ଟମାଟୋ ଆଦି ଫସଲରେ ଉତ୍ପାଦନ ହ୍ରାସ ପାଇଥାଏ।

**ସୁରକ୍ଷିତ ଉପାୟ:** ପତ୍ରରୁ ଧୂଳି ସଫା କରିବାକୁ ହାଲୁକା ପାଣି ସିଞ୍ଚନ କରିପାରିବେ। ଏହାଦ୍ୱାରା ଗଛକୁ ଅମ୍ଳଜାନ ଓ ବାୟୁ ଚଳାଚଳ ହୋଇପାରେ। ଗଛ ମୂଳେ ଶୁଖିଲା ପତ୍ର, କୋକୋପିଟ୍, ଖତ ପକାଇଲେ ମାଟିର ଆର୍ଦ୍ରତା ଠିକ୍ ରହିଥାଏ। ସକାଳ ୮ଟା ପୂର୍ବ ଏବଂ ସନ୍ଧ୍ୟା ୫ଟା ପରେ ଜଳସେଚନ କରନ୍ତୁ। ନିମ୍ବ ତେଲ, ପଟାସିୟମ ବାଇକାର୍ବୋନେଟ୍ ସ୍ପ୍ରେ ଗଛକୁ ପ୍ରଦୂଷଣ ପ୍ରଭାବରୁ ସୁରକ୍ଷା ଦିଏ। ଇନ୍‌ଡୋର ପ୍ଲାଣ୍ଟକୁ ଘର ଭିତରେ ରଖନ୍ତୁ। ୧୫ ଦିନ ଅନ୍ତରରେ ଗଛରେ ହ୍ୟୁମିକ୍ ଏସିଡ୍, ଗୋମୂତ୍ର, ନିମ୍ବ ଖତ ଆଦି ପ୍ରୟୋଗ କଲେ, ଗଛରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।

## ଜାନ୍‌ସେନ୍‌ଙ୍କୁ ୬ ୱିକେଟ, ଲଢ଼ିଲେ ସୁନ୍ଦର-କୁଲଦୀପ

# ଦକ୍ଷିଣ ଆଫ୍ରିକା ନିୟନ୍ତ୍ରଣରେ ବର୍ଷାପଡ଼ା ଟେଷ୍ଟ

ଗୌହାଟୀ,୨୪।୧୧(ଏଜେନ୍ସି)

ଘରୋଇ ମାଟିରେ ଟେଷ୍ଟ କ୍ରିକେଟ ଖେଳିବାର କଳା ଭୁଲିଗଲାଣି ଭାରତ। ଏଠାରେ ଦକ୍ଷିଣ ଆଫ୍ରିକା ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଦଳର ତଥାକଥିତ ସୁପରଷ୍ଟାର ମାନେ କ୍ରିକେଟ ଖେଳର ସବୁ ବିଭାଗରେ ଫେଲ୍ ମାରିଛନ୍ତି। ଯାହା ଫଳରେ ଏଠାରେ ଭାରତ ମ୍ୟାଚ୍ ବଞ୍ଚାଇବାକୁ ସଂଘର୍ଷ କରୁଛି। ଭାରତର ବୋଲିଂ ଫେଲ୍ ମାରିବା ପରେ ଏଠାରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ କରିଥିଲା ୪୮୯ ରନ୍। ଜବାବରେ କାମଚଳା ଅଧିନାୟକ ଋଷଭ ପନ୍ତଙ୍କ ନେତୃତ୍ୱରେ ଖେଳୁଥିବା ଭାରତ ପ୍ରତିପକ୍ଷ ପେସ୍ (ଜାନସେନ-୬/୪୮) ଓ ସ୍ପିନ୍ (ହାର୍ମର (୩/୬୪) ବୋଲିଂର ମୁକାବିଲା କରି ନ ପାରି ପ୍ରଥମ ଇନିଂସରେ କରିଥିଲା ୨୦୧ ରନ୍। ଯାହା ଫଳରେ ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକାକୁ ୨୮୮ ରନ୍‌ର ଅଗ୍ରଣୀ ମିଳିଥିଲା। କିନ୍ତୁ ଦଳ ଭାରତକୁ ଫଲୋଅନ୍ ନ ଦେଇ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ତୃତୀୟ ଦିନ ଖେଳ ଶେଷ ସୁଦ୍ଧା କୌଣସି ୱିକେଟ ନ ହରାଇ ୨୬ ରନ୍ ସଂଗ୍ରହ କରିନେଇଛି। ଏହା ଫଳରେ ଦଳ ୩୧୪ ରନ୍‌ରେ ଆଗୁଆ ରହି ଏହି ଟେଷ୍ଟରେ ନିଜର ସ୍ଥିତି ସୁଦୃଢ଼ କରିଛି। ଖେଳ ଆଉ ଦୁଇ ଦିନ ଥିଲାବେଳେ ଭାରତ ଯଦି ଅତି ଭଲ ବ୍ୟାଟିଂ ନ କରେ ତେବେ ମ୍ୟାଚ୍ ଓ ସିରିଜ୍ ହାରିଯିବାର ଆଶଙ୍କା ପ୍ରକାଶ ପାଇଛି। ଭ୍ରମଣକାରୀ ଦଳ ଦୀର୍ଘ ୧୭ ବର୍ଷ ପରେ କୋଲକାତାରେ ଖେଳାଯାଇଥିବା ପ୍ରଥମ





ଟେଷ୍ଟକୁ ଜିତି ନେଇଥିଲା। ଏଠାରେ ଦଳ ଯଦି ମ୍ୟାଚ୍ ବିଜୟୀ ହୁଏ କିମ୍ବା ଡ୍ର ରଖେ, ତେବେ ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ଐତିହାସିକ ଟେଷ୍ଟ ସିରିଜ୍ ବିଜୟୀ ହେବ।

ଏହି ଟେଷ୍ଟର ତୃତୀୟ ଦିନରେ ଭାରତର ପ୍ରଥମ ଇନିଂସ ୭ ୱିକେଟରେ ୧୨୨ରନ୍‌ରେ ପହଞ୍ଚିଥିଲା। ଏହି ସମୟରେ ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବ ୮ମ ୱିକେଟ ଭାଗୀଦାରିରେ ୨୦୮ ବଲ୍‌ରୁ ୭୨ ରନ୍ ଉଠାଇ ଦଳର କିଛି ସମ୍ମାନ ରଖିଥିଲେ। ୪୮ ରନ୍‌ରେ ସୁନ୍ଦର ଆଉଟ ହେବା ସହ ଭାରତ ଇନିଂସ ୨୦୧ ରନ୍‌ରେ ଶେଷ ହୋଇଯାଇଥିଲା। କୁଲଦୀପ ୧୩୪ ବଲ୍ ଖେଳି ୧୯ ରନ୍ କରିଥିଲେ। ଏହା ଫଳରେ ଏହି ସିରିଜ୍‌ରେ ସେ ସର୍ବାଧିକ ବଲ୍ ଖେଳିବାର ରେକର୍ଡ କରିଥିଲେ। ଏଥିରୁ ସ୍ପଷ୍ଟ ହେଉଛି, ଭାରତର ଟପ୍ ଅର୍ଡର ବ୍ୟାଟରଙ୍କ ଅନିଚ୍ଛା ଯୋଗୁ କ୍ରିଜ୍‌ରେ ବେଶି ସମୟ ରହୁନାହାନ୍ତି। ଭାରତ ପକ୍ଷରୁ ଜୟସ୍ୱାଲ ୫୮ ଓ ସୁନ୍ଦରଙ୍କ ୪୮କୁ ଛାଡିଦେଲେ ଅନ୍ୟ କେହି କ୍ଲିକ୍ କରିନାହାନ୍ତି। ରାହୁଲ ୨୨, ସାଇ ସୁଦର୍ଶନ ୧୫, ଧ୍ରୁବ ଜୁରେଲ ୦, ଋଷଭ ପନ୍ତ ୭, ରବୀନ୍ଦ୍ର ଜାଡେଜା ୬ ଓ ନୀତୀଶ କୁମାର ରେଡ୍ଡୀ ୧୦ ରନ୍‌ରେ ଆଉଟ ହୋଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଫାଷ୍ଟ ବୋଲର ମାର୍କୋ ଜାନ୍‌ସେନ୍ ଚମତ୍କାର ବୋଲିଂ କରି ୪୮ ରନ୍‌ରେ ୬ଟି ଓ ଅଫ୍ ସ୍ପିନର ସାଇମନ ହାର୍ମର ୩ଟି ୱିକେଟ ପାଇଥିଲେ। ବ୍ୟାଟିଂରେ ଜାନ୍‌ସେନ ମଧ୍ୟ ୯୧ ବଲ୍‌ରୁ ୯୩ ରନ୍‌ର ଭଲ ଇନିଂସ ଖେଳିଥିଲେ। ଭାରତରେ ଗୋଟିଏ ଟେଷ୍ଟରେ ୬ ୱିକେଟ ନେବା ଓ ଅର୍ଦ୍ଧଶତକ ହାସଲ କରିବାରେ ସେ ଦକ୍ଷିଣ ଆଫ୍ରିକାର ପ୍ରଥମ ଖେଳାଳି ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:** ୪୮୯/୧୦ (ମୁଥୁସାମୀ-୧୦୯, ଜାନ୍‌ସେନ୍- ୯୩, କୁଲଦୀପ- ୪/୧୧୫) ଓ ଦ୍ୱିତୀୟ ଇନିଂସ: ୨୬/୦।
**ଭାରତ ପ୍ରଥମ ଇନିଂସ:** ୨୦୧/୧୦ (ଜୟସ୍ୱାଲ-୫୮, ସୁନ୍ଦର-୪୮, ଜାନ୍‌ସେନ୍- ୬/୪୮, ହାର୍ମର- ୩/୬୪)।

■ ୨୩ ବର୍ଷରୁ କମ୍ ମହିଳା ଟି-୨୦

## ଓଡ଼ିଶାର ସହଜ ବିଜୟ



ଭୁବନେଶ୍ୱର, ୨୪।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ଥିରୁଅନନ୍ତପୁରମରେ ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୮୫ ରନରେ ସିକ୍କିମକୁ ପରାସ୍ତ କରିଛି। ଅଲିସ୍ପା ବିଶ୍ୱାଳ (୨୯ ବଲରେ ଅପରାଜିତ ୫୧ ରନ)ଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୪ ୱିକେଟ୍‌ରେ ୧୫୨ ରନ କରିଥିଲା। ସିକ୍କିମର ପ୍ରିତୀକା ଛେତ୍ରୀଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ ସିକ୍କିମ ସମ୍ପୂର୍ଣ୍ଣ ୨୦ ଓଭର ଖେଳି ୭ ୱିକେଟରେ ମାତ୍ର ୬୭ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟୀ ଦଳର ଏସ୍‌ବି ଲରେନ୍ସ ୨ଟି ଓ ଜ୍ୟୋତି ପ୍ରସାଦଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

# ସେଫିଲ୍ଡ ସିଲ୍ଡରେ ଶତକ: ନିଖିଳ ପ୍ରଥମ ଭାରତୀୟ

ସିଡ୍‌ନୀ, ୨୪।୧୧ (ଏଜେନ୍ସି): ଅଷ୍ଟ୍ରେଲିଆର ଘରୋଇ ପ୍ରଥମ ଶ୍ରେଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସେଫିଲ୍ଡ ସିଲ୍ଡରେ ଶତକ ମାରି ଭାରତୀୟ ଖେଳାଳି ନିଖିଳ ଚୌଧୁରୀ ଇତିହାସ ପୃଷ୍ଠାରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ତାସମାନିଆ ପକ୍ଷରୁ ଖେଳି ନ୍ୟୁ ସାଉଥ୍ ୱେଲ୍ସ ଦଳ ବିପକ୍ଷରେ ନିଖିଳ ୧୬୩ ରନର ମାରାଥନ ଇନିଂସ ଖେଳିଥିଲେ। ଫଳରେ ଚଳିତ ଶତାବ୍ଦୀରେ ପ୍ରଥମ ଭାରତୀୟ କ୍ରିକେଟର୍ ଭାବେ ୨୯ ବର୍ଷୀୟ ନିଖିଳ ସେଫିଲ୍ଡ ସିଲ୍ଡ ଟୁର୍ଣ୍ଣାମେଣ୍ଟରେ ଶତକ ମାରିବାର ସୌଭାଗ୍ୟ ଲାଭ କରିଛନ୍ତି। ତାଙ୍କର ଏହି ଶତକ ବଳରେ ତାସମାନିଆ ପ୍ରଥମ ପାଳିରେ ୮ ୱିକେଟରେ ୬୨୩ ରନର ବିଶାଳ ସ୍କୋର କରିଛି।



ଦିଲ୍ଲୀ ଜନ୍ମିତ ନିଖିଳ ପଞ୍ଜାବ ପକ୍ଷରୁ ବିଜୟ ହଜାରେ ଟ୍ରଫି କ୍ରିକେଟ୍ ଖେଳିଛନ୍ତି। ସେ ଶୁବମନ ଗିଲ୍, ଅଭିଷେକ ଶର୍ମା ଓ ଅର୍ଶଦୀପ୍ ସିଂହଙ୍କ ଭଳି ଖେଳାଳିଙ୍କ ସହ ଏକାଠି ଡ୍ରେସିଂ ରୁମ ଶେୟାର କରିଛନ୍ତି। ତେବେ ୨୦୨୦ ମସିହାରେ ସେ ଏକ ସଂକ୍ଷିପ୍ତ ସମୟ ଲାଗି ଅଷ୍ଟ୍ରେଲିଆ ଯାଇଥିଲେ। କିନ୍ତୁ କୋଭିଡ୍-୧୯ ଲାଗି ସେଠାରେ ଫସି ରହିଥିଲେ। ଏହାପରେ ସେ ଅଷ୍ଟ୍ରେଲିଆରେ ସ୍ଥାୟୀ ଭାବେ ରହି ସେଠାକାର ନାଗରିକତ୍ୱ ଗ୍ରହଣ କରିଥିଲେ। କିନ୍ତୁ କ୍ରିକେଟ୍ ଖେଳକୁ ଜାରି ରଖିବା ତାଙ୍କ ଲାଗି ସହଜ ନ ଥିଲା। ସେ ଖେଳ ସହିତ ପାର୍ଟଟାଇମ ଚାକିରି ଭାବେ ମାଂସ କାଟିବା, ପାର୍ସଲ ଡେଲିଭରୀ ଓ ଉବେର ଗାଡ଼ି ଚଳାଉଥିଲେ।

■ ଜାତୀୟ ଜୁନିଅର ବାଳିକା ଫୁଟ୍‌ବଲ

## ବିହାର ବିପକ୍ଷରୁ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୨୪।୧୧ (ସମିସ): ଅନନ୍ତପୁରରେ ଚାଲିଥିବା ଜାତୀୟ ଜୁନିଅର ବାଳିକା ଫୁଟ୍‌ବଲ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବା ଲାଗି ୨୦ ଜଣିଆ ଓଡ଼ିଶା ଦଳ ସୋମବାର ଆନ୍ଧ୍ର ପ୍ରଦେଶ ଅଭିମୁଖେ ଗସ୍ତ କରିଛି। ଏହି ଚାମ୍ପିଅନସିପ୍‌ରେ ଓଡ଼ିଶା ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାର ଏହି ଗ୍ରୁପ୍‌ରେ ରହିଛନ୍ତି। ନଭେମ୍ବର ୨୮ ରେ ବିହାର ବିପକ୍ଷରେ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ। ଏହାପରେ ଓଡ଼ିଶା ୩୦ରେ ପଶ୍ଚିମବଙ୍ଗଙ୍କୁ ଏବଂ ଡିସେମ୍ବର ୨ରେ ଝାଡ଼ଖଣ୍ଡ ସହ ଶେଷ ଗ୍ରୁପ୍ ମ୍ୟାଚ୍ ଖେଳିବ। ଚାରୋଟି ଯାକ ଗ୍ରୁପ୍‌ର ପଏଣ୍ଟ ଟେବଲ ଶୀର୍ଷରେ ରହିଥିବା ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ସୋମବାର ଆନ୍ଧ୍ର ଗସ୍ତ କରିବା ପୂର୍ବରୁ ଓଡ଼ିଶା ଦଳର ଖେଳାଳି ଓ ୪ଜଣ ସପୋର୍ଟ ଷ୍ଟାଫ୍‌ଙ୍କୁ କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଯାଇଥିଲା।

■ ଆନ୍ତଃଜିଲ୍ଲା ଟିଟି ଚାମ୍ପିଅନସିପ୍

## ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

ଭୁବନେଶ୍ୱର,୨୪।୧୧(ସମିସ): ସିଡିଏ ସେକ୍ଟର-୭ରେ ଥିବା ବିଜୁ ପଟ୍ଟନାୟକ ଇଣ୍ଡୋର ହଲ୍‌ରେ ଚାଲିଥିବା ୩୧ତମ ଆନ୍ତଃଜିଲ୍ଲା ଟିଟି ଚାମ୍ପିଅନସିପ୍‌ର ୧୫ ବର୍ଷରୁ କମ୍ ବାଳକ, ୧୯ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଆସନ୍ତାକାଲି ସେମିଫାଇନାଲ ଖେଳାଯିବ। ୧୫ ବର୍ଷରୁ କମ୍ ବାଳକ ବିଭାଗ ପ୍ରଥମ ସେମିଫାଇନାଲରେ ପୁରୀର ଜିଜ୍ଞାସୁ ସାଇ କିରଣ ପ୍ରଧାନଙ୍କ ସହ ଭୁବନେଶ୍ୱରର ସୋମନାଥ ସୁବୁଦ୍ଧି, ଦ୍ୱିତୀୟ ସେମିରେ ଭୁବନେଶ୍ୱରର ହିତେଶ ଅଗରୱାଲଙ୍କ ସହ କଟକର ସୟଦ୍ ଅର୍ଶ ଅଲିଙ୍କର ମୁକାବିଲା ହେବ। ୧୯ ବର୍ଷରୁ କମ୍ ବାଳକ ସେମିଫାଇନାଲରେ କଟକର ସାର୍ଥକ ରାୟଙ୍କ ସହ ପୁରୀର ଜିଜ୍ଞାସୁଙ୍କର ଓ କଟକର ଜିଜ୍ଞାସୁ ସାହୁଙ୍କ ସହ ଖୋର୍ଦ୍ଧାର ଅନିନ୍ଦ୍ୟ ଅନୁପମ ଦାସ୍‌ଙ୍କର ଲଢ଼େଇ ହେବ। ବାଳିକା ସିଙ୍ଗଲ୍ସ ଫାଇନାଲ ଟିକଟ ଲାଗି କଟକର ସାକ୍ଷୀ ଭଗତଙ୍କ ସହ ଖୋର୍ଦ୍ଧାର ଆସ୍ମା ଅଦିତି ଓ କଟକର ଆରାଧା ସାହୁଙ୍କ ସହ ଖୋର୍ଦ୍ଧାର ଉର୍ଜା ବର୍ମାଙ୍କର ମୁକାବିଲା ହେବ।

**ଡେଭିସ୍ କପ୍**

## ଇଟାଲୀକୁ ହ୍ୟାଟ୍ରିକ୍ ଟାଇଟଲ୍

ବୋଲୋଗ୍ନା, ୨୪।୧୧ (ଏଜେନ୍ସି): ସ୍ପେନ୍‌କୁ ୨-୦ ଗେମ୍‌ରେ ହରାଇ ଇଟାଲୀ କ୍ରମାଗତ ତୃତୀୟଥର ଲାଗି ଡେଭିସ୍ କପ୍ ଟିମ୍ ଟେନିସ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏଠାରେ ବେଷ୍ଟ ଅଫ୍ ଥ୍ରୀ ଫାଇନାଲ ଖେଳାଯାଇଥିଲା। ଏହା ମଧ୍ୟରୁ ପ୍ରଥମ ଦୁଇଟି ସିଙ୍ଗଲ୍ସରେ ମାଟ୍ଟେଓ ବେରେଟିନି ଓ ଫ୍ଲାଭିଓ କୋବୋଲି ବିଜୟ ହେବା ସହ ଟାଇଟଲ ଜିତିନେଇଥିଲେ। ତୃତୀୟ ମ୍ୟାଚ୍‌ର ଆବଶ୍ୟକତା ପଡ଼ି ନ ଥିଲା। ଏହା ପୂର୍ବରୁ ୧୯୭୬, ୨୦୨୩ ଓ ୨୦୨୪ରେ ମଧ୍ୟ ଇଟାଲୀ ଟାଇଟଲ ଜିତିଥିଲା। ଉଭୟ ଦଳ କିନ୍ତୁ ପ୍ରମୁଖ ଖେଳାଳିଙ୍କୁ ଖେଳାଇବାରେ ଅସମର୍ଥ ହୋଇଥିଲେ। ସୂଚନାଯୋଗ୍ୟ ବର୍ତ୍ତମାନ ବିଶ୍ୱର ଦୁଇ ଶ୍ରେଷ୍ଠ ଖେଳାଳି ଏହି ଦଳରେ ରହିଛନ୍ତି। ବିଶ୍ୱର ନଂ-୧ ଖେଳାଳି ଜାନିକ୍ ସିନ୍ନର ଇଟାଲୀର ଓ ନଂ-୨ କାର୍ଲୋସ୍ ଆଲକାରାଜ ସ୍ପେନର ନାଗରିକ।

**ବାରବାଟୀ ଟି-୨୦**

# ଫ୍ଲଡ୍‌ଲାଇଟ୍ ତ୍ରୁଟି ଧରିବ ସଫ୍ଟୱେୟାର

 କଟକ,୨୪।୧୧(ସମିସ)

ବାରବାଟୀରେ ହେବାକୁ ଥିବା ଭାରତ-ଦକ୍ଷିଣଆଫ୍ରିକା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍‌କୁ ଆଉ ୧୪ଦିନ ବାକି। ଶୃଙ୍ଖଳିତ ଢ଼ଙ୍ଗରେ ମ୍ୟାଚ୍ ପରିଚାଳନା କରାଯିବା ଏବଂ ପୂର୍ବ ତ୍ରୁଟିକୁ ନଦୋହରାଇବା ଦିଗରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ବିଶେଷ ଗୁରୁତ୍ୱ

■ ମ୍ୟାଚ୍ ପୂର୍ବରୁ ହେବ ଲାଇଟ୍ ଶୋ
■ ସମସ୍ୟା କରୁଛି ସାଇଡ୍‌ସ୍କ୍ରିନ; ଘୁଞ୍ଚିବ ସିଏମ୍ ଲାଉଞ୍ଜ

ଦିଆଯାଉଛି। ଫ୍ଲଡ୍‌ଲାଇଟ୍ ତ୍ରୁଟିକୁ ଏଡାଇବା ନିମନ୍ତେ ଆଗାମୀ ମ୍ୟାଚ୍‌ରେ ସ୍ୱତନ୍ତ୍ର ରୂପେ ଏକ ସଫ୍ଟୱେୟାର ବ୍ୟବହାର କରାଯିବ ବୋଲି ଓସିଏ କନସଲଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି। ବାରବାଟୀରେ ୮ଟି ଫ୍ଲଡଲାଇଟ୍ ରହିଛି। ପ୍ରତ୍ୟେକ ଖୁଣ୍ଟିରେ ୪୮ଟି ଲାଇଟ୍‌କୁ ମିଶାଇ ସମୁଦାୟ ୩୮୪ଟି ଯାକ ଲାଇଟ୍‌କୁ ଏବେ ଯାଞ୍ଚ କରାଯାଉଛି। ପ୍ରତ୍ୟେକ ଖୁଣ୍ଟିକୁ ସଫ୍ଟୱେୟାର ଜରିଆରେ ମନିଟରିଂ କରାଯିବ। ଯେକୌଣସି ସ୍ଥାନରେ ତ୍ରୁଟି ରହିଥିବ ତାହାର ସୂଚନା ଆଗୁଆ ମିଳିପାରିବ। ପ୍ରଥମଥର ନିମନ୍ତେ ଓସିଏ ଏହି ପଦକ୍ଷେପ ନେଇଛି ବୋଲି ବିଷ୍ଣୁପ୍ରସାଦ କହିଛନ୍ତି। ସେହିପରି ପ୍ରତ୍ୟେକ ଫ୍ଲଡଲାଇଟ୍‌କୁ ୨ଟି ଲେଖାଏ ଡିଜି ସେଟ୍ ସଂଯୋଗ କରାଯିବ। ଆଉ ୨ଟି ଡିଜି ସେଟ୍ ପାୱାର ଅନ୍ ଅବସ୍ଥାରେ ମହଜୁଦ ରଖାଯିବ।

ଗତ ଭାରତ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍ ବେଳେ ଫ୍ଲଡଲାଇଟ୍ ଲିଭିବା ଘଟଣାର ପୁନଃରାବୃତ୍ତି ଘଟିବାକୁ ଦିଆଯିବ ନାହିଁ ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଆଗାମୀ ମ୍ୟାଚ୍ ପାଇଁ ମୁଖ୍ୟମନ୍ତ୍ରୀ ଲାଉଞ୍ଜକୁ ସ୍ଥାନାନ୍ତର କରାଯିବା ପାଇଁ ଯୋଜନା ହୋଇଛି। ଲାଉଞ୍ଜ ସମ୍ମୁଖରେ ସାଇଡ୍ ସ୍କ୍ରିନ ରହି ବାଧା ସୃଷ୍ଟି କରୁଛି। ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏବଂ ହାଇକୋର୍ଟର ମୁଖ୍ୟ ବିଚାରପତି ଲାଉଞ୍ଜରେ ଦେଖିବାକୁ ମିଳିବେ। ପଦ୍ମ ଉପାଧି ବିଜେତା ଏବଂ ରାଜ୍ୟର ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଲାଉଞ୍ଜ ହେବ। ମ୍ୟାଚ୍ ଆରମ୍ଭ ପୂର୍ବରୁ ବାରବାଟୀରେ ଏଥର ଆକର୍ଷଣୀୟ ଲାଇଟ୍ ଶୋ ହେବ ବୋଲି ସୂଚନା ମିଳିଛି।

**ମହିଳା କବାଡ଼ି ବିଶ୍ୱକପ୍**

## କ୍ରମାଗତ ୨ୟ ଟାଇଟଲ୍ ଜିତିଲା ଭାରତ



ଢାକା, ୨୪।୧୧ (ଏଜେନ୍ସି): ବାଂଲାଦେଶରେ ଶେଷ ହୋଇଥିବା ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଛି। କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭାରତୀୟ ମହିଳା ଦଳ ୭ (୩୫-୨୮) ପଏଣ୍ଟରେ ଚାଇନିଜ ତାଇପେଇକୁ ପରାସ୍ତ କରିଥିଲା। ଫଳରେ ଭାରତୀୟ ମହିଳା କବାଡ଼ି ଦଳ କ୍ରମାଗତ ୨ୟଥର ଲାଗି ବିଶ୍ୱକପ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛି। ଏଥିପୂର୍ବରୁ ୨୦୧୨ରେ ପାଟନାରେ ଖେଳାଯାଇଥିବା ମହିଳା ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଇରାନକୁ ହରାଇ ଭାରତ ବିଶ୍ୱ ବିଜୟିନୀ ହୋଇଥିଲା। ଭାରତ ଏଥର ଟାଇଟଲ୍ ବଜାୟ ରଖିବା ସହ ସମ୍ପୂର୍ଣ୍ଣ ବିଶ୍ୱକପ୍‌ରେ ଗୋଟିଏ ହେଲେ ମ୍ୟାଚ୍ ହାରି ନ ଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ୪ଟି ଯାକ ମ୍ୟାଚ୍ ଜିତି ସେମିଫାଇନାଲରେ ପହଞ୍ଚିଥିଲା। ଏହାପରେ ସେମିଫାଇନାଲରେ ଭାରତ ୩୩-୨୧ରେ ଇରାନକୁ ହରାଇ ଫାଇନାଲକୁ ଉଠିଥିଲା। ଏହି ବିଶ୍ୱକପ୍‌ରେ ମୋଟ୍ ୧୧ଟି ଦେଶ ଅଂଶଗ୍ରହଣ କରିଥିଲେ।

**ବଧିର ଅଲିମ୍ପିକ୍ସ**

## ଓଡ଼ିଶାର ଲୋମା ସ୍ୱାଇଁଙ୍କୁ କାଂସ୍ୟ ପଦକ



ଟୋକିଓ, ୨୪।୧୧ (ଏଜେନ୍ସି): ଜାପାନରେ ଚାଲିଥିବା ଡିଫ୍ (ବଧିର) ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଲୋମା ସ୍ୱାଇଁଙ୍କୁ କାଂସ୍ୟ ପଦକ ମିଳିଛି। ସେ କରାଟେର ୫୦ କିଲୋରୁ କମ୍ କାଟାଗୋରୀରେ ଏହି ସଫଳତା ହାସଲ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ଲୋମା ହାରିଯିବା ପରେ ବିଜୟୀ କରାଟେକା ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲେ। ଯାହା ଫଳରେ ଲୋମାଙ୍କୁ ରିପ୍‌ଚେଜ୍‌ରେ ଖେଳିବାକୁ ସୁଯୋଗ ମିଳିଥିଲା। ଏଥିରେ ସେ ବ୍ରାଜିଲ୍‌ର ପ୍ରତିଯୋଗୀଙ୍କୁ ପରାସ୍ତ କରି କାଂସ୍ୟ ପଦକ ଜିତିବାରେ ସଫଳତା ପାଇଥିଲେ। ସେହିଭଳି ମହିଳା ସୁଟିଂର ୨୫ ମିଟର ପିସ୍ତଲ ଇଭେଣ୍ଟରେ ଭାରତର ପ୍ରଞ୍ଜଳି ପ୍ରଶାନ୍ତ ଧୁମାଲ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ତାଙ୍କର ୨ୟ ସ୍ୱର୍ଣ୍ଣ ପଦକ। ଚଳିତ ଅଲିମ୍ପିକ୍ସରେ ଭାରତୀୟ ସୁଟରମାନେ ବର୍ତ୍ତମାନ ସୁଦ୍ଧା ୧୬ଟି ପଦକ ଜିତିସାରିଛନ୍ତି। ଯେଉଁଥିରେ ୭ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ରହିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS